ବର୍ଷ-୨୫, ସଂଖ୍ୟା-୧୩୫
ଭୁବନେଶ୍ୱର
୧୮, ମଇ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 135
Bhubaneswar
18,May, 2025, Sunday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଦେଶ ଭିତରେ ଦେଶର ଶତ୍ରୁ

## ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ୟୁଟ୍ୟୁବରଙ୍କ ସହ ୬ ଗିରଫ

**ନୂଆଦିଲ୍ଲୀ,୧୭।୫(ଏଜେନ୍ସି):** ପାକିସ୍ତାନ ପାଇଁ କାମ କରୁଥିବା ୬ ଜଣ ଭାରତୀୟଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ହରିୟାଣାର ଜଣେ ଟ୍ରାଭେଲ ବ୍ଲଗର ଅଛନ୍ତି। ଏମାନେ ସମସ୍ତେ ଭାରତରେ ରହି ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିଲେ। ଅଳ୍ପ କିଛି ଟଙ୍କା ପାଇଁ ଦେଶ ବିରୋଧରେ କାମ କରୁଥିଲେ। ଭାରତର ସମ୍ବେଦନଶୀଳ ତଥ୍ୟକୁ ସେମାନେ ପାକିସ୍ତାନୀଙ୍କୁ ଦେଉଥିବା ଜଣାପଡ଼ିଛି। ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ନେଟୱର୍କ ହରିୟାଣାରୁ ପଞ୍ଜାବ ଯାଏ ଲମ୍ବିଛି। ପ୍ରମୁଖ ଅପରେଟିଭମାନେ ଏଜେଣ୍ଟ, ଆର୍ଥିକ ଅଧିକାରୀ ଓ ସୂଚନାଦାତା ଭାବେ କାମ କରନ୍ତି।

ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜ୍ୟୋତି ମାଲହୋତ୍ରା ନାମକ ମହିଳା ରହିଛନ୍ତି। ଟ୍ରାଭେଲ ୱିଥ ଜୋ ନାଁରେ ତାଙ୍କର ଗୋଟିଏ ୟୁଟ୍ୟୁବ ଚ୍ୟାନେଲ ରହିଛି। ସୁରକ୍ଷା ଅଧିକାରୀମାନେ ଜାଣିବାକୁ ପାଇଛନ୍ତି ଯେ ଜ୍ୟୋତି ବେଶ କିଛି ବର୍ଷ ହେଲା ପାକିସ୍ତାନ ପାଇଁ କାମ କରୁଥିଲେ। ସେ ଟ୍ରାଭେଲ ବ୍ଲଗ କରିବା ନାଁରେ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ସମ୍ପର୍କରେ ପାକିସ୍ତାନୀ ଏଜେଣ୍ଟ ମାନଙ୍କୁ ତଥ୍ୟ ଦେଇଛନ୍ତି।

କମିଶନ ଏଜେଣ୍ଟଙ୍କ ଦ୍ୱାରା ଭିସା ହାସଲ କରିବା ପରେ ଜ୍ୟୋତି ୨୦୨୩ରେ ପାକିସ୍ତାନ ମଧ୍ୟ ଗସ୍ତ କରିଥିଲେ। ପାକିସ୍ତାନ ଟ୍ରିପ ବେଳେ ଈଶାନ ଉର ରହିମ ଓରଫ ଦାନିଶଙ୍କ ସହ ତାଙ୍କର ଘନିଷ୍ଠତା ବଢ଼ିଥିଲା। ଦାନିଶ ହେଉଛନ୍ତି ନୂଆଦିଲ୍ଲୀରେ ଥିବା ପାକିସ୍ତାନ ହାଇକମିଶନର ଜଣେ କର୍ମଚାରୀ। ପହଲଗାମ ନରସଂହାର ପରେ ଦାନିଶଙ୍କୁ ଭାରତ ସରକାର ନିଲମ୍ବିତ କରି ସାରିଛନ୍ତି। ଜ୍ୟୋତିଙ୍କୁ ସେ ଏକାଧିକ ପାକିସ୍ତାନୀ ଗୁଇନ୍ଦା ଅପରେଟିଭଙ୍କ ସହ ପରିଚିତ କରାଇଥିଲେ।

ସେହି ଅପରେଟିଭମାନଙ୍କ ସହ ଜ୍ୟୋତି ହ୍ୱାଟସଆପ, ଟେଲିଗ୍ରାମ ଓ ସ୍ନାପଚାଟ ଭଳି ପ୍ଲାଟଫର୍ମରେ ନିୟମିତ ଯୋଗାଯୋଗ କରୁଥିଲେ। ସେହି



ଅପରେଟିଭମାନଙ୍କ ମଧ୍ୟରୁ ଜଣେ ହେଲେ ଶକିର ଓରଫ ରାଣା ଶାହବାଜ। ତାଙ୍କ ନମ୍ବରକୁ ଜ୍ୟୋତି ନିଜ ମୋବାଇଲରେ ଜାଟ ରାନ୍ଧୱା ନାଁରେ ସେଭ କରିଥିଲେ।

ଜ୍ୟୋତି ଭାରତର ବିଭିନ୍ନ ପ୍ରତିଷ୍ଠାନ ସହ ଜଡ଼ିତ ସମ୍ବେଦନଶୀଳ ତଥ୍ୟ ପାକିସ୍ତାନକୁ ପଠାଉଥିଲେ। ସେହିପରି ସୋଶାଲ ମିଡିଆରେ ପାକିସ୍ତାନର ଗୁଣଗାନ ପାଇଁ ଚାଲିଥିବା ଅଭିଯାନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ ଜଣେ ପାକିସ୍ତାନୀ ଅପରେଟିଭଙ୍କ ସହ ଜ୍ୟୋତିଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏପରି କି ସେ ତାଙ୍କ ସହ ଇଣ୍ଡୋନେସିଆର ବାଲି ମଧ୍ୟ ଯାଇ ବେଶ କିଛି ସମୟ କାଟିଥିଲେ। ଦାନିଶ ଦିଲ୍ଲୀରେ ଥିବାବେଳେ ଜ୍ୟୋତି ତାଙ୍କ ସହ ମିଶି ପୂରା ନେଟୱର୍କକୁ ଚଳାଉଥିଲେ।

ଏସବୁ କାରନାମ ସାମ୍ନାକୁ ଆସିବା ପରେ ଜ୍ୟୋତିଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ୧୫୨ ସମେତ ଅଫିସିଆଲ ସିକ୍ରେଟ ଆକ୍ଟ ୧୯୨୩ର ଧାରା ୩,୪ ଓ ୫ ବଳରେ ଗିରଫ କରାଯାଇଛି। ଜ୍ୟୋତିଙ୍କ ଠାରୁ ଲିଖିତ ସ୍ୱୀକାରୋକ୍ତି ହାସଲ କରାଯାଇଛି ଓ ମାମଲାକୁ ହିସରାରେ ଥିବା ଅର୍ଥନୀତିକ ଅପରାଧ ଶାଖାକୁ ହସ୍ତାନ୍ତର କରାଯାଇଛି।

ଜ୍ୟୋତିଙ୍କ ବ୍ୟତୀତ ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଘଟଣାରେ ଗିରଫ ହୋଇଥିବା ଆଉ ଜଣେ ମୁଖ୍ୟ ଅଭିଯୁକ୍ତ ହେଲେ ୩୨ ବର୍ଷୀୟ ଗୁଜାଲା। ପଞ୍ଜାବର ମାଲେରକୋଟଲାରେ ତାଙ୍କ ଘର। ସେ ଜଣେ ବିଧବା। ୨୦୨୫ ମସିହା ଫେବୃଆରୀ ମାସରେ ଗୁଜାଲା ନୂଆଦିଲ୍ଲୀରେ ଥିବା ପାକିସ୍ତାନ ହାଇକମିଶନକୁ ଯାଇ ଭିସା ଆବେଦନ କରିଥିଲେ। ସେଠାରେ ତାଙ୍କର ଦେଖା ଦାନିଶଙ୍କ ସହ ହୋଇଥିଲା। ଏହାପରେ ଉଭୟ ନିୟମିତ କଥାବାର୍ତ୍ତା ହେଉଥିଲେ। କଥାବାର୍ତ୍ତା ଆରମ୍ଭ ହେବା ପରେ ଦାନିଶ ତାଙ୍କୁ ହ୍ୱାଟସଆପ ବଦଳରେ ଟେଲିଗ୍ରାମରେ ଯୋଗାଯୋଗ କରିବାକୁ କହିଥିଲେ। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଦାନିଶ ତାଙ୍କର ବିଶ୍ୱାସ ଜିତିଥିଲେ। ଭିଡିଓ କଲ ଓ ମେସେଜରେ କଥା ହୋଇ ଗୁଜାଲାଙ୍କ ସହ ସେ ରୋମାଣ୍ଟିକ ସମ୍ପର୍କ ସ୍ଥାପନ କରିଥିଲେ।

ସମୟକ୍ରମେ ଗୁଜାଲାଙ୍କୁ ଦାନିଶ ଟଙ୍କା ପଠାଇବା ଆରମ୍ଭ କରିଥିଲେ। ମାର୍ଚ୍ଚ ୭ରେ ଫୋନ ପେ’ରେ ୧୦ ହଜାର ଓ ମାର୍ଚ୍ଚ ୨୩ରେ ଗୁଗଲ ପେ’ରେ ଗୁଜାଲାଙ୍କ ପାଖକୁ ୨୦ ହଜାର ଟଙ୍କା ଆସିଥିଲା। ଏହାପରେ ୧୦ ହଜାର ଟଙ୍କାକୁ ଦାନିଶ ଆଉ ଏକ ନମ୍ବରକୁ ପର୍ଯ୍ୟାୟକ୍ରମେ ପଠାଇବାକୁ ଗୁଜାଲାଙ୍କୁ କହିଥିଲେ। ତାଙ୍କ କଥାରେ ଗୁଜାଲା ଉକ୍ତ ନମ୍ବରକୁ ୧୮୦୦, ୮୯୯, ୬୯୯ ଓ ୩ ହଜାର ଟଙ୍କା ପଠାଇଥିଲେ। ଗୁଇନ୍ଦାଗିରି ମାମଲାରେ ଗିରଫ ହୋଇଥିବା ଅନ୍ୟମାନେ ହେଲେ ମାଲେରକୋଟଲାର ୟାମୀନ ମହମ୍ମଦ, ଦେବିନ୍ଦର ଢିଲନ ଓ ଅରମାନ। ୟାମୀନ ମହମ୍ମଦ ଆର୍ଥିକ କାରବାର ଓ ଭିସା ସହ ଜଡ଼ିତ କାମ ପାଇଁ ଦାନିଶଙ୍କ ସହ ହାତ ମିଳାଇଥିଲେ। ଢିଲନଙ୍କ ଘର ହରିୟାଣାର କୈଥାଲରେ। ସେ ଜଣେ ଶିଖ ଛାତ୍ର।

## ବିଦେଶରେ ପାକିସ୍ତାନକୁ ଘେରିବ ଭାରତ



**ନୂଆଦିଲ୍ଲୀ,୧୭।୫(ଏଜେନ୍ସି):** ଅପରେସନ ସିନ୍ଦୂର ପରେ ଭାରତ ଆତଙ୍କବାଦ ବିରୁଦ୍ଧରେ ନିଜ ଦୃଢ ନୀତିକୁ ବିଶ୍ୱମଂଚରେ ପ୍ରସ୍ତୁତ କରିବା ପାଇଁ ସର୍ବଦଳୀୟ ସାତଜଣିଆ ପ୍ରତିନିଧିମଣ୍ଡଳ ପଠାଇବାକୁ କେନ୍ଦ୍ର ସରକାର ନିଷ୍ପତି ନେଇଛନ୍ତି। ଏହି ପ୍ରତିନିଧିମଣ୍ଡଳୀ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟ ଥିବା ପ୍ରମୁଖ ପ୍ରମୁଖ ସହଯୋଗୀ ଦେଶଗୁଡିକ ଗସ୍ତ କରିବେ। ସଂସଦୀୟ କାର୍ଯ୍ୟ ମନ୍ତ୍ରାଳୟ ଅନୁସାରେ ଏହି ଯାତ୍ରା ‘ଅପରେସନ୍ ସିନ୍ଦୂର’ ସନ୍ଦର୍ଭରେ କରାଯାଇଛି। ଯାହା ଭାରତର ସୀମା ପାର ଆତଙ୍କବାଦ ବିରୁଦ୍ଧରେ ଚାଲିଥିବା ଅବିରତ ଲଢ଼େଇର ପ୍ରତୀକ। ଏହି ପ୍ରତିନିଧିମଣ୍ଡଳ ମାନଙ୍କର ଉଦ୍ଦେଶ୍ୟ ହେଉଛି ଭାରତର ଜାତୀୟ ସଂକଳ୍ପ ଓ ଆତଙ୍କବାଦର ସମସ୍ତ ରୂପ ଓ ପ୍ରକାର ବିରୁଦ୍ଧରେ ଥିବା ଦୃଢ଼ ଦୃଷ୍ଟିକୋଣକୁ ପ୍ରଦର୍ଶନ କରିବା। ଏହି ପ୍ରତିନିଧିମଣ୍ଡଳଗୁଡ଼ିକ ବିଶ୍ୱକୁ ଭାରତର ଆତଙ୍କବାଦ ପ୍ରତି ଶୂନ୍ୟ ସହିଷ୍ଣୁତା ନୀତିର ଏକ ଦୃଢ଼ ବାର୍ତ୍ତା ଦେବେ। ପ୍ରତ୍ୟେକ ପ୍ରତିନିଧିମଣ୍ଡଳରେ ବିଭିନ୍ନ ରାଜନୈତିକ ଦଳର ସାଂସଦମାନେ, ମୁଖ୍ୟ ରାଜନୈତିକ ବ୍ୟକ୍ତିତ୍ୱମାନେ ଓ ବିଶିଷ୍ଟ ରାଜନୈକ ଅଧିକାରୀମାନେ ଅନ୍ତର୍ଭୁକ୍ତ ହେବେ। ପ୍ରତିନିଧିମଣ୍ଡଳ ଗୁଡ଼ିକର ନେତୃତ୍ୱ କରୁଥିବା ସାଂସଦମାନଙ୍କ ମଧ୍ୟରେ ଅଛନ୍ତି – ଶଶି ଥରୁର (କଂଗ୍ରେସ), ରବି ଶଙ୍କର ପ୍ରସାଦ (ଭାଜପା), ସଂଜୟ କୁମାର ଝା (ଜେଡିଏୟୁ), ବୈଜୟନ୍ତ ପଣ୍ଡା (ଭାଜପା), କନିମୋଝି (ଦ୍ରାମୁକ), ସୁପ୍ରିୟା ସୁଳେ (ଏନସିପି-ଏସପି) ଓ ଶ୍ରୀକାନ୍ତ ଏକନାଥ ସିନ୍ଦେ (ଶିବସେନା)। ସରକାରଙ୍କ ଏହି ନିଷ୍ପତି ସଂପର୍କରେ ସୋସିଆଲ୍ ମିଡିଆ ଏକ୍ସରେ ସୂଚନା ଦେଇ ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି ଯେ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯେତେବେଳେ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଆସେ, ସେତେବେଳେ ଭାରତ ଏକତାରେ ଦୃଢ଼ଭାବରେ ଦୌଡ଼ିଥାଏ।

## ୩୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

**ଭୁବନେଶ୍ୱର,୧୭।୫ (ମହାଭାରତ):** ଚଳିତ ମାସ ୨୨ ତାରିଖରେ ୧ ଲକ୍ଷ ୧୪ ହଜାର କୋଟି ଟଙ୍କା ପ୍ରକଳ୍ପର ଗ୍ରାଉଣ୍ଡ ବ୍ରେକିଂ ଓ ଉଦ୍‌ଘାଟନ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲ୍ଲାରେ ୧୨ ପ୍ରକଳ୍ପର ଶିଳାନ୍ୟାସ ଓ ୪ ପ୍ରକଳ୍ପ ଉଦ୍‌ଘାଟନ କରିବେ। କେବଳ ଟାଟା କଂପାନିର ୬୩ ହଜାର କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ କରାଯିବ। ଏହାଦ୍ୱାରା ୩୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କେବଳ ବୁଝାମଣାପତ୍ର ସ୍ୱାକ୍ଷର (ଏମ୍‌ଓୟୁ) ନ କରି ରାଜ୍ୟ ସରକାର କାର୍ଯ୍ୟ ଜାରି ରଖିଛନ୍ତି। ଜେଏସ୍‌ଡବ୍ଲ୍ୟୁ ଓ ବେଦାନ୍ତ ବି ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଆଗକୁ ଗ୍ରାଉଣ୍ଡିଂ ହେବ। ଜଗତସିଂପୁରରେ ପୋସ୍କୋ ସ୍ଥାନରେ ଜେଏସ୍‌ଡବ୍ଲ୍ୟୁ ପ୍ଲାଣ୍ଟ କରୁଛି। କାମ ଆରମ୍ଭ ହେଲାଣି। ଏଏମ୍‌ଏନ୍‌ଏସ୍ ପାରାଦ୍ୱୀପରେ କାମ ଆରମ୍ଭ କରିଛି। କେନ୍ଦ୍ରାପଡ଼ାରେ କାମ ଜାରି ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତବର୍ଷ ୧ ତାରିଖରେ କହିଥିଲେ, କିଛି ମାସ ପୂର୍ବରୁ ଦିଲ୍ଲୀ ଓ ମୁମ୍ବାଇରେ ମେକ୍ ଇନ୍ ଓଡ଼ିଶାର ରୋଡ୍ ସୋ’ର ଆୟୋଜନ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ତରଫରୁ ମୁଁ ଯୋଗ ଦେଇଥିଲି। ସେହି ସମୟରେ ଉଭୟ ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ ସହିତ ଆଲୋଚନା କରିଥିଲି। ଏବେ ଏହି ୨ କଂପାନି ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ସେମାନେ କେନ୍ଦୁଝରରେ ଷ୍ଟିଲ କାରାଖାନା କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଜେଏସ୍‌ଡବ୍ଲ୍ୟୁ ସହ ପୋସ୍କୋ ଏମ୍‌ଓୟୁ କରିବା ପରେ ରାଜ୍ୟରେ ଷ୍ଟିଲ କାରଖାନା ନେଇ ଚର୍ଚ୍ଚା ଜୋର ଧରିଥିଲା। ଷ୍ଟିଲ ପ୍ଲାଣ୍ଟ ହେବା ଦ୍ୱାରା ସ୍ଥାନୀୟ ଲୋକଙ୍କ ସମେତ ରାଜ୍ୟର ଯୁବବର୍ଗଙ୍କୁ ନିଯୁକ୍ତି ମିଳିବାର ଆଶା ଦେଖାଯାଉଛି।

## ଲିଙ୍ଗିପୁର ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା

**ଭୁବନେଶ୍ୱର,୧୭।୫ (ମହାଭାରତ):** ଅପରେସନ୍ ‘ସିନ୍ଦୁର’ର ସଫଳତା ପାଳନ ଅବସରରେ ଭୁବନେଶ୍ୱର ଲିଙ୍ଗିପୁର ପଞ୍ଚାୟତରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବା ସହିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଲିଙ୍ଗିପୁର ପଞ୍ଚାୟତର ନୂଆଗାଁ ଛକଠାରୁ ଝାଡୁମଲ୍ଲୀ ମନ୍ଦିର ପର୍ଯ୍ୟନ୍ତ ହଜାର ହଜାର ଲୋକଙ୍କ ସହିତ ପ୍ରାୟ ୨ କିଲୋମିଟର ଅଞ୍ଚଳ ଶୋଭାଯାତ୍ରା କରିଥିଲେ। ଦେଶବ୍ୟାପୀ ଚଳିତ ମାସ ୧୭ ଓ ୧୮ ତାରିଖରେ ପଞ୍ଚାୟତ ସ୍ତରରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହେଉଛି।




ଶୋଭାଯାତ୍ରାକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅପରେସନ୍ ‘ସିନ୍ଦୁର’ର ସଫଳତା ପରେ ଏହି ତ୍ରିରଙ୍ଗା ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ। ଜାତି, ଧର୍ମ ନିର୍ବିଶେଷରେ ସବୁ ଭାରତୀୟ ଯେତେବେଳେ ତ୍ରିରଙ୍ଗା ତଳେ ଏକଜୁଟ୍ ହେବେ, ସେତେବେଳେ କୌଣସି ଶକ୍ତି ଆମ ବିରୋଧରେ ସଫଳ ହେବେନାହିଁ। ଆମ ଜାତୀୟ ପତାକା ତ୍ରିରଙ୍ଗା ହେଉଛି, ଆମର ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୁକସାକ୍ଷୀ।

ସେ ପୁଣି କହିଥିଲେ, ଆମର ସେନାବାହିନୀର ବୀର ଜବାନମାନେ ଆମ ମା’ମାନଙ୍କର ଓ ଭଉଣୀମାନଙ୍କର ସିନ୍ଦୁରର ମର୍ଯ୍ୟାଦା ରଖିଛନ୍ତି, ସେଥିପାଇଁ ମୁଁ ସେମାନଙ୍କୁ ସଲାମ୍ କରୁଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଜୀଜୀଙ୍କ ନେତୃତ୍ୱରେ ଆମେ ସବୁ ଭାରତୀୟ ନିରାପଦ। ମୋଦୀଜୀ କହିଛନ୍ତି ପ୍ରତ୍ୟେକ ଭାରତୀୟ ଶାନ୍ତି ଓ ସୁରକ୍ଷା ସହିତ ରହିବା ପାଇଁ ଭାରତବର୍ଷ ଶକ୍ତିଶାଳୀ ହେବା ଜରୁରୀ, ଆବଶ୍ୟକ ପଡ଼ିଲେ ଆମ ପାଇଁ ଶକ୍ତି ପ୍ରଦର୍ଶନ ମଧ୍ୟ ଜରୁରୀ ଏବଂ ମୋଦୀଜୀ ଏହାକୁ ଅପରେସନ୍ ‘ସିନ୍ଦୁର’ରେ ପ୍ରମାଣିତ କରି ଦେଖାଇଛନ୍ତି। ଅପରେସନ୍ ସିନ୍ଦୁର ଆଜି ସାରା ଦେଶକୁ ଆତଙ୍କବାଦ ବିରୋଧୀ ବାର୍ତ୍ତା ଦେଇଛି। ଏହା ମାଧ୍ୟମରେ ସାରା ବିଶ୍ୱକୁ ଭାରତ ଶିଖାଇ ଦେଇଛି ଯେ, ଆତଙ୍କବାଦ ଗତିବିଧି ବିରୋଧରେ ଶୂନ୍ୟସହନଶୀଳତା ନୀତି ମଧ୍ୟ ଆମେ ଆପଣେଇପାରୁ। ସେ ପୁଣି କହିଥିଲେ ଯେ, ଆଜି ଦେଶର ସମସ୍ତ ରାଜନୈତିକ ଦଳ ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ଏକଜୁଟ୍ ହୋଇଛନ୍ତି। ଶତ୍ରୁର ପ୍ରତ୍ୟେକ ଆହ୍ୱାନର ଉଚିତ ଜବାବ ଦେବା ପାଇଁ ଆମ ସେନାବାହିନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ତ୍ରିରଙ୍ଗା ଯାତ୍ରା ଆମ ସମସ୍ତଙ୍କୁ ଦେଶପ୍ରେମରେ ବାନ୍ଧି ରଖିବାକୁ ଉଦବୁଦ୍ଧ କରିଛି। ଆମେ ସମସ୍ତେ ଏକାଠି ହୋଇ ମିଳିମିଶି କାମ କଲେ ଜୀବନର ସମସ୍ତ କଠିନ ପରିସ୍ଥିତିକୁ ଦୂର କରିପାରିବା। ଶୋଭାଯାତ୍ରାରେ ଏକାମ୍ର ବିଧାୟକ ବାବୁ ସିଂହ, ବିଜେପି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବ୍ଲକ୍ ଅଧ୍ୟକ୍ଷା ନିରୂପମା ସାହୁ ଯୋଗ ଦେଇଥିଲେ।

## ବ୍ରହ୍ମସ୍ କିଣିବାକୁ ୧୫ ଦେଶ ଆଗ୍ରହୀ

**ନୂଆଦିଲ୍ଲୀ,୧୭।୫(ଏଜେନ୍ସି):** ଭାରତ ଏବଂ ପାକିସ୍ତାନ ମଧ୍ୟରେ ନିକଟରେ ହୋଇଥିବା ସାମରିକ ସଂଘର୍ଷରେ, ବିଶ୍ୱ ଭାରତର ପ୍ରତିରକ୍ଷା ଉତ୍ପାଦର ଶକ୍ତି ଦେଖିଥିଲା। ଭାରତ ପାକିସ୍ତାନ ଉପରେ ୧୫ଟି ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ମାଡ଼ କରିଥିଲା, ଯାହା ୧୧ଟି ବାୟୁସେନା ଘାଟିକୁ ଧ୍ୱଂସ କରିଥିଲା। ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ବ୍ରହ୍ମୋସର ଏହି ବିନାଶକାରୀ ସଫଳତା ବିଶ୍ୱକୁ ଦେଖାଇ ଦେଇଛି ଯେ ଭାରତ ଆଉ ବିଦେଶୀ ପ୍ରତିରକ୍ଷା ଉତ୍ପାଦ ଉପରେ ନିର୍ଭରଶୀଳ ନୁହେଁ ବରଂ ଦେଶରେ ତିଆରି ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଶତ୍ରୁକୁ




ପଛକୁ ହଟାଇ ପାରିବ। ଏହି ସଂଘର୍ଷ ପରେ ବିଶ୍ୱରେ ବ୍ରହ୍ମସର ଚାହିଦା ବଢିଯାଇଛି। ପ୍ରାୟ ୧୫ରୁ ଅଧିକ ଦେଶ ଏହାକୁ କିଣିବାକୁ ଆଗ୍ରହ ଦେଖାଇଛନ୍ତି। ଇତି ମଧ୍ୟରେ ଫିଲିପାଇନ୍ସ ଭାରତରୁ ବ୍ରହ୍ମସ କିଣିବାକୁ ୨୦୨୨ରେ ୩୭.୪ କୋଟି ଡଲାରର ଏକ ଚୁକ୍ତି କରିଥିଲା ଓ ଭାରତ ଏହାର ଯୋଗାଣ ଆରମ୍ଭ କରିଦେଇଛି। ପ୍ରାୟ ୧୫ରୁ ଅଧିକ ଦେଶ ଏହାକୁ କିଣିବାକୁ ଆଗ୍ରହ ଦେଖାଇଛନ୍ତି। ଇତି ମଧ୍ୟରେ ଫିଲିପାଇନ୍ସ ଭାରତରୁ ବ୍ରହ୍ମସ କିଣିବାକୁ ୨୦୨୨ରେ ୩୭.୪ କୋଟି ଡଲାରର ଏକ ଚୁକ୍ତି କରିଥିଲା ଓ ଭାରତ ଏହାର ଯୋଗାଣ ଆରମ୍ଭ କରିଦେଇଛି ।

## ‘ଡାଇନିଂ ଟେବୁଲରେ ମହାପ୍ରସାଦ ସେବନ କରନ୍ତୁନି’

**ଭୁବନେଶ୍ୱର,୧୭।୫(ମହାଭାରତ):** ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଡାଇନିଂ ଟେବୁଲରେ ମହାପ୍ରସାଦଦ ସେବନ ନ କରିବାକୁ ନିବେଦନ କରାଯାଇଛି। ଡାଇନିଂ ଟେବୁଲରେ ମହାପ୍ରସାଦ ସେବନର ଭିଡିଓ ଭାଇରାଲ ହେବା ପରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ନିବେଦନ କରି କୁହାଯାଇଛି ଯେ ମହାପ୍ରଭୁଙ୍କ ଦିବ୍ୟ ପ୍ରସାଦ ଅନ୍ନବ୍ରହ୍ମ ରୂପେ ପୂଜିତ। ଭୂମିରେ ବସି ମହାପ୍ରସାଦ ସେବନର ବିଧି ଅନାଦି କାଳରୁ ରହିଆସିଛି। ତେଣୁ ଡାଇନିଂ ଟେବୁଲରେ ବସି ମହାପ୍ରସାଦ ସେବନ ନ କରିବାକୁ ନିବେଦନ କରାଯାଉଛି। ହୋଟେଲଗୁଡ଼ିକ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହାସହିତ ନିଜ ଅତିଥିଙ୍କୁ ଏଭଳି କାର୍ଯ୍ୟରୁ ବିରତ ରହିବାକୁ ସଚେତନ କରିବାକୁ କୁହାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଟ୍ୱିଟ୍ କରି କୁହାଯାଇଛି ଯେ ପୁରୀ ଶ୍ରୀକ୍ଷେତ୍ରର ଏକ ହୋଟେଲରେ କିଛି ବ୍ୟକ୍ତି ଡାଇନିଂ



ଟେବୁଲରେ ମହାପ୍ରସାଦ ସେବନ କରୁଥିବା ଚିତ୍ର ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ଶ୍ରୀମନ୍ଦିର ପ୍ରଶାସନର ନଜରକୁ ଆସିଅଛି । ଏହି ଚିତ୍ରକୁ ନେଇ ଶ୍ରୀଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏହି ସନ୍ଦର୍ଭରେ ଶ୍ରୀମନ୍ଦିର ପକ୍ଷରୁ ସ୍ପଷ୍ଟ କରାଯାଉଛି ଯେ, ମହାପ୍ରଭୁଙ୍କ ଦିବ୍ୟ ମହାପ୍ରସାଦ ଅନ୍ନବ୍ରହ୍ମ ରୂପେ ପୂଜିତ। ଭୂମିରେ ବସି ମହାପ୍ରସାଦ ସେବନର ବିଧି ପରମ୍ପରା ଅନାଦି କାଳରୁ ରହିଆସିଛି। ତେଣୁ ଏଭଳି ଡାଇନିଂ ଟେବୁଲରେ ମହାପ୍ରସାଦ ସେବନ କରିବା ଭଳି ପରମ୍ପରା ବିରୋଧୀ କାର୍ଯ୍ୟରୁ ବିରତ ରହିବାକୁ ସମସ୍ତ ଭକ୍ତ ସମାଜକୁ ବିନମ୍ର ନିବେଦନ କରାଯାଉଛି। ହୋଟେଲ ଗୁଡିକ ମଧ୍ୟ ଏଥିପାଇଁ ଦୃଷ୍ଟି ଦେବା ସହ ନିଜ ଅତିଥିଙ୍କୁ ଏଭଳି କାର୍ଯ୍ୟରୁ ବିରତ ରହିବାକୁ ସଚେତନ କରିବାକୁ ଅନୁରୋଧ। ମହାପ୍ରସାଦ କହିଲେ ଶ୍ରୀମନ୍ଦିରରେ ପ୍ରସ୍ତୁତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦକୁ ବୁଝାଇଥାଏ। ଏହାର ସେବନ ମନୁଷ୍ୟକୁ ମୁକ୍ତି ପ୍ରଦାନ କରିଥାଏ ବୋଲି ବିଶ୍ୱାସ ରହିଛି । ଏହା ମାନବ ଶରୀରର କୌଣସି କ୍ଷତି କରିନଥାଏ। ମହାପ୍ରସାଦର ରନ୍ଧନଶୈଳୀକୁ ଦୃଷ୍ଟିଦେଲେ ଜାଣି ହୁଏ ଯେ, ଏହା ସମ୍ପୂର୍ଣ୍ଣ ବାମ୍ଫଦ୍ୱାରା ପ୍ରସ୍ତୁତ ହୋଇଥାଏ । ରନ୍ଧନ କାର୍ଯ୍ୟରେ ବ୍ୟବହୃତ ପରିବାରୁ ଚୋପା ଛଡ଼ା ଯାଇନଥାଏ।

## ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ

**ଭଦ୍ରକ,୧୭।୫ (ମହାଭାରତ):** ରାସ୍ତା କାମର ବକେୟା ବିଲ୍ ପାଇଁ ରାସ୍ତା ଉପରେ ନେଉଥିଲେ ଲାଞ୍ଚ। ଠିକାଦାରଙ୍କ ଠାରୁ



ଲାଞ୍ଚ ନେବା ବେଳେ ମାଡ଼ି ବସିଲା ଭିଜିଲାନ୍ସ। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର କନିଷ୍ଠ ଯନ୍ତ୍ରୀ ଅଶୋକ ଦାସ ଲାଞ୍ଚ ନେବାବେଳେ ଧରା ପଡ଼ିଛନ୍ତି। ସୂଚନା ଅନୁଯାୟୀ କନିଷ୍ଠ ଯନ୍ତ୍ରୀ ଅଶୋକ ଦାସ ଏକ ରାସ୍ତା କାମର ବିଲ ପାଇଁ ଠିକାଦାରଙ୍କୁ ଲାଞ୍ଚ ମାଗିଥିଲେ। ଏ ନେଇ ଭିଜିଲାନ୍ସକୁ ଜଣାଇଥିଲେ ଠିକାଦାର। ପରେ ବାସୁଦେବପୁର ବ୍ଲକ ଅଧିନ ନିଉ ଇଣ୍ଡିଆ ଛକ ନିକଟରେ କନିଷ୍ଠ ଯନ୍ତ୍ରୀ ଅଶୋକ ଦାସ ୧୦ ହଜାର ଟଙ୍କା ନେଉଥିବା ବେଳେ ବାଲେଶ୍ୱର ଓ ଭଦ୍ରକର ଭିଜିଲାନ୍ସ ଟିମ ମିଳିତ ଭାବେ ରାସ୍ତା ଉପରେ ମାଡ଼ି ବସିଥିଲେ। ଅଶୋକଙ୍କୁ ଭଦ୍ରକ ଭିଜିଲାନ୍ସ ଅଫିସକୁ ଅଣାଯାଇଥିବା ବେଳେ ତାଙ୍କ ବାସଭବନ, ଭଡା ଘର୍ ଓ ସରକାରୀ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ଉ ହେଉଥିବା ନେଇ ସୂଚନା ମିଳିଛି।

## ଭୁଶୁଡୁଛି ଲାଲଗଡ, ୨୦ ମାଓବାଦୀ ଗିରଫ

**ମାଲକାନଗିରି,୧୭।୫ (ମହାଭାରତ):** ଛତିଶଗଡ ଏବଂ ତେଲେଙ୍ଗାନା ସୀମାନ୍ତ କାରେଗଟ୍ଟା ଜଙ୍ଗଲରେ ଲଗାତାର ସର୍ଚ୍ଚ ଅପରେସନ ଜାରି ରହିଥିବା ବେଳେ ପୋଲିସକୁ ମିଳିଛି ଏକ ବଡ ସଫଳତା। ତେଲେଙ୍ଗାନା ମୁଲୁଗୁ ଜିଲ୍ଲା ପୁଲିସକୁ ଭିନ୍ନ ଭନ୍ନ ମାଓ ସଂଗଠନର ୨୦ ଜଣ ନକ୍ସଲକୁ ଗିରଫ କରିବାରେ ସଫଳତା ମିଳିଛି। ଏଥିସହ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋଟକ ମଧ୍ୟ ଜବତ କରାଯାଇଛି। ନକ୍ସଲ ଦମନ କ୍ଷେତ୍ରରେ ପୁଲିସର ଘନଘନ ଚଢାଉ ଏବଂ ଅପରେସନ ବେଳେ ଭେଙ୍କଟାପୁରମ, ୟଜେଡୁ, କନ୍ୟାୟିଗୁଡମ ଅଂଚଳରୁ ଏହି ନକ୍ସଲମାନଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ଏମାନଙ୍କ ମଧ୍ୟରେ ଜଣେ ଡିଭିଜନ ମେମ୍ବର, ୫ ଏରିଆ କମିଟି ମେମ୍ବର



ଏବଂ ୧୪ ଜଣ ପାର୍ଟି ସଦସ୍ୟ ରହିଛନ୍ତି। ପୋଲିସ ସର୍ଚ୍ଚ ଅପେରସନ କରୁଥିବା ବେଳେ ଏହି ମାଓବାଦୀମାନେ ଜଂଗଲରେ ବୋମା ଖଞ୍ଜୁଥିବା ବେଳେ ପୁଲିସ ଏମାନଙ୍କୁ ଜଂଗଲରେ ଘେରି ଗିରଫ କରିଥିଲା। ଏମାନଙ୍କୁ ଧରି ପଚରାଉଚରା କରିବା ପରେ ଏମାନେ ନକ୍ସଲ ସଂଗଠନରେ କାମ କରୁଥିବା କହିଥିଲେ। ଏହି ଗିରଫ ମାଓବାଦୀମାନେ ଛତିଶଗଡ଼, ତେଲେଙ୍ଗାନା ଏବଂ ଓଡ଼ଶାର ବିଭିନ୍ନ ସଂଗଠନରେ କାମ କରୁଥିବା ସ୍ୱୀକାର କରିଥିଲେ। ଏକ ବଡ ଅଘଟଣକୁ ଘଟାଇବା ପାଇଁ ଏମାନେ ପ୍ରସ୍ତୁତ ହେଉଥିଲେ। ଏମାନେ ଚାରି ରାଜ୍ୟରେ ବହୁ ହିଂସା ଘଟାଇବା ସହ ପୁଲିସ ଉପରେ ମଧ୍ୟ ଆକ୍ରମଣ କରିଥିବା ସ୍ୱୀକାର କରିଛନ୍ତି। ଏମାନଙ୍କ ଠାରୁ ଏସଏଲଆର ରାଇଫଲ, ଇନସାସ ରାଇଫଲ, ୩୦୩ ରାଇଫଲ, ୮ ଏମଏମ ରାଇଫଲ, ଜୀବନ୍ତ ଗ୍ରେନେଡ, ନଗର ୫୮,୧୫୫ ଟଂକା, ୱାକିଟକି, ରେଡିଓ, ପେନଡ୍ରାଇଭ, ମେମୋରି କାର୍ଡ, କିଟବ୍ୟାଗ ଇତ୍ୟାଦି ଜବତ କରାଯାଇଛି। ଗିରଫ ମାଓବାଦୀମାନେ ହେଲେ ଏସିଏମ କୁଞ୍ଜାମ ଲକ୍ମା (୨୩), କାଲିମେଲା ଦଲମ କମାଣ୍ଡର ଏମ.ସୁମତି ଅରଫ ସାତୀ (୨୧), ପାର୍ଟି ମେମ୍ବର ମାଡକମ କୋସି (୨୧), ପଡିୟମ ଜଗା (୨୩), ମାଧବୀ ସୀମା (୧୯), ମୁସାକି ରଞ୍ଜୁ (୨୨), ଡିଭିସିଏମ କମିଟି ମେମ୍ବର କଛମ ଭୀମ (୩୦), ପାର୍ଟି ମେମ୍ବର ସୋଡି ଉଙ୍ଗି (୨୪), ଭଞ୍ଜାମ ମୁକେ (୨୩), ହେମଲା ସୁକି (୨୦), କୁଜାମ ହୁଙ୍ଗା (୧୯), ପୁନେମ ଭୀମେ (୨୩), ଏସିଏମ କଛାମ ଜଗା (୨୩), ପୁନେମ ଭୀମେ (୧୮), ପିଏଲଜିଏ ସଦସ୍ୟ ନୁପଲ ଗାଙ୍ଗି (୨୦), ପାର୍ଟି ମେମ୍ବର ହେମଲା ସୋନି (୧୯), ଉଇକେ ମାସା (୨୦), ପୋଡିୟମ ଲକ୍ମା (୨୦), ଉଦମ ସମଦୁ (୨୦)। ପୁଲିସ ଏମାନଙ୍କୁ ଧରି ପଚରାଉଚରା କରିବା ପରେ କୋର୍ଟ ଚାଲାଣ କରିଥିବା କହିଛି।

# ଭେଜ ପନିୟାରମ

ସାମଗ୍ରୀ: ଇଡ଼ଲି ବ୍ୟାଟର , ଗାଜର , ଧନିଆ ପତ୍ର, କଟା ଅଦା , ରିଫାଇନ ତେଲ, କଟା ପିଆଜ , ବନ୍ଧା କୋବି ,ପୁଦିନା ପତ୍ର, କଞ୍ଚା , ଲୁଣ

ପ୍ରସ୍ତୁତି ପ୍ରଣାଳୀ: ଏହି ରେସିପି ତିଆରି କରିବା ଲାଗି ସର୍ବପ୍ରଥମେ ଏକ କାଚ ପାତ୍ରରେ ଇଡ଼ଲି ବ୍ୟାଟର ଢାଳନ୍ତୁ। ଏହାପରେ ପିଆଜ , ଗାଜର , ଧନିଆ ପତ୍ର, ପୁଦିନା ପତ୍ର, ଅଦା , ଅଟା, କଞ୍ଚାଲଙ୍କା, ବନ୍ଧା କୋବି ଓ ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଆପଣ ଏଥିରେ ଚାଟ ମସଲା ମଧ ପକାଇପାରିବେ। ସମସ୍ତ ସାମଗ୍ରୀକୁ ଭଲ ଭାବେ ମିଶାଇ ସାରିବା ପରେ ଏହାକୁ ୧୫ ରୁ ୨୦ ମିନିଟ ଅଲଗା ରଖି ଦିଅନ୍ତୁ। ଯାହାଫଳରେ ଏହା ଭଲ ଭାବେ ଫର୍ମେଟ ହୋଇଯିବ। ବ୍ୟାଟର ଅଧିକ ମୋଟା ହୋଇଯାଇଥିଲେ ଏଥିରେ ଅଳ୍ପ ପାଣି ମିଶାଇପାରିବେ। ଏହାପରେ ପନିୟାରମ ମେକରରେ ଅଳ୍ପ ରିଫାଇନ ତେଲ ଦିଅନ୍ତୁ। ବ୍ୟାଟର ଢାଳନ୍ତୁ। ଏହି କଣ୍ଟେନରକୁ ଢାଙ୍କୁଣୀରେ ଘୋଡ଼ାଇ ମଧ୍ୟମ ଆଞ୍ଚରେ ଗରମ କରନ୍ତୁ। କିଛି ସମୟ ପରେ ଏହାକୁ ଲେଉଟାଇ ଅପରପାର୍ଶ୍ୱକୁ ମଧ୍ୟ ସିଝିବାକୁ ଦିଅନ୍ତୁ। ପନିୟାରମ ନ ଫୁଲିବା ଯାଏ ଏହାକୁ ସିଝିବାକୁ ଦିଅନ୍ତୁ। ଛୁରି କିମ୍ବା ଚାମଚରେ ପନିୟାରମ୍‌କୁ ପ୍ଲେଟକୁ ବ୍ୟବହାର କରି ନିଜ ପସନ୍ଦର ଚଟଣୀ ସହିତ ଖାଆନ୍ତୁ ଏବଂ ଖୁଆନ୍ତୁ।



ଖବର

# ଅନନ୍ତ ମହାପାତ୍ରଙ୍କ 'ଭାବାନ୍ତର'



ମର୍ଯ୍ୟାଦାଜନକ ମୋହନ ସୁନ୍ଦର ଦେବଗୋସ୍ୱାମୀ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅନନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶିତ ଓଡ଼ିଆ ଛବି 'ଭାବାନ୍ତର' ଏବେ ମୁକ୍ତି ପ୍ରତୀକ୍ଷାରେ ରହିଛି। ଏହାକୁ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ ପକ୍ଷରୁ ୟୁ/ଏ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ଇତିମଧ୍ୟରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଏହା ପ୍ରଦର୍ଶିତ ହୋଇସାରିଛି। ଏଥିରେ ସୂର୍ଯ୍ୟମୟୀ, ଅଭିଷେକ ଗିରି, ରବି ତ୍ରିପାଠୀ, ମିଲନ୍, ବିନାୟକ ମିଶ୍ର, ସରୋଜ ନନ୍ଦ, ମମତା ସାହୁ ଓ ପ୍ରିୟା ବିଶୋଇ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି।

ପତି, ସ୍ତ୍ରୀ ଓ ପ୍ରେମିକଙ୍କ ତ୍ରିକୋଣୀୟ ସଂପର୍କକୁ ନେଇ ଗିଉଠିଥିବା ଅଜୟ ମହାପାତ୍ରଙ୍କ କାହାଣୀ ଆଧାରିତ ଏହି ଛବିର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଅନନ୍ତ ମହାପାତ୍ରୟ ଧ୍ରୁବାନନ୍ଦ ପଣ୍ଡା ଏହାର ସିନେମାଟୋଗ୍ରାଫର୍। ଶକ୍ତି ପ୍ରସାଦ ମିଶ୍ର ଏଥିରେ ସ୍ୱରସଂଯୋଜନା କରିଥିବା ବେଳେ ଗୀତ ରଚନା କରିଛନ୍ତି ବର୍ଷିୟାନ୍ ଗୀତିକାର ଦେବଦାସ ଛୋଟରାୟ। ସୁସ୍ମିତା ଦାସ ଏଥିରେ କଣ୍ଠଦାନ କରିଛନ୍ତି।

# ଆଲମାରୀରେ ରଖନ୍ତୁ ଗୋଟିଏ କପ୍ ଚାଉଳ



ବର୍ଷାଦିନେ କପଡ଼ା ନଶୁଖିବାରୁ ଆଲମାରୀରେ ଥିବା ପୋଷାକ ଗନ୍ଧାଇବା ଆରମ୍ଭ କରିଥାଏ। ଏହି ପୋଷାକ ଶୀରର ସମ୍ପର୍କରେ ଆସିଲେ ଫଙ୍ଗଲ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ। ଯାହାଦ୍ୱାରା ତ୍ୱଚରେ ବିଭିନ୍ନ ପ୍ରକାର ରୋଗ ଦେଖାଦେଇଥାଏ। ଏସବୁରୁ ରକ୍ଷା ପାଇବା ପାଇଁ ଆପଣ ଔଷଧ ଉପରେ ନିର୍ଭର କରିଥା'ନ୍ତି। ତେବେ ଏଥିପାଇଁ ଚିନ୍ତା କରନ୍ତୁ ନାହିଁ, ପୋଷାକକୁ ଭଲ ରଖିବା ପାଇଁ ଆପଣ କିଛି ଘରକରଣା ଉପାୟ ଅବଲମ୍ବନ କରିପାରିବେ। ଏଥିପାଇଁ ଆଲମାରୀରେ ଗୋଟିଏ କପ୍ ଚାଉଳ ରଖନ୍ତୁ। ଆସନ୍ତୁ ଜାଣିବା ଆଲମାରୀରେ ଚାଉଳ ରଖିଲେ କେଉଁସବୁ ଲାଭ ମିଳିଥାଏ।

- ବର୍ଷା ଦିନେ ଆଲମାରୀରେ ଚାଉଳ ରଖିଲେ ପୋଷାକରେ ହେଉଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଥା'ନ୍ତି ତେଣୁ ଆପଣଙ୍କ କପଡ଼ା ସୁରକ୍ଷିତ ରହିଥାଏ।
- ଚାଉଳ ଆଲମାରୀରୁ ଦୁର୍ଗନ୍ଧ ଦୂର କରିଥାଏ। ଆପଣ ଚାହିଁଲେ ଗୋଟିଏ କପ୍ ଚାଉଳରେ କିଛି ବୁନ୍ଦା ଏସେନ୍ସିଆଲ୍ ଅଏଲ୍ କିମ୍ବା ପରଫ୍ୟୁମ୍ ପକାଇ ମୁହଁରେ କପଡ଼ା ଗୁଡ଼ାଇ ରଖିପାରିବେ। ଏହି କପକୁ ଆଲମାରୀର ଖାଲି ଥିବା ସ୍ଥାନରେ ରଖନ୍ତୁ। ଚାଉଳରେ ପରଫ୍ୟୁମ୍ ପଡ଼ିଥିବାରୁ ଆଲମାରୀ ସହିତ ପୋଷାକ ମଧ ବାସ୍ନା ହେବ।
- ଚାଉଳକୁ ଆଲମାରୀରେ ଗୋଟିଏ ମାସରୁ ଅଧିକ ଦିନ ଯାଏଁ ରଖନ୍ତୁ ନାହିଁ। ଗୋଟିଏ ମାସ ପରେ କପରୁ କପଡ଼ା ବାହାର କରି ଚାଉଳକୁ ବଦଳାଇ ଏଥିରେ ପରଫ୍ୟୁମ୍ ଓ ଏସେନସିଆଲ୍ ଅଏଲ୍ ପକାନ୍ତୁ। କାରଣ ଚାଉଳ ଅଧିକ ଦିନ ରହିଲେ, ଖରାପ ହୋଇଯାଇଥାଏ। ତେଣୁ ପୋଷାକ ଏହା ସମ୍ପର୍କରେ ଆସିଲେ ଶୀଘ୍ର ଖରାପ ହେବାର ସମ୍ଭାବନା ରହିଥାଏ।

# ଭଗବାନ ଶିବଙ୍କ ପ୍ରମୁଖ ଅବତାର

ଶିବ ପୁରାଣରେ ମହାଦେବଙ୍କ ପ୍ରମୁଖ ଅବତାର ବିଷୟରେ ବର୍ଣ୍ଣନା ରହିଛି । ତାଙ୍କର ଭିନ୍ନ ଭିନ୍ନ ଅବତାର ଏବଂ ତା'ପଛରେ ରହିଥିବା କାରଣ ବିଷୟରେ ମଧ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ଶିବଙ୍କ ଦଶ ଅବତାର ସମ୍ପର୍କରେ ପୁରାଣରେ ଉଲ୍ଲେଖ ରହିଛି, ସେମାନେ ହେଲେ ମହାକାଳ, ତାରକ, ଭୁବନେଶ, ଷୋଡ଼ଶ, ଭୈରବ, ଛିନ୍ନମସ୍ତକ ଗିରିଜା, ଧୂମବାନ, ବଗଳାମୁଖ, ମାତଙ୍ଗ ଓ କମଳ ଅବତାର । ଏହି ଦଶଅବତାର ତନ୍ତ୍ରଶାସ୍ତ୍ର ସମ୍ବନ୍ଧୀୟ ବୋଲି କୁହାଯାଇଛି । ଏହାବ୍ୟତୀତ ଶିବଙ୍କ ୧୧ ଅବତାର- କପାଳୀ, ପିଙ୍ଗଳ, ଭୀମ, ବିରୂପାକ୍ଷ, ବିଲୋହିତ, ଶାସ୍ତା, ଅଜପାଦ, ଅପିର୍ବୁଧ, ଶମ୍ଭୁ, ଚଣ୍ଡ ଏବଂ ଭବ ଅବତାର



ସମ୍ପର୍କରେ ମଧ ଶିବପୁରାଣରେ ବର୍ଣ୍ଣନା ରହିଛି । ଏହି ଅବତାର ବ୍ୟତୀତ ମହର୍ଷି ଦୁର୍ବାସା, ମହେଶ, ବୃଷଭ, ପିପ୍ପଳାଦ, ବୈଶ୍ୟନାଥ, ଦ୍ୱିଜେଶ୍ୱର, ହଂସରୂପ, ଅବଧୂତେଶ୍ୱର, ଭିକ୍ଷୁଭର୍ଯ୍ୟ, ସୁରେଶ୍ୱର, ବ୍ରହ୍ମଚାରୀ, ସୁନଟତର୍କ, ଦ୍ୱିଜ, ଅଶ୍ୱତଥାମା, କିରାତ ଏବଂ ନଟେଶ୍ୱର ଆଦି ଅବତାର ସମ୍ପର୍କରେ ଶିବ ପୁରାଣରେ ଉଲ୍ଲେଖ ରହିଛି । ତେବେ ଏମାନଙ୍କୁ ଶିବଙ୍କ ଅଂଶାବତାର ବୋଲି କୁହାଯାଇଛି । ବୀର ହନୁମାନ ଏବଂ ଭୈରବ ହେଉଛନ୍ତି ଶିବଙ୍କର ସବୁଠୁ ଚର୍ଚ୍ଚିତ ଅବତାର ।



# କେମିତି ଜନ୍ମନେଲେ ରାବଣ ଓ ତା'ର ଭାଇ-ଭଉଣୀ ?

ସୃଷ୍ଟି ଆରମ୍ଭ ସମୟରେ ଭଗବାନ ବ୍ରହ୍ମା ଅନେକ ଜଳ-ଜନ୍ତୁଙ୍କୁ ସୃଷ୍ଟି କଲେ । ସେମାନଙ୍କୁ ସମୁଦ୍ର ଜଳର ସୁରକ୍ଷା ଦାୟିତ୍ୱ ଦେଲେ । ସେହି ଜନ୍ତୁମାନଙ୍କ ମଧ୍ୟରୁ କେତେକ କହିଲେ, ଆମେ ସମୁଦ୍ର ଜଳର ରକ୍ଷା କରିବକୁ ଏବଂ କିଛି କହିଲେ ଆମେ ଏହାକୁ ଯକ୍ଷଣ(ପୂଜା) କରିବୁ । ଏହାପରେ ବ୍ରହ୍ମା କହିଲେ, ଯେଉଁମାନେ ରକ୍ଷଣ କରିବେ ସେମାନେ 'ରାକ୍ଷସ' ନାମରେ ପରିଚିତ ହେବେ ଏବଂ ଅନ୍ୟ ଯେଉଁମାନେ ଯକ୍ଷଣ କରିବେ ସେମାନେ 'ଯକ୍ଷ' ନାମରେ ପରିଚିତ ହେବେ।

ପୁରାଣ କାଳରେ ହେତି ଏବଂ ପ୍ରହେତି ନାମରେ ଦୁଇ ରାକ୍ଷସ ଭ୍ରାତା ଥିଲେ । ପ୍ରହେତି ତପସ୍ୟା କରିବାକୁ ଚାଲିଗଲା, କିନ୍ତୁ ହେତି ଜଣେ ରାକ୍ଷସୀ ଭୟାକୁ ବିବାହ କଲା । ସେମାନଙ୍କ ଠାରୁ ବିଦ୍ୟୁତ୍‌କେଶ ନାମକ ପୁତ୍ର ଉତ୍ପନ୍ନ ହେଲା । ବିଦ୍ୟୁତ୍‌କେଶର ସୁକେଶ ନାମରେ ଏକ ପରାକ୍ରମୀ ପୁତ୍ର ଥିଲା । ସୁକେଶର ୩ ଜଣ ପୁତ୍ର ଥିଲେ- ମାଲ୍ୟବାନ, ସୁମାଳୀ ଏବଂ ମାଳୀ । ଏହି ତିନି ଜଣ ବ୍ରହ୍ମାଙ୍କୁ ତପସ୍ୟା କରି ବରଦାନ ଲାଭ କଲେ ଯେ ସେମାନଙ୍କ ମଧ୍ୟରେ ସର୍ବଦା ସ୍ନେହପୂର୍ଣ୍ଣ ସମ୍ପର୍କ ରହିବ । କେବେ ସେମାନେ ଅଲଗା ହେବ ନାହିଁ ଏବଂ କେହି ସେମାନଙ୍କୁ ପରାଜିତ କରିପାରିବେ ନାହିଁ । ବରଦାନ ଲାଭ କରି ୩ରାକ୍ଷସ ନିର୍ଭୟ ହୋଇଗଲେ । ଏହାପରେ ସେମାନେ ଜଗତବାସୀଙ୍କୁ ହଇରାଣ କରିବାକୁ ଲାଗିଲେ । ସେମାନେ ବିଶ୍ୱକର୍ମାଙ୍କୁ ଅତ୍ୟନ୍ତ ସୁନ୍ଦର ନଗର ନିର୍ମାଣ କରିବାକୁ କହିଲେ । ବିଶ୍ୱକର୍ମା ସେମାନଙ୍କୁ ଲଙ୍କାପୁରୀର ଠିକଣା କହିଲେ ଏବଂ ସେମାନେ ଅତି ଆନନ୍ଦରେ ସେଠାରେ ରହିବାକୁ ଲାଗିଲେ । ସମୟ ବିତିବା ପରେ ମାଲ୍ୟବାନ ରାକ୍ଷସର ୭ଜଣ ପୁତ୍ର ଜନ୍ମ ନେଲେ- ବଜ୍ରମୁଷ୍ଟି, ବିରୂପାକ୍ଷ, ଦୁର୍ମୁଖ, ସୁପ୍ତଘ୍ନ, ଯଜ୍ଞକୋପ, ମତ୍ତ ଏବଂ ଉନ୍ମତ୍ତ । ସୁମାଳୀର ଦଶ ଜଣ ପୁତ୍ର ଥିଲେ- ପ୍ରହସ୍ତ, ଅକମ୍ପନ, ବିକଟ, କାଳିକାମୁଖ, ଧୂମ୍ରାକ୍ଷ, ଦଣ୍ଡ, ସୁପାର୍ଶ୍ୱ, ସହ୍ରଦି, ପ୍ରଧସ ଏବଂ ଭାରକର୍ଣ୍ଣ । ମାଳୀ ଠାରୁ ଅନଳ, ଅନୀଳ, ହର ଏବଂ ସମ୍ପାତି ନାମରେ ୪ଜଣ ପୁତ୍ର ଜନ୍ମ ନେଲେ । ଏମାନେ ସମସ୍ତେ ଶକ୍ତିଶଳୀ ଏବଂ ଦୁଷ୍ଟ ପ୍ରକୃତିର ହୋଇଥିବା କାରଣରୁ ଋଷି-ମୁନିଙ୍କୁ କଷ୍ଟ ଦେଲେ । ସେମାନଙ୍କ ପ୍ରତାଡ଼ନା ସହିନପାରି ଋଷିଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ । ବିଷ୍ଣୁ ସେମାନଙ୍କୁ ଆଶ୍ୱାସନା ଦେଲେ ଯେ ମୁଁ ଦିନେ ନିଶ୍ଚେ ଏହି ଦୁଷ୍ଟ ରାକ୍ଷସମାନଙ୍କୁ ସଂହାର କରିବି । ଭଗବାନ ବିଷ୍ଣୁଙ୍କ ଆଶ୍ୱାସନାର ଖବର ପାଇବା ପରେ ରାକ୍ଷସଗଣ ମନ୍ତ୍ରଣା କରି ସଂଗଠିତ ହେଲେ । ମାଳିର ସେନାପତିତ୍ୱରେ ଇନ୍ଦ୍ରଲୋକ ଉପରେ ଆକ୍ରମଣ କଲେ । ଏହି ସୂଚନା ପାଇଁ ଭଗବାନ ବିଷ୍ଣୁ ନିଜ ଅସ୍ତ୍ର-ଶସ୍ତ୍ର ସହ ରାକ୍ଷସଙ୍କୁ ସଂହାର କରିବାକୁ ଲାଗିଲେ । ସେନାପତି ମାଳି ସହିତ ବହୁତ ରାକ୍ଷସ ପ୍ରାଣ ହରାଇଲେ । ଆଉ କିଛି ପଳାୟନ କଲେ । ପଳାୟନ କରୁଥିବା ଅବସ୍ଥାରେ ମଧ ନାରାୟଣ ସେମାନଙ୍କୁ ସଂହାର କରିଚାଲିଲେ । ମାଲ୍ୟବାନ କ୍ରୋଧିତ ହୋଇ ପୁଣିଥରେ ଯୁଦ୍ଧ ଭୂମିକୁ ଫେରିଲା । ହେଲେ ଭଗବାନ ବିଷ୍ଣୁ ସେହି ରାକ୍ଷସକୁ ବଧ କରିଦେଲେ । ଶେଷରେ ଯୁଦ୍ଧରୁ ବଞ୍ଚିଯାଇଥିବା ସୁମାଳି ନିଜ ସୈନ୍ୟସାମନ୍ତଙ୍କୁ ଧରି ପାତାଳ ଲୋକରେ ଲୁଚିଗଲା । ଏହାପରେ ଧନପତି କୁବେର ଲଙ୍କାରେ ନିଜ ରାଜ୍ୟ ପ୍ରତିଷ୍ଠା କଲେ ।

ରାକ୍ଷସଙ୍କ ବିନାଶ ଦ୍ୱାରା ଦୁଃଖିତ ହୋଇ ସୁମାଳି ନିଜ କନ୍ୟା କୈକେସୀକୁ କହିଲା ଯେ ହେ ପୁତ୍ରୀ ! ତୁମେ ରାକ୍ଷସ ବଂଶର କଲ୍ୟାଣ ଚାହୁଁଥିଲେ ପରମତପସ୍ୱୀ ମହର୍ଷି ବିଶ୍ରବାଙ୍କ ପାଖକୁ ଯାଇ ପୁତ୍ର ପ୍ରାପ୍ତି କର । ସେହି ପୁତ୍ର ହିଁ ହି ଦେବତାମାନଙ୍କର ବିନାଶ କରି ପୁଣିଥରେ ରାକ୍ଷସ କୁଳର ଉଦ୍ଧାର କରିବ । ପିତାଙ୍କ ଆଜ୍ଞା ପ୍ରାପ୍ତ କରି କୈକେସୀ ବିଶ୍ରବାଙ୍କ ନିକଟକୁ ଗଲା । ସେ ସମୟରେ ଭୟଙ୍କର ବର୍ଷାଝଡ଼ ହେଉଥିଲା । ଆକାଶରେ ମେଘ ଗର୍ଜୁଥିଲା । କେକେସୀର ଅଭିପ୍ରାୟ ଜାଣିବା ପରେ ବିଶ୍ରବା କହିଲେ, ମୁଁ ତୁମକୁ ପୁତ୍ର ଦେଇପାରେ, କିନ୍ତୁ ତୁମ ସନ୍ତାନ ଦୁଷ୍ଟ ସ୍ୱଭାବ ତଥା କ୍ରୂର ହେବେ । ମୁନିଙ୍କ କଥା ଶୁଣି କୈକେସୀ ତାଙ୍କ ପାଦ ତଳେ ପଡ଼ିଗଲା ଏବଂ କହିଲା, ଆପଣ ବ୍ରହ୍ମଜ୍ଞାନୀ ମହାତ୍ମା । ଆପଣଙ୍କ ଠାରୁ ଦୂରାଚାରୀ ପୁତ୍ର ପାଇବା ଲାଗି ମୁଁ ଆଶା କରୁନାହିଁ । ଏଣୁ ଆପଣ ମୋ ଉପରେ କୃପା କରନ୍ତୁ । କୈକେସୀଙ୍କ ବଚନ ଶୁଣି ମୁନି ବିଶ୍ରବା କହିଲେ, ଠିକ୍ ଅଛି ତୁମର କନିଷ୍ଠ ପୁତ୍ର ସଦାଚାରୀ ଏବଂ ଧର୍ମାତ୍ମା ହେବ । ଏହାପରେ କୈକେସୀଙ୍କ ପ୍ରଥମ ପୁତ୍ର ରୂପରେ ରାବଣ, ଦ୍ୱିତୀୟ ପୁତ୍ର ରୂପେ କୁମ୍ଭକର୍ଣ୍ଣ, କନ୍ୟା ସୂର୍ପଣଖା ଏବଂ ବିଭୀଷଣ ଜନ୍ମ ନେଲେ । ରାବଣ ଏବଂ କୁମ୍ଭକର୍ଣ୍ଣ ଅତ୍ୟନ୍ତ ଦୁଷ୍ଟ ପ୍ରକୃତିର ଥିଲେ, କିନ୍ତୁ ବିଭୀଷଣ ଧର୍ମାତ୍ମା ପ୍ରକୃତିର ଥିଲା ।

# ଚକ୍ଷୁ ସମସ୍ୟାରୁ ମୁକ୍ତି ଦିଏ ପେସ୍ତା

ନିଜକୁ ସୁସ୍ଥ ସବଳ ରଖିବା ପାଇଁ ଆମେ ପ୍ରତିଦିନ ବିଭିନ୍ନ ପ୍ରକାର ପୋଷଣ ଯୁକ୍ତ ଖାଦ୍ୟ ଖାଇଥାଉ । ଭୁରି ଭୋଜନ ବ୍ୟତୀତ ଆମେ ଏମିତି କିଛି ଖାଦ୍ୟ ବି ଖାଇଥାଉ ଯାହା ସ୍ୱାଦିଷ୍ଟ ହେବା ସହ



ଶରୀରରକୁ ବିଭିନ୍ନ ଜରୁରୀ ଉପାଦାନ ଯୋଗାଇଥାଏ। ଆଜିକା ସମୟରେ ଅଧିକାଂଶ ଲୋକେ ପ୍ରତିଦିନ କିଛି କିଛି ଡ୍ରାଏ ଫ୍ରୁଟସ ଖାଇବା ଅଭ୍ୟାସ କଲେଣି । ଏହି ଡ୍ରାଏ ଫ୍ରୁଟସ ମଧ୍ୟରୁ ପେସ୍ତା ହେଉଛି ଅନ୍ୟତମ । ଆଉ ମଧ ଏଥିରେ ଥିବା ଭରପୁର ଆଣ୍ଟି ଅକ୍ସିଡେଣ୍ଟ ହୃଦରୋଗ, କ୍ୟାନ୍ସର ପରି ରୋଗ ସହ ଲଢ଼ିବାରେ ସାହାଯ୍ୟ କରେ । ତେବେ ଆସନ୍ତୁ ଆଜି ପେସ୍ତାର ଆଉ କିଛି କିଛି ଉପାଦେୟ ଗୁଣ ବିଷୟରେ ଜାଣିବା ।

ଅତ୍ୟଧିକ ପ୍ରଦୂଷଣ, ଅନିୟମିତ ଦିନଚର୍ଯ୍ୟା କାରଣରୁ ଖୁବ କମ ବୟସରୁ ଅଧିକାଂଶ ଲୋକେ ଚକ୍ଷୁ ଜନିତ ସମସ୍ୟାରେ ପୀଡିତ ହେଉଛନ୍ତି । ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଲ୍ୟୁଟିନ, ଜ୍ୱିକ୍ସାଥିନ ମୋତିୟାବିନ୍ଦୁ ଓ ବୟସ ଜନିତ ଚକ୍ଷୁ ସମସ୍ୟାରୁ ମୁକ୍ତି ଦେଇଥାଏ । ଏହାବ୍ୟତୀତ ପେସ୍ତା କାର୍ବୋହାଇଡ୍ରେଟ, ଫାଇବର , ଫ୍ୟାଟ, ଆମିନା ଏସିଡ ମୁହଁ ଦୁର୍ଗନ୍ଧ, ମୁଣ୍ଡ ବିନ୍ଧା, କୋଷ୍ଠକାଠିନ୍ୟ, କୁଣ୍ଡେଇ ହେବା ଆଦି ସମସ୍ୟାରୁ ମୁକ୍ତି ଦେଇଥାଏ । ଖାଲି ସେତିକି ନୁହେଁ ପାଚନ ସମସ୍ୟାକୁ ବି ଏହା ସୁଧାରି ଥାଏ । ଶରୀରରେ ସୁସ୍ଥ ବ୍ୟାକ୍ଟେରିଆ ସଂଖ୍ୟାକୁ ମଧ ବଢ଼ାଇ ଥାଏ । ପିସ୍ତା ତେଲରେ ମୁଣ୍ଡ ମାଲିସ କଲେ ମଧ ଦୀର୍ଘଦିନର ମୁଣ୍ଡ ଯନ୍ତ୍ରଣା ଦୂର ହୁଏ । ନିର୍ଦ୍ଦିଷ୍ଟ ମାତ୍ରାରେ ନିୟମିତ ସେବନ କରିବା ଦ୍ୱାରା ଥକ୍କା ପଣ ମେଣ୍ଟିବା ସହ ରକ୍ତରେ ଶର୍କରା ମାତ୍ରା ସନ୍ତୁଳିତ ରହିଥାଏ ।

# ଲୁହା ପଥର ଉତ୍ପାଦନ ଓ ଯୋଗାଣ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୭।୫ (ମହାଭାରତ):** ଇଣ୍ଡିଆନ୍ ଷ୍ଟିଲ ଆସୋସିଏସନ୍ ର ଅଧକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଇସ୍ପାତ କ୍ଷେତ୍ରର ଅନେକ ପ୍ରତିନିଧି ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ ଅଧିକ ଷ୍ଟିଲ ଉତ୍ପାଦନ ଓ ଏଥିପାଇଁ ଆବଶ୍ୟକ ସୁବିଧା ସୁଯୋଗର ବୃଦ୍ଧି ଉପରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବା ଓଡିଶାର ଲକ୍ଷ୍ୟ। ଏଥିରେ ଖଣି ଓ ଷ୍ଟିଲ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ। ତେଣୁ, ଓଡିଶାରେ କମ୍ପାନୀ ପ୍ରତିଷ୍ଠା କରୁଥିବା ସଂସ୍ଥା ଗୁଡିକୁ ସୁବିଧାରେ କଂଚାମାଲ୍ ଯୋଗାଇଦେବା ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଷ୍ଟିଲ କମ୍ପାନୀ ଗୁଡିକୁ ମଧ୍ୟ ଉପଯୁକ୍ତ ବିଚାର ଆଲୋଚନା କରାଯାଇ ନିୟମ ଅନୁସାରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ବର୍ତମାନ ଦେଶର ଷ୍ଟିଲ ଉତ୍ପାଦନ ପରିମାଣ ବାର୍ଷିକ ୧୬୫ ମିଲିଅନ୍ ଟନ ରହିଛି।୨୦୪୭ ସୁଦ୍ଧା ଏହି ପରିମାଣ ୫୦୦ ମିଲିଅନ୍ ଟନ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି। ଦେଶର ଷ୍ଟିଲ ଉତ୍ପାଦନ ବୃଦ୍ଧିରେ ଓଡିଶାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ରହିବ ମଧ୍ୟ। ତେଣୁ, ଷ୍ଟିଲ କମ୍ପାନୀ ମାନଙ୍କୁ ଯେପରି ସୁବିଧାରେ ଲୁହାପଥର ମିଳିବ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ମିଳି ପାରିବ, ସେ ବିଷୟରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ବୈଠକରେ ଅଧିକ ଲୁହା ପଥର ଖଣିର ନିଲାମ୍ ଏବଂ ନିଲାମ୍ ହୋଇଥିବା ଖଣି ଗୁଡିକରୁ ଶୀଘ୍ର ଉତ୍ତୋଳନ ଆରମ୍ଭ ଉପରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ପ୍ରାୟ ୩୦ ଟି ଖଣି ନିଲାମ୍ ହେବାର ସମ୍ଭାବନା ରହିଛି ବୋଲି ଜଣାଯାଇଛି। ଏହା ସହିତ ଓଏମସିରୁ କିପରି ସୁବିଧାରେ ଷ୍ଟିଲ କମ୍ପାନୀ ମାନଙ୍କୁ ଲୁହାପଥର ଯୋଗାଇ ଦିଆଯାଇ ପାରିବ, ସେ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ସଚିବ ମାନେ ଉପସ୍ଥିତ ଥିଲେ।

# କିମସରେ ଲାଗିଲା କର୍ଣ୍ଣ-ନାସା-ଗଳା ଅସ୍ତ୍ରୋପଚାର ମେସିନ୍

**ଭୁବନେଶ୍ୱର,୧୭।୫ (ମହାଭାରତ):** କର୍ଣ୍ଣ-ନାସା-ଗଳା ଓ କର୍କଟ ରୋଗର ଉନ୍ନତ ଅସ୍ତ୍ରୋପଚାର ପାଇଁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (କିମ୍ସ)ରେ ଏକ ଅତ୍ୟାଧୁନିକ ସିଓଟୁ ମେସିନ୍ ଉଦ୍‌ଘାଟିତ ହୋଇଯାଇଛି। କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ମେସିନ୍‌କୁ ଉଦ୍‌ଘାଟନ କରି କହିଛନ୍ତି। ଏହା କର୍ଣ୍ଣ-ନାସା-ଗଳା ଓ କର୍କଟ ରୋଗର ଉନ୍ନତ ଅସ୍ତ୍ରୋପଚାର କ୍ଷେତ୍ରରେ ଏହା ଏକ ମାଇଲ୍ ଖୁଣ୍ଟ ହେବ। ଏହା ଦ୍ୱାରା ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ଲୋକମାନେ ଅତ୍ୟାଧୁନିକ ଚିକିତ୍ସା ପାଇପାରିବେ। ଏହି ଅବସରରେ କିମ୍ସ କର୍ଣ୍ଣ-ନାସା-ଗଳା ବିଭାଗର ମୁଖ୍ୟ ଡା. କବିକାନ୍ତ ସାମନ୍ତରାୟ ଉଙ୨ ଲେଜର ମେସିନ୍‌ର ବିଭିନ୍ନ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। କର୍କଟ ଓ କର୍ଣ୍ଣ-ନାସା-ଗଳା ରୋଗୀଙ୍କ ଅସ୍ତ୍ରୋପଚାର କ୍ଷେତ୍ରରେ ଏହା ହେଉଛି ସର୍ବାଧୁନିକ ମେସିନ୍ ବୋଲି ସେ ଦାବି କରିଛନ୍ତି। ଏହା ଦ୍ୱାରା ବିନା ରକ୍ତକ୍ଷୟରେ ଅସ୍ତ୍ରୋପଚାର ହେଉଥିବା ଯୋଗୁଁ ରୋଗୀ ଦ୍ରୁତ ଆରୋଗ୍ୟ ଲାଭ କରିଥାଏ। ଏହି ମେସିନ୍ ଦ୍ୱାରା ସ୍ୱରଯନ୍ତ୍ର ଅସ୍ତ୍ରୋପଚାର ଭଳି ସମସ୍ତ ପ୍ରକାର ସୂକ୍ଷ୍ମ ଓ ଜଟିଳ ଅସ୍ତ୍ରୋପଚାର ସମ୍ଭବ ହୋଇପାରିବ। ଏହି ଅସ୍ତ୍ରୋପଚାର ପାଇଁ ପୂର୍ବରୁ ରୋଗୀମାନେ ମୁମ୍ବାଇ କିମ୍ବା ଦିଲ୍ଲୀକୁ ଯାଉଥିଲେ। ଏଥିପାଇଁ ସେମାନଙ୍କୁ ଆର୍ଥିକ ବୋଝ ପଡୁଥିଲା। କିମ୍ସରେ ଏହି ସୁବିଧା ଉପଲବ୍ଧ ହେବା ପରେ ଏଣିକି ରୋଗୀଙ୍କୁ ସୁଲଭ ଦରରେ ଏହି ସୁବିଧା ମିଳିପାରିବ। କିମ୍ସରେ ଲେଜର-ଆଧାରିତ ଏହି ଚିକିତ୍ସା ୨୪ଘଣ୍ଟିଆ ଉପଲବ୍ଧ ହେବ। ସମ୍ପ୍ରତି ଲେଜର



ଅସ୍ତ୍ରୋପଚାର ଚାହିଦା ରୋଗୀଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ବେଳେ କିମ୍ସରେ ଏହି ସୁବିଧା ସହିତ, ଠିକ୍ ଏବଂ ସର୍ବନିମ୍ନ କ୍ଷତରେ ଚିକିତ୍ସା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଡା. ସାମନ୍ତରାୟ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିମ୍ସ ମେଡିକାଲ୍ କଲେଜ ଅଧକ୍ଷ ପ୍ରଫେସର ଆର ସି ଦାସ, କିମ୍ସ ମେଡିକାଲ ଅଧିକ୍ଷକ ଡା ମାନସ ରଞ୍ଜନ ବେହେରା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମାନକୀକରଣ ଏବଂ ଦ୍ରବ୍ୟ ଓ ସେବାରେ ଗୁଣାତ୍ମକତା ସମ୍ପର୍କିତ ବୈଠକ



**ଭୁବନେଶ୍ୱର,୧୭।୫ (ମହାଭାରତ):** ଭାରତୀୟ ମାନକ ବ୍ୟୁରୋ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍ ) ଏବଂ ଓଡିଶା ସରକାରଙ୍କ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ମାନକୀକରଣ ଏବଂ ଦ୍ରବ୍ୟ ଓ ସେବା କ୍ଷେତ୍ରରେ ଗୁଣାତ୍ମକତା ସଂପର୍କରେ ଦ୍ୱିତୀୟ ରାଜ୍ୟସ୍ତରୀୟ ବୈଠକ ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉଭୟ ଭାରତୀୟ ମାନକ ବ୍ୟୁରୋ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସହଯୋଗକୁ ସହଜ କରିବାରେ ସାହାଯ୍ୟ କରିବ।

ଜନସାଧାରଣ ଏବଂ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଉତ୍ପାଦ, ସେବାର ମାନକୀକରଣ ଏବଂ ଗୁଣବତ୍ତା ସଚେତନତା ସଂପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସଭାରେ ଶିଳ୍ପ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍ (ବିଆଇଏସ), ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ସମେତ ରାଜ୍ୟ ସରକାରଙ୍କ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ଔଦ୍ୟୋଗିକ ସଂଘରୁ କର୍ତ୍ତୃପକ୍ଷମାନେ ଅଂଶଗ୍ରହଣ କରିଥିଲେ। ଭାରତୀୟ ମାନକକୁ କାର୍ଯ୍ୟକାରୀ କରି ରାଜ୍ୟରେ ଏକ ସୁସ୍ଥ ଗୁଣବତ୍ତା ଇକୋସିଷ୍ଟମ୍ ବିକାଶକୁ ସମର୍ଥନ କରିବା ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

# ଛାତ୍ରଛାତ୍ରୀଙ୍କ କ୍ୟାରିୟର ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

**ଭୁବନେଶ୍ୱର,୧୭।୫ (ମହାଭାରତ):** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ମଧ୍ୟରେ ଆଜି ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗୀୟ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆର ଅଧିକାରୀ, ବିଭିନ୍ନ ବିଶ୍ୱ ବିଦ୍ୟାଳୟର କୁଳପତିମାନଙ୍କର ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସମୟରେ ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ ଓ ଛାତ୍ରଛାତ୍ରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ବୁଝାମଣା ପତ୍ର ସ୍ୱାକ୍ଷର ମାଧ୍ୟମରେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ



ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ ହେବା ସହିତ ବିତୀୟ ସାକ୍ଷାରତାରେ ମଧ୍ୟ ଅଭିବୃଦ୍ଧି ହେବ। ଏଥିସହିତ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ବିଭିନ୍ନ ନିଯୁକ୍ତି ସୁଯୋଗ ମଧ ପାଇପାରିବେ।

ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଜି ଉଚ୍ଚଶିକ୍ଷା ବିଭାଗ ଏବଂ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ୨ ପ୍ରକାର କୋର୍ସ ପ୍ରଦାନ କରାଯିବ ଯାହାକି ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ କରିବା ସହିତ ବିତୀୟ ସାକ୍ଷାରତାକୁ ମଧ ବୃଦ୍ଧି କରିବ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ବିତୀୟ କ୍ଷେତ୍ରରେ ବିଭିନ୍ନ ନିଯୁକ୍ତି ସୁଯୋଗ ମଧ ପାଇପାରିବେ। କଳା, ବିଜ୍ଞାନ, ବାଣିଜ୍ୟ ଓ ବିଭିନ୍ନ ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଏହି କୋର୍ସ କରିପାରିବେ। କେବଳ କନ୍‌ଭେନ୍‌ସନାଲ୍ କ୍ୟାରିୟର ମଧ୍ୟରେ ସୀମିତ ନରହି ଏହା ଛାତ୍ରଛାତ୍ରୀ ମାନଙ୍କ ପାଇଁ ନୂତନ କ୍ୟାରିୟର ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରିବ।

ବିଗତ ଦିନରେ ଉଚ୍ଚଶିକ୍ଷା ବିଭାଗ ସହ ବିଓପିଟି (ବୋର୍ଡ ଅଫ ପ୍ରାକ୍ଟିକାଲ ଟ୍ରେନିଙ୍ଗ) ଏବଂ ବିଏଫଏସଆଇ ସେକ୍ଟର ସ୍କିଲ କାଉନସିଲର ବୁଝମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା ଯାହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଅନେକ ଇଣ୍ଟରନସିପ୍ ଓ ନିଯୁକ୍ତି ସୁଯୋଗ ପାଇଛନ୍ତି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ସହିତ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ମଧ ଆଗାମୀ ଦିନରେ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅନେକ ସୁଯୋଗ ପ୍ରଦାନ କରିବ।

# ଜାତୀୟ ରାଜପଥର ସ୍ଥିତି ପରଖିଲେ ପୃଥ୍ୱୀରାଜ

**ଭୁବନେଶ୍ୱର,୧୭।୫ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀଙ୍କର ଓଡ଼ିଶା ପ୍ରତି ଥିବା ପ୍ରତିବଦ୍ଧତାର ନିଦର୍ଶନ ସ୍ୱରୂପ କେନ୍ଦ୍ର ସରକାରଙ୍କଠାରୁ ଓଡ଼ିଶାରେ ରାଜପଥ ବିକାଶ ପାଇଁ ଚଳିତ ବର୍ଷ ପ୍ରାୟ ୧୪ ହଜାର କୋଟି ଟଙ୍କାର ପ୍ରତିଶ୍ରୁତି ମିଳିଛି। ଏହା ଏକ ସର୍ବକାଳୀନ ରେକର୍ଡ ଏବଂ ଏହା ଦ୍ୱାରା ଓଡ଼ିଶାରେ ରାଜପଥର ପ୍ରଭୂତ ବିକାଶ ହୋଇପାରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଆଜି ଦ୍ରୁତ ପ୍ରଗତି ପଥରେ ଆଗକୁ ଅଗ୍ରସର ହେଉଛି। ଏଥିସହିତ ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ନେଇ ରାଜ୍ୟ ସରକାର ପ୍ରତିଟି ଭିତିଭୂମିକୁ ସୁଦୃଢ଼ କରିବା କ୍ଷେତ୍ରରେ ପ୍ରୟାସ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯେକୌଣସି ଅଞ୍ଚଳର ବିକାଶ ପାଇଁ ସୁଦୃଢ଼ ସଡ଼କ ଯୋଗାଯୋଗ ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ। ତେଣୁ ଏହି ସୁଯୋଗର ସଦୁପଯୋଗ କରି ରାଜ୍ୟରେ ଏକ ସର୍ବଶ୍ରେଷ୍ଠ ତଥା ସୁଦୃଢ଼ ରୋଡ ନେଟ୍‌ୱାର୍କ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେବାକୁ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସ୍ଥାନୀୟ ନିର୍ମାଣ ସୌଧସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଜାତୀୟ



ରାଜପଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭିନ୍ନ ଜାତୀୟ ରାଜପଥର ପ୍ରଶସ୍ତିକରଣ, ଜମି ଅଧିଗ୍ରହଣ ସମସ୍ୟାର ସମାଧାନ, ଫରେଷ୍ଟ କ୍ଲିୟରାନ୍ସ, ନିରନ୍ତର ଫ୍ଲାଏ ଆସ୍ ଯୋଗାଣ, ହାଇଲେବଲ ବ୍ରିଜ୍ ଓ ରେଲୱେ ଓଭର ବ୍ରିଜ୍ ନିର୍ମାଣ ଏବଂ ଡିସ୍‌କମଜନିତ ସମସ୍ୟା ସମାଧାନ ସହିତ ଦ୍ୱରିତ ବେଗରେ କାର୍ଯ୍ୟ ଆଗେଇ ନେବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ନେଇ ବରିଷ୍ଠ ଅଧିକାରୀ ଏବଂ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ଯୋଗଦେଇ ଖୋର୍ଦ୍ଧା ସହର ବାଇପାସ୍ ରାସ୍ତା, କଳିଙ୍ଗାଘାଟ ରାସ୍ତାର ପ୍ରଶସ୍ତିକରଣ, ଖରିଆର ରୋଡ ୪ ଲେନ୍ ବିଶିଷ୍ଟ ରେଲ୍‌ୱେ ଓଭର ବ୍ରିଜ୍, କୋରାପୁଟ ଜିଲ୍ଲା ପାତ୍ରପୁଟଠାରେ କୋଲାବ ନଦୀ ଉପରେ ହାଇଲେବୁଲ ସେତୁ ନିର୍ମାଣ, ପୁରୀ-କୋଣାର୍କ ରାସ୍ତାର ମାଟିଆପଡ଼ାଠାରେ ଥିବା ରେଲ୍‌ୱେ ଓଭର ବ୍ରିଜ୍, ନୟାଗଡ଼ ଟାଉନ୍ ବାଇପାସ୍ ରୋଡ଼, ଜୟପୁର ବାଇପାସ୍ ରାସ୍ତା, କନ୍ଦରପୁର-ବାଲିକୁଦା ରାସ୍ତାର ପ୍ରଶସ୍ତିକରଣ, କୋଟପାଡ଼ ବାଇପାସ୍ ରାସ୍ତା ନିର୍ମାଣ, ବଲାଙ୍ଗିର ବାଇପାସ୍ ରାସ୍ତା, ଏନ୍‌ଏଚ୍-୨୨୦ରେ ବୈତରଣୀ ନଦୀରେ ହାଇଲେବୁଲ ସେତୁ ନିର୍ମାଣ, ଝାରସୁଗୁଡ଼ା ବାଇପାସ୍ ରାସ୍ତା ନିର୍ମାଣ ଆଦି ବିଭିନ୍ନ ରାସ୍ତା ଓ ସେତୁର ନିର୍ମାଣର ବର୍ତମାନ ସ୍ଥିତି ବିଷୟରେ ଅଧିକାରୀମାନଙ୍କଠାରୁ ବୁଝିଥିଲେ । ବିଭିନ୍ନ ନିର୍ମାଣ କାର୍ଯ୍ୟକୁ କିଭଳି ତ୍ୱରାନ୍ୱିତ କରିହେବ ସେଥିନେଇ ଶ୍ରୀ ସିଂହ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ ଅବଗତ କରାଇଥିଲେ। ଏଥିସହିତ ଅଧିକାରୀମାନେ ନିୟମିତ ଭାବେ କ୍ଷେତ୍ରକୁ ଯାଇ ଜିଲ୍ଲାପାଳ, ସ୍ଥାନୀୟ ତହସିଲଦାର ଓ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରି ନିର୍ମାଣ କାର୍ଯ୍ୟକୁ ଆଗେଇ ନେବା ପାଇଁ ସେ ପରାମର୍ଶ ଦେଇଥିଲେ।

ବୈଠକରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ, ଓଡ଼ିଶାର ଆଞ୍ଚଳିକ ଅଧିକାରୀ ସୁନିଲ କୁମାର ମିଶ୍ର, ଇଆଇସି ସିଭିଲ ଦୁର୍ଗାଚରଣ ବେହେରା, ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଏଲ୍.କେ. ପାଢ଼ୀ, ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅପରେସନ ସିନ୍ଦୂର ଭାରତର ସୈନିକ ଶକ୍ତିର ଶୌର୍ଯ୍ୟ, ସାହସ ଏବଂ ପରାକ୍ରମର ପ୍ରମାଣ

**ଭୁବନେଶ୍ୱର,୧୭।୫ (ମହାଭାରତ):** ଭାରତ ସରକାରଙ୍କ ଆତଙ୍କବାଦୀ ବିରୋଧୀ ଅଭିଯାନ 'ଅପରେସନ ସିନ୍ଦୂର' ଭାରତର ସୈନିକ ଶକ୍ତିର ଶୌର୍ଯ୍ୟ, ସାହସ ଏବଂ ପରାକ୍ରମର ବଡ଼ ପ୍ରମାଣ ବୋଲି ଗଣମାଧ୍ୟମର ଏ ସମ୍ପର୍କିତ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆତଙ୍କବାଦ ବିରୋଧରେ ଏକ ନିର୍ଣ୍ଣାୟକ ଲଢେଇ ପାଇଁ ଅପରେସନ ସିନ୍ଦୂରର ସଫଳତା ପରେ ତିନି ସେନାକୁ ଓଡ଼ିଶା ତରଫରୁ ଶୁଭେଚ୍ଛା ଜଣାଇଥିବା ସହ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ଶ୍ରୀ ପ୍ରଧାନ। ସେ କହିଛନ୍ତି ଆତଙ୍କବାଦୀଙ୍କୁ ମୂଳପୋଛ କରିବା ପାଇଁ ପାକିସ୍ତାନ ସୀମା ଭିତରେ ଆମର ବାୟୁ ସେନାବାହିନୀମାନେ ପ୍ରବେଶ କରି ପ୍ରଥମେ ସେମାନଙ୍କ ୯ଟି ଠିକଣା ସ୍ଥାନକୁ ନଷ୍ଟ କଲେ । ଭାରତର ସନ୍ୟଶକ୍ତିର ପରାକ୍ରମ, ଭାରତୀୟ ସମାଜର ପ୍ରତିବଦ୍ଧତା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଣ୍ଣାୟକ ନେତୃତ୍ୱର ପରାକାଷ୍ଠା ସାରା ବିଶ୍ୱ ଦେଖିଲା। ଦେଶରେ ସୈନିକଶକ୍ତିଙ୍କ ମନୋବଳକୁ ବଢାଇବା ତଥା ଅପରେସନ ସିନ୍ଦୂର ସମର୍ଥନରେ ତ୍ରିରଙ୍ଗା ଯାତ୍ରାର ଆୟୋଜନ ପାଇଁ ଦେଶବାସୀଙ୍କୁ ଆହ୍ୱାନ କରାଯାଇଛି । ଏହାକୁ ନେଇ ଓଡ଼ିଶା ସମେତ ଦେଶବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। ଅପରପକ୍ଷରେ ଗୋପାଳପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରୁ ଭାର୍ଗବାସ୍ତ୍ର ନୂଆ ଭାବରେ ନିର୍ମିତ ହୋଇଛି। ଭାର୍ଗବାସ୍ତ୍ର ଭାରତର ଏୟାର ଡିଫେନ୍ସ ସିଷ୍ଟମକୁ ଆହୁରି ଆଧୁନିକ କରିବ। ଡିଆରଡିଓର ଏହି ସଫଳତା ପରେ ଓଡିଶା ଆଜି ଗର୍ବିତ। ଭାରତର ଭୂମିକା, ସେନାର ଭୂମିକାକୁ ନେଇ ଆମେ ଗୌରବାନ୍ୱିତ । ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ପାକିସ୍ତାନର କ୍ଷେପଣାସ୍ତ୍ର ଭାରତ ଶକ୍ତି ଆଗରେ ଫିକା ପଡିଛି। ଏଭଳି ବିଷୟରେ ସମାଲୋଚନା କରିବା ପୂର୍ବରୁ ବିରୋଧୀ ପକ୍ଷ ଧୈର୍ଯ୍ୟର ସହ ଦାୟିତ୍ୱସମ୍ପନ୍ନ ବ୍ୟବହାର କରିବା ଦରକାର ବୋଲି ସେ କହିଛନ୍ତି।

# ଜଳସେଚନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କର

**ଭୁବନେଶ୍ୱର,୧୭।୫ (ମହାଭାରତ):** ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଉପର ଲାନ୍ଥ ଓ ଲୋୟର ଇନ୍ଦ୍ରା ଜଳସେଚନ ପ୍ରକଳ୍ପର ସମୀକ୍ଷା ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ



ଅନୁ ଗର୍ଗ ମଧ ଉପସ୍ଥିତ ଥିଲେ। ଉପର ଲାନ୍ଥ ଓ ଲୋୟର ଇନ୍ଦ୍ରା ପ୍ରକଳ୍ପରେ ଓଡିଶା କୃଷି ମାନଚିତ୍ରରେ ପରିବର୍ତନ ଆଣିପାରିବା ଭଳି କ୍ଷମତା ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଫଳରେ ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାର ୨୯,୯୦୦ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ମିଳିବ। କେବଳ କୃଷି ନୁହେଁ ଆନୁଷଙ୍ଗିକ କୃଷିରେ ମଧ ଉନ୍ନତି ପରିଲକ୍ଷିତ ହେବ। ଫଳରେ ଅଞ୍ଚଳବାସୀ ନିଜ ଜମିରେ ବିଭିନ୍ନ ପ୍ରକାର ଫସଲ ଅମଳ କରି ଆତ୍ମନିର୍ଭର ହେବା ସଂଗେ ସଂଗେ ଆନୁଷଙ୍ଗିକ କୃଷିରୁ ମଧ ଆଶାନୁରୂପ ରୋଜଗାର କରିପାରିବେ। ଏହାସହିତ ଏହିସବୁ ଅଞ୍ଚଳରେ ଉପୁଜୁଥିବା ଦାଦନ ଶ୍ରମିକ ଭଳି ବିରାଟ ସମସ୍ୟାର ସମାଧାନ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି।

ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜମି ଅଧିଗ୍ରହଣ, ଅନୁକମ୍ପା ରାଶି ପ୍ରଦାନ, କେନ୍ଦ୍ରୀୟ ମଞ୍ଜୁରୀ, ଜଙ୍ଗଲ ଓ ପରିବେଶ ମଞ୍ଜୁରୀ, ବିସ୍ଥାପିତ ପରିବାରଙ୍କୁ ଥଇଥାନ ଇତ୍ୟାଦି କାର୍ଯ୍ୟ ସମ୍ପାଦନ ସମୟରେ ବିଳମ୍ବ ହେଲେ ଉପମୁଖ୍ୟମନ୍ତ୍ରୀଙ୍କ ନଜରକୁ ଆଣିବା ଏବଂ ଆବଶ୍ୟକସ୍ଥଳେ ପ୍ରତ୍ୟକ୍ଷ ରୂପେ ନିଜେ ଜଡ଼ିତ ରହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଛନ୍ତି। ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ ପ୍ରକଳ୍ପର ବିଭିନ୍ନ ଦିଗ ବିଷୟରେ ବିସ୍ତୃତ ଭାବରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ, ବୈଷୟିକ ଅଧିକାରୀ, ବରିଷ୍ଠ ଅଧିକାରୀ ଯୋଗଦେଇଥିବା ବେଳେ ଆଭାସି ମାଧ୍ୟମରେ ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାପାଳ ଓ ବନଖଣ୍ଡ ଅଧିକାରୀ ଯୋଗଦେଇଥିଲେ।

# ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

**ଭୁବନେଶ୍ୱର,୧୭।୫ (ମହାଭାରତ):** କଂଗ୍ରେସ ଭବନ ରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ସଭାପତିତ୍ୱରେ ଛାତ୍ର କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ''ମନ୍ଥନ'' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଛାତ୍ର ନେତା ମାନେ ଯୋଗଦାନ କରିଥିଲେ। ଆଗାମୀ ଦିନରେ ରାଜ୍ୟ ଛାତ୍ର କଂଗ୍ରେସ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇ ରାଜ୍ୟ ବ୍ୟାପୀ ପ୍ରତ୍ୟେକ ଜିଲ୍ଲା ରେ ଛାତ୍ର କଂଗ୍ରେସ ର ଜୋରଦାର କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାକୁ ଶ୍ରୀ ପ୍ରଧାନ ଖସଡା ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ପୂର୍ବତନ ପିସିସି ସମ୍ପାଦକ ଅଭିଳାଷ ମାଣିଆ , ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଜିନେଶ ଦାଶ ଓ ସୁଧାଂଶୁ ସେଖର ଦେଓଙ୍କ ସମେତ ବିଭିନ୍ନ ଜିଲ୍ଲାର ସଭାପତି ଓ ବିଭିନ୍ନ ପଦାଧିକାରୀ ଯୋଗଦେଇଥିଲେ।




# ଆମ ବସ୍ ସମ୍ପ୍ରସାରଣର ସମୀକ୍ଷା କଲେ ମନ୍ତ୍ରୀ

**ଭୁବନେଶ୍ୱର,୧୭।୫ (ମହାଭାରତ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ର କ୍ରୁଟ୍ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରି ଏହାର କାର୍ଯ୍ୟକ୍ଷେତ୍ର, ଆଗାମୀଦିନରେ ଆରମ୍ଭ ହେବାକୁ ଯାଉଥିବା ନୂତନ ସେବା ଓ ଯୋଜନାଗୁଡ଼ିକର ସମୀକ୍ଷା କରିଛନ୍ତି। ଭିତିଭୂମି ବିକାଶ, ଆଠଟି ନୂତନ ସହରରେ ଆମ ବସ୍ ସେବାର ସମ୍ପ୍ରସାରଣ ଏବଂ ଡ଼ିଜିଟାଲ ମାଧ୍ୟମରେ କିପରି ଅଧିକ ଯାତ୍ରୀ ଟିକେଟ୍ କରିପାରିବେ ଏହା ଉପରେ ବ୍ୟାପକ ଆଲୋଚନା କରିଛନ୍ତି। କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଡା. ତିରୁମାଲା ନାୟକ କଟକର ନରାଜ, ଭୁବନେଶ୍ୱରର ପୋଖରିପୁଟ, ରାଉରକେଲାର ଛେଣ୍ଡ, ବ୍ରହ୍ମପୁରର ହଳଦିଆପଦର, ଏବଂ ସମ୍ବଲପୁରରେ ଇଲେକ୍ଟ୍ରିକ୍ ଡିପୋ ନିର୍ମାଣର ଅଗ୍ରଗତି ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର, ବାରିପଦା, ଅନୁଗୁଳ ଏବଂ ଝାରସୁଗୁଡ଼ାରେ ଆମ ବସ୍ ସେବା ପରିଚାଳନା ପାଇଁ ସମ୍ପ୍ରସାରଣ ଯୋଜନା ବିଷୟରେ ବିସ୍ତୃତ ବିବରଣୀ ମଧ୍ୟ ପ୍ରଦାନ କରିଥିଲେ।

ଗସ୍ତ ସମୟରେ, ଡକ୍ଟର ମହାପାତ୍ର କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର ପରିଦର୍ଶନ କରିଥିଲେ। ଯେଉଁଠାରେ ସେ ଓଡ଼ିଶା ଯାତ୍ରୀ ଏବଂ କ୍ରୁଟ୍ ପାଇଁ ରିଅଲ୍-ଟାଇମ୍ ବସ୍ ଟ୍ରାକିଂ, ଯାତ୍ରୀ ଅଭିଯୋଗ ସମାଧାନ



ବ୍ୟବସ୍ଥା ପର୍ଯ୍ୟବେକ୍ଷଣ କରିଥିଲେ। ସେ ସମନ୍ୱିତ ପ୍ରଯୁକ୍ତିବିଦ୍ୟା-ଆଧାରିତ କାର୍ଯ୍ୟଗୁଡ଼ିକୁ ପ୍ରଶଂସା କରିଥିଲେ ଯାହା ଯାତ୍ରୀମାନଙ୍କ ଯାତ୍ରା ଅଭିଜ୍ଞତାକୁ ଉନ୍ନତ ଏବଂ କାର୍ଯ୍ୟକ୍ଷେତ୍ରରେ ସମସ୍ୟାର ତୁରନ୍ତ ପ୍ରତିକ୍ରିୟା ପ୍ରଦାନ କରିବାରେ ସହାୟକ ହେଉଛି। ଆମ ବସ୍‌ରେ ବିନା ଟିକେଟରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ଉପରେ କଡ଼ା ନଜର ରଖିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। ସେବା ଯୋଗାଇରେ ଉନ୍ନତି ଏବଂ କର୍ମଚାରୀଙ୍କ ପ୍ରେରଣା ବୃଦ୍ଧି ପାଇଁ, ଯାତ୍ରୀମାନଙ୍କ ମତାମତ ଆଧାରରେ କି ପରଫର୍ମାନ୍ସ ଇଣ୍ଡିକେଟର ପ୍ରୋତ୍ସାହନ ପ୍ରଚଳନ କରିବାକୁ ସୁପାରିଶ କରିଛନ୍ତି। ଏହା ସହିତ, ସେ ରାଜ୍ୟର ଚାରୋଟି ସରକାରୀ ଭାରୀଯାନ ଚାଳନା ତାଲିମ ପ୍ରତିଷ୍ଠାନରେ ସମସ୍ତ ଡ୍ରାଇଭରମାନଙ୍କ ପାଇଁ ବାଧ୍ୟତାମୂଳକ ରିଫ୍ରେସର ତାଲିମ ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ

୧୪ ବର୍ଷ ଭିତରେ ସର୍ବକାଳୀନ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପରିଚିତ ବିରାଟ କୋହଲି ୧୨୩ଟି ଟେଷ୍ଟ ଖେଳିଛନ୍ତି। ସେଥିରୁ ୬୮ଟି ଟେଷ୍ଟରେ ସେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଏକଦା ଭାରତକୁ ବିଶ୍ୱର ଏକନମ୍ବର ଟେଷ୍ଟ ଦଳର ମାନ୍ୟତା ପାଇବାରେ ତାଙ୍କର ଭୂମିକା ଥିଲା ସବୁଠାରୁ ମହତ୍ୱପୂର୍ଣ୍ଣ। ଟେଷ୍ଟ କ୍ରିଟେରେ ସେ ୩୦ଟି ଶତକ ଏବଂ ୩୧ଟି ଅର୍ଦ୍ଧାତକ ସହ ୯ ହଜାରରୁ ଅଧିକ ରନ ସଂଗ୍ରହ କରିଛନ୍ତି। ତାଙ୍କ ଅଆଭରଜ ରହିଛି ୪୬ ପ୍ରତିଶତରୁ ଅଧିକ। ତାଙ୍କର ଫିଟନେସ ଯଥେଷ୍ଟ ଭଲ ଥିବାରୁ ସେ ଆଉ ୨ ବର୍ଷ ଖେଳିବେ ବୋଲି ଆଶା କରାଯାଉଥିଲା। ଆଉ କିଛି ନହେଲେ ଆଗାମୀ ଇଂଲଣ୍ଡ ସିରିଜରେ ସେ ଖେଳିବେ ବୋଲି ଆଶା ଥିଲା। କିନ୍ତୁ ବ୍ୟକ୍ତିଗତ କାରଣରୁ ସେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କଲେ। ଭାରତରେ ହବୁ ପ୍ରତିଭାବନ ଯୁବ ଖେଳାଳୀ ଥିବାରୁ ସେମାନଙ୍କୁ ସୁଯୋଗ ଦେବାକୁ ସେ ସମ୍ଭବତଃ ଏହି କଠୋର ନିଷ୍ପତ୍ତି ନେଲେ। ତାଙ୍କର ଏହି ନିଷ୍ପତ୍ତି କେବଳ ତାଙ୍କର ପ୍ରଶଂସକଙ୍କୁ ନୁହେଁ, ପୁରା ବିଶ୍ୱର କ୍ରିକେଟ ପ୍ରେମୀଙ୍କୁ ନିରାଶ କରିଛି। କାରଣ ତାଙ୍କର ପ୍ରଦର୍ଶନ ଯାହା ହେଉନା କାହିଁକି କ୍ରିକେଟ ପଡ଼ିଆରେ ତାଙ୍କର ଉପସ୍ଥିତି ବେଶ ଉପଭୋଗ୍ୟ ହୋଇଥାଏ। ତାଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ଏବଂ ସକାରାତ୍ମକ ଚିନ୍ତାଧାରା ଅନେକଙ୍କ ପାଇଁ ଆକର୍ଷଣର କାରଣ ହୋଇଥାଏ। ଗତ ୫ ବର୍ଷ ହେବ ଟେଷ୍ଟ କ୍ରିକେଟରେ କୋହଲିଙ୍କ ପ୍ରଦର୍ଶନ ସେତେ ଭଲ ନଥିଲା। ଏହି ସମୟରେ ସେ ବ୍ୟକ୍ତିଗତ କାରଣରୁ ଅନେକ ଟେଷ୍ଟ ଖେଳି ନାହାଁନ୍ତି। ଏହା ତାଙ୍କ ପାଇଁ ବେଶ ମହଙ୍ଗା ସାବ୍ୟସ୍ତ ହେଲା। ଏକଦା କୋହଲିଙ୍କ ଟେଷ୍ଟ ବ୍ୟାଟିଂ ଆଭରେଜ ୫୦ ଉପରେ ଥିଲା। କିନ୍ତୁ କ୍ରମାଗତ ବିଫଳତା ହେତୁ ତାଙ୍କ ବ୍ୟାଟିଂ କ୍ୟାରିୟର ୪୬ରେ ଶେଷ ହୋଇଗଲା ଯାହା ନୈରାଶ୍ୟଜନକ। ଏକଦା ସେ ବିଶ୍ୱର ଏକମାତ୍ର ବ୍ୟାଟ୍ସମ୍ୟାନ ଥିଲେ ଯାହାର ବ୍ୟାଟିଂ ଆଭରେଜ ୩ଟି ଯାକ ଫର୍ମାଟରେ ୫୦ ପ୍ରତିଶତରୁ ଅଧିକ ଥିଲା। କିନ୍ତୁ ଉଭୟ ଟେଷ୍ଟ ଏବଂ ଟି-୨୦ରେ ତାଙ୍କ କ୍ୟାରିୟର ୫୦ ପ୍ରତିଶତ ତଳେ ଶେଷ ହୋଇଗଲା। କେବଳ ଦିନିକିଆରେ ତାଙ୍କ ଆଭରେଜ ୫୦ ପ୍ରତିଶତରୁ ଅଧିକ ରହିଛି। ଦିନିକିଆରେ ସେ ବିଶ୍ୱର ସର୍ବାଧିକ ସଂଖ୍ୟକ ଶତକ ହାସଲ କରିଛନ୍ତି। ତାଙ୍କ ପ୍ରଶଂସକମାନେ ଆଶା କରୁଛନ୍ତି ସେ ଆଉ କିଛି ଦିନ ଦିନିକଆ କ୍ରିକେଟ ଖେଳନ୍ତୁ ଏବଂ ଆଉ ୫/୭ଟି ଶତକ ହାସଲ କରନ୍ତୁ। ଏକଦା ଆଶା କରାଯାଉଥିଲା ଯେ, ସଚିନ ତେନ୍ଦୁଲକରଙ୍କ ଶହେ ଆନ୍ତର୍ଜାତୀୟ ଶତକ ରେକର୍ଡକୁ କୋହଲି ଅତିକ୍ରମ କରିବେ। କିନ୍ତୁ ସେହି ଆଶା ନୈରାଶ୍ୟରେ ପରିଣତ ହୋଇଛି। ଦିନିକଆ କ୍ରିକେଟ ଖେଳିବା ଜାରି ରଖିଲେ ମଧ୍ୟ ସେ ଏଥିରେ ଆଉ ୧୭ଟି ଶତକ ହାସଲ କରିବା ସମ୍ଭବ ମନେ ହେଉନାହିଁ। ଟେଷ୍ଟ କ୍ରିକେଟରେ କୋହଲିଙ୍କ ରେକର୍ଡ ବେଶ ଚମତ୍କାର ଏକଥା ସ୍ୱୀକାର କରିବାକୁ ପଡ଼ିବ। କିନ୍ତୁ ୧୦ ବର୍ଷ ତଳେ କୋହଲିଙ୍କ କ୍ୟାରିୟର ନେଇ ଯେଉଁ ଆକଳନ କରାଯାଉଥିଲା ତାହା ଏବେ ନୈରାଶ୍ୟଜନକ ବୋଲି କୁହାଯାଇପାରେ। ଟେଷ୍ଟ କ୍ରିକେଟରେ ସେ ଅତି କମରେ ୪୦ ଶତକ ଏବଂ ୧୨ ହଜାର ରନ ହାସଲ କରିବେ ବୋଲି ଆଶା ଥିଲା। କିନ୍ତୁ ତାହା ସମ୍ଭବ ହେଲା ନାହିଁ। ୧୯୮୭ରେ ଭାରତର ସୁନୀଲ ଗାଭାସ୍କର ବିଶ୍ୱର ପ୍ରଥମ କ୍ରିକେଟର ଭାବେ ଟେଷ୍ଟ କ୍ରିକେଟରେ ୧୦ହଜାର ରନ ସଂଗ୍ରହ କରିଥିଲେ। କିନ୍ତୁ ଏବେ ତାଲିକା ବେଶ ଲମ୍ବା। ଏଥିରେ ଭାରତର ତିନିଜଣଙ୍କ ନାମ ରହିଛି। ସୁନୀଲ ଗାଭାସ୍କରଙ୍କ ବ୍ୟତିତ ସଚିନ ତେନ୍ଦୁଲକର ଏବଂ ରାହୁଲ ଦ୍ରାବିଡ଼ ମଧ୍ୟ ଟେଷ୍ଟ କ୍ରିକେଟରେ ୧୦ହଜାର ରନ ସମ୍ପୂର୍ଣ୍ଣ କରିଛନ୍ତି। କୋହଲି ଏଥିରେ ସାମିଲ ହୋଇପାରିଲେ ନାହିଁ ଯାହା ବ୍ୟକ୍ତିଗତ ଭାବେ ତାଙ୍କ ପାଇଁ ଏକ ଅବଶୋଷ ହୋଇ ରହିଗଲା।

# ବାଇସାଇକେଲର କାହାଣୀ

*"୧୮୬୯ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହାର ଭିନ୍ନ ଭିନ୍ନ ନାମ ରହିଥିଲା । ଏହାପରେ ଲୋକମାନେ ଏହି ଗାଡ଼ିକୁ ବାଇସାଇକେଲ (ଦୁଇ ଚକିଆ ଜାନ) କହିବା ଆରମ୍ଭ କରିଥିଲେ । ୧୮୬୯ରେ ପେନ୍ନୀ-ଫାରଥିଙ୍ଗ ବା ଉଚ୍ଚ ଚକା ଯାନ ନିର୍ମିତ ହୋଇଥିଲା । ବଡ଼ ଚକା ଫଳରେ ଏହା ଅଳ୍ପ ପରିଶ୍ରମରେ ଅଧିକ ବାଟ ଯାଉଥିଲା, କିନ୍ତୁ ଏଥିରେ ଅତ୍ୟଧିକ ଉଚ୍ଚରେ ବସୁଥିଲା । ଆଗ ଚକର ଉଚ୍ଚତା ୧.୫ ମିଟର ହୋଇଥିବା କାରଣରୁ ଯଦି ଆଗଚକା ହଠାତ୍ ବନ୍ଦ ହୋଇଗଲା ତେବେ ଚାଳକଙ୍କ ଗୋଡ଼ ତଳକୁ ନପାଇବା କାରଣରୁ ଅଧିକାଂଶ ସମୟରେ ସେ ଆଗକୁ ପଡ଼ିଯାଉଥିଲେ ।"*

**॥ ଗିରିଧାରୀ ସାମଲ ॥**

ଆପଣ ଜାଣିଛନ୍ତି ପ୍ରଥମେ ଯେତେବେଳେ ସାଇକେଲ ନିର୍ମିତ ହୋଇଥିଲା ତାହା ଦେଖିବାକୁ ବର୍ତ୍ତମାନର ଏକ ସ୍କେଟବୋର୍ଡ଼ ପରିଥିଲା । ୧୭୯୧ରେ ଫ୍ରାନ୍ସର ନାଗରିକ କୋମେଟ ମେଡେ ଡି ସିଭରାକ୍ ନିର୍ମାଣ କରିଥିଲେ ଏକ ଭିନ୍ନ ଧରଣର ସାଇକେଲ, ଏହାର ସିଟ ବହୁତ ଉଚ୍ଚରେ ରହୁଥିଲା । ଏଥିରେ ପେଡ଼ାଲ ନଥିଲା ଏହାକୁ ନିଜ ଗୋଡ଼ରେ ଠେଲି ଠେଲି ଲୋକମାନେ ଚଳାଉଥିଲେ । ପ୍ରାୟ ୧୮୧୭ ମସିହା ବେଳକୁ ଜର୍ମାନୀର ବେରୋନ କାର୍ଲାବାନ ଡ୍ରେସ୍ ହ୍ୟାଣ୍ଡେଲ ରହିଥିବା ଏକ ସାଇକେଲ ନିର୍ମାଣ କରିଥିଲେ । ଏହାର ନାମ ଥିଲା 'ଡ୍ରେସିନେ' । ଦୁଇଟି ସମାନ ଆକାରର କାଠ ଚକା, ବସିବା ପାଇଁ ଏକ ସିଟ୍ ସହିତ ଏଥିରେ ହ୍ୟାଣ୍ଡେଲ ରହିଥିଲା । ଗୋଡ଼ରେ ଠେଲି ଠେଲି ଚଳାଯାଉଥିବା ଏହି ସାଇକେଲଟି ସମ୍ପୂର୍ଣ୍ଣ ଭାବେ କାଠରେ ନିର୍ମିତ ହୋଇଥିବାରୁ ଲୋକମାନେ 'କାଠଘୋଡ଼ା' ବୋଲି କହୁଥିଲେ । ୧୮୧୮ରେ ପ୍ୟାରିସରେ ଆୟୋଜିତ ଏକ ପ୍ରଦର୍ଶନୀରେ ଲୋକମାନେ ଏହି ଅଦ୍ଭୁତ୍ ସାଇକେଲକୁ ପ୍ରଥମଥର ଲାଗି ଦେଖିଥିଲେ, କିନ୍ତୁ ଏହା ଲୋକପ୍ରିୟତା ଅର୍ଜନ କରିପାରିନଥିଲା ।

୧୮୩୯ରେ ସାଇକେଲ ନିର୍ମାଣରେ ଜୋରଦାର ପରିବର୍ତ୍ତନ ଆସିଥିଲା, କାରଣ ସ୍କଟଲାଣ୍ଡର ଜଣେ ଲୁହାର ସାଇକେଲର ଆଗଚକାରେ ଏକ ପେଡ଼ାଲ ଲଗାଇଥିଲେ । କ୍ରିକ୍‌ପ୍ୟାଟ୍ରିକ୍ ମ୍ୟାକ୍‌ମିଲାନ ସାଇକେଲର ଆଗ ଚକରେ ଏକ ପେଡ଼ାଲ ଲଗାଇ ପାହାଡ଼ ଚଢ଼ିପାରୁଥିଲେ । ଏହା ସେତେବେଳେ ପରିବହନ କ୍ଷେତ୍ରରେ ବ୍ୟବହୃତ କରାଯାଉଥିଲା । କିନ୍ତୁ ଏଥିରେ ବ୍ରେକ୍ ନଥିବାରୁ ଗଡ଼ାଣିଆ ସ୍ଥାନରେ ଏହାକୁ ରୋକିବା ଅତ୍ୟନ୍ତ କଷ୍ଟକର ହେଉଥିଲା । ଏହି ସାଇକେଲକୁ 'ଫାଷ୍ଟ ଫୁଟ୍' ବୋଲି କୁହାଯାଉଥିଲା । ୧୮୪୫ରେ ଫ୍ରାନ୍ସର ନିକୋଲସ୍ ସାଇକେଲର ବ୍ରେକ୍ ଲଗାଇବା ସହ ଚକାଗୁଡ଼ିକୁ ଲୁହାରେ ନିର୍ମାଣ କରିଥିଲେ । ଏହି ସାଇକେଲଟି ଚାଲିବା ବେଳେ ମାତ୍ରାଧିକ ଶବ୍ଦ କରୁଥିଲା, ତେଣୁ ଲୋକମାନେ ଏହାକୁ 'ବୋନ୍ ସେକର' ବୋଲି କହୁଥିଲେ । ଏହାପରେ ୧୮୬୫ରେ ପରବର୍ତ୍ତୀ ବିକଶିତ ସାଇକେଲ ନିର୍ମିତ ହୋଇଥିଲା । ଏଥିରେ ସାଇକେଲର ଆଗ ଚକରେ ସିଧାସଳଖ ଭାବେ ପେଡ଼ାଲ ଲଗାଯାଇଥିଲା । ୧୮୭୦ରେ ପ୍ରଥମ ମେଟାଲ ସାଇକେଲ ଆବିଷ୍କୃତ ହୋଇଥିଲା । ଏଥିରେ ମଧ ପେଡ଼ାଲ ଆଗ ଚକରେ ଲାଗିରହିଥିଲା । କିନ୍ତୁ ଏଥିରେ ବଡ଼ ଧରଣର କେତେକ ପରିବର୍ତ୍ତନ କରାଯାଇଥିଲା । ସାଇକେଲର ଆଗ ଚକଟି ପଛ ଚକ ତୁଳନାରେ ଅଧିକ ବଡ଼ ଥିଲା, କିନ୍ତୁ ଏହା ମନକୁ ମନ ବୁଲି ପାରୁନଥିଲା । ନିର୍ମାତାମାନଙ୍କର ଚିନ୍ତାଧାରା ଏହା ଥିଲା ଯେ, ସାଇକେଲର ଆଗଚକ ବଡ଼ ରହିଲେ ଅଳ୍ପ ପରିଶ୍ରମରେ ଅଧିକ ଦୂର ଯାତ୍ରା କରିହେବ । ଚକାଗୁଡ଼ିକରେ ରବର ଓ ସ୍ପୋକ୍ ଫିଟ୍ କରାଯାଇଥିଲା ଫଳରେ ଏହା ପୂର୍ବପରି ଅଧିକ ଶବ୍ଦ କରୁନଥିଲା ।



ବିଭିନ୍ନ ନିର୍ମାତାମାନେ ସାଇକେଲକୁ ବିକଶିତ କରିବାକୁ ଯାଇ ଏହାର ଆଗ ଚକକୁ ପ୍ରାୟ ୧.୫ ମିଟର ପର୍ଯ୍ୟନ୍ତ ଉଚ୍ଚ କରିଥିଲେ ।

୧୮୬୯ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହାର ଭିନ୍ନ ଭିନ୍ନ ନାମ ରହିଥିଲା । ଏହାପରେ ଲୋକମାନେ ଏହି ଗାଡ଼ିକୁ ବାଇସାଇକେଲ (ଦୁଇ ଚକିଆ ଜାନ) କହିବା ଆରମ୍ଭ କରିଥିଲେ । ୧୮୬୯ରେ ପେନ୍ନୀ-ଫାରଥିଙ୍ଗ ବା ଉଚ୍ଚ ଚକା ଯାନ ନିର୍ମିତ ହୋଇଥିଲା । ବଡ଼ ଚକା ଫଳରେ ଏହା ଅଳ୍ପ ପରିଶ୍ରମରେ ଅଧିକ ବାଟ ଯାଉଥିଲା, କିନ୍ତୁ ଏଥିରେ ଅତ୍ୟଧିକ ଉଚ୍ଚରେ ବସୁଥିଲା । ଆଗ ଚକର ଉଚ୍ଚତା ୧.୫ ମିଟର ହୋଇଥିବା କାରଣରୁ ଯଦି ଆଗଚକା ହଠାତ୍ ବନ୍ଦ ହୋଇଗଲା ତେବେ ଚାଳକଙ୍କ ଗୋଡ଼ ତଳକୁ ନପାଇବା କାରଣରୁ ଅଧିକାଂଶ ସମୟରେ ସେ ଆଗକୁ ପଡ଼ିଯାଉଥିଲେ । ୧୮୮୦ ମସିହା ମଧ ଭାଗରେ ବ୍ରିଟିଶ ସାଇକେଲ ନିର୍ମାତା ଜେମ୍ସ ଷ୍ଟେରଲୀ ଏକ ସାଇକେଲ ବିକଶିତ କରିଥିଲେ, ଯାହାର ନାମ ଦେଇଥିଲେ 'ସୁରକ୍ଷିତ ବାଇସାଇକେଲ' । ଅତ୍ୟାଧୁନିକ ସାଇକେଲ ପରି ଏହାର ଆଗ ଓ ପଛ ଚକା ସମାନ ଆକାରରେ ହୋଇଥିବା ବେଳେ ଦୁଇ ଚକର ମଝିରେ ରହିଥିଲା ପେଡ଼ାଲ ଏବଂ ନୂତନ କରି ବାହାରିଥିବା ଚେନ୍ ଓ ସ୍ପକେଟ୍ ଏହାର ପଛ ଚକକୁ ଟାଣୁଥିଲା । ଏହି ସାଇକେଲଟି ଅନ୍ୟ ସାଇକେଲ ତୁଳନାରେ ଖୁବ୍ ହାଲକା ଥିଲା ଏବଂ ଜଣେ ଲୋକ ଏହାକୁ ଆରାମରେ ଅଳ୍ପ ବଳ ଖଟାଇ ଚଳାଇ ପାରୁଥିଲା ।

ସେ ପର୍ଯ୍ୟନ୍ତ ସାଇକେଲର ଚକରେ କେବଳ ରବର ଲଗାଯାଉଥିଲା । ଏହା ବ୍ୟତୀତ ସାଇକେଲଟି ଅଧିକ ଲମ୍ବା ନଥିବା ଓ ସ୍ପୋକ ବିହୀନ ହୋଇଥିବା କାରଣରୁ ଫାରଥିଙ୍ଗ ସାଇକେଲ ତୁଳନାରେ ଏହାକୁ ଚଳାଇବା ଅଧିକ କଷ୍ଟକର ଥିଲା । କାରଣ ଇରିସ୍ ନାଗରିକ ଡୁନଲୋପ ପ୍ରଥମେ ବାୟୁଚାଳିତ ଟାୟାର ଏହି ସାଇକେଲରେ ଲଗାଇଥିଲେ । ସେ ନିଜ ପୁତ୍ରକୁ ଏହ ଆରାମଦାୟକ ସାଇକେଲ ପ୍ରଦାନ କରିବାକୁ ଯାଇ ଏପରି କରିଥିଲେ । ଏହାପରେ ପଛଚକକୁ ଏପଟସେପଟ ବୁଲିବା ପରି ବିକଶିତ କରାଯିବା ପରେ ଚାଳକମାନେ ବିପଦମୁକ୍ତ ସାଇକଲେ ଚାଳନା କରିବାର ଅନୁଭବ ହାସଲ କରିଥିଲେ । ୧୮୯୦ ମସିହା ପରବର୍ତ୍ତୀ ସମୟରେ ବ୍ରେକ୍, ଗିୟର, ହାତରେ ନିୟନ୍ତ୍ରଣ କରିବା ଲାଗି ବ୍ରେକ୍ କେବୁଲ ଆଦି ନିର୍ମିତ ହୋଇଥିଲା । ସାଇକେଲରେ ଏତେ ସବୁ ପରିବର୍ତ୍ତନ ହୋଇ ବି ଲୋକମାନଙ୍କ ନିକଟରେ ଏହା ବିଶେଷ ଆଦୃତ ହୋଇପାରିନଥିଲା ।

ସାଇକେଲ ସମାଜରେ ଦ୍ରୁତ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଥିଲା । ମହିଳାମାନେ ଆତ୍ମନିର୍ଭରଶୀଳ ଓ ଗତିଶୀଳ ହୋଇଥିବା ବେଳେ ଗରିବ ଲୋକମାନେ ଦୂରସ୍ଥାନକୁ କାର୍ଯ୍ୟ ଅନ୍ୱେଷଣରେ ଯାତ୍ରା କରୁଥିଲେ । ସମୟ ଗଡ଼ିବା ସହିତ ବିଭିନ୍ନ ସ୍ଥାନରେ ସାଇକେଲ କ୍ଲବ, ସାଇକେଲ ରେସିଂ ଓ ଟୁରିଂର ଆୟୋଜନ ହୋଇଥିଲା, ଯାହା ସାଇକେଲକୁ ଅଧିକ ଲୋକପ୍ରିୟ କରିଥିଲା । ସମୟ ସହ ତାଳ ଦେଇ ସାଇକେଲରେ ଅନେକ ପରିବର୍ତ୍ତନ ଆସିଛି । ରେସିଂ ସାଇକେଲର ସ୍ପିଡ୍ କୌଣସି ଇନ୍ଧନ ଚାଳିତ ଗାଡିଠାରୁ କମ୍ ନୁହେଁ । ଭାରତରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ସାଇକେଲର ବ୍ୟବହାର ଅଧିକ ବୃଦ୍ଧି ପାଇଥିଲା । ପରିବହନ କ୍ଷେତ୍ରରେ ସାଇକେଲ ହିଁ ଥିଲା ଏକମାତ୍ର ବାହାନ ।

ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,
ଦୂରଭାଷ : ୯୪୩୭୪୫୦୧୧୪

# ବାର୍ଦ୍ଧକ୍ୟର ଗତିରୋଧ

**॥ ପ୍ରଫୁଲ୍ଲ କୁମାର ଦାସ ॥**

ଚଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ। ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ। ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ। ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି। ଆମ ଖାଦ୍ୟରେ ଥିବା ପୃଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମୃଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି। ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି। ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତ୍ର ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୁଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ। ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ। ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର। ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ। କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା। ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ। ଅନୁଧାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ। ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ ଦର୍ଶାଏ। କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରଣ କରେ। ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ। ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ। ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି। ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଅନୁଧାନ କରିଥିଲେ। ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧ୍ୟରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି। ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଏ। ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତ୍ର ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର। ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ ମାନବ ମାନଙ୍କ କ୍ଷେତ୍ରରେ ମଧ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ। ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧାନ ମଧ କରିବା ପାଇଁ ଯାଉଛନ୍ତି। କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ। ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ। ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ। ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ। ବିଜ୍ଞାନୀମାନଙ୍କ ମତରେ ବୟସ୍କ ମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ। ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ। ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ। କିନ୍ତୁ କମ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କ ମାନଙ୍କ ପାଇଁ ସବୁଠାରୁ ଅନୁକୂଳ। ଆମେରିକାର ଇନଷ୍ଟିଚ୍ୟୁଟ ଅଫ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ। ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ। ପ୍ରଫେସର ପୋଦ୍ଦାର ମଧ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି। ପୋର୍ଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ।

କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩

# ମାନବିକତା ହିଁ ପରମ ଧର୍ମ

**॥ ମୌଲାନା ଫଜଲ ହକ ଖାଁ ॥**

ଦୁନିଆର ବିଭିନ୍ନ ପ୍ରାନ୍ତରେ ଅନେକ ମେଳା ମହୋତ୍ସବ ଓ ସମାରୋହ ଆୟୋଜିତ ହେଉଛି । ଯେଉଁଥିରେ ଅନେକ ନେତା ବକ୍ତା ଓ ଶ୍ରୋତା ଉପସ୍ଥିତ ହେଉଛନ୍ତି । କେତେକ ସ୍ଥାନରେ ଏହା କେବଳ ଉଗ୍ର ଜାତିଆଣ ମନୋଭାବକୁ ଉଜାଗର କରିବାର ମାଧ୍ୟମ ହେଉଛି ତ ଅନ୍ୟ କେଉଁଠି ଏହାଦ୍ୱାରା କେତେକ ବ୍ୟକ୍ତି ବିଶେଷ ଅଜ୍ଞ ଜନତାଙ୍କୁ ପ୍ରତାରଣା ପୂର୍ଣ୍ଣ ଆଶ୍ୱାସନା ଦେଇ ରାଜ ନୈତିକ ଫାଇଦା ହାସଲ କରିବାରେ ସମର୍ଥ ହେଉଛନ୍ତି ଏବଂ କେତେକ ସ୍ଥାନରେ ଏହାର ଆୟୋଜନ ସରକାର ତଥା ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ ସୃଷ୍ଟି କରିବାର କାରଣ ହୋଇଥାଏ ।

କିନ୍ତୁ ଅହମଦୀୟା ସମ୍ପ୍ରଦାୟର ବାର୍ଷିକ ସମ୍ମିଳନୀରେ କୌଣସି ରାଜନୈତିକ ଆଳାପ ହୁଏ ନାହିଁ କିମ୍ବା କୌଣସି ବିଦ୍ରୋହାତ୍ମକ ମତ ପୋଷଣ କରାଯାଏ ନାହିଁ । ଅନେକ ହିନ୍ଦୁ, ମୁସଲମାନ, ଶିଖ ତଥା ଖ୍ରୀଷ୍ଟ ଧର୍ମାବଲମ୍ବୀ ଏଥିରେ ଯୋଗଦେଇ ଧର୍ମ ଚର୍ଚ୍ଚା ଶୁଣିଥାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ବିଦ୍ୱାନ ନିଜର ବକ୍ତବ୍ୟ ମଧ ପ୍ରଦାନ କରନ୍ତି । ଯଦ୍ଦ୍ୱାରା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା ନିମନ୍ତେ ଏହା ପ୍ରାଣେ ପ୍ରାଣେ ଉତ୍ସାହଭରି ଦେଉଥାଏ । ଉକ୍ତ ସର୍ବଧର୍ମ ସମ୍ମିଳନୀ ଦ୍ୱାରା ଭ୍ରାତୃଭାବର ମନୋରମ ପରିବେଶ ସୃଷ୍ଟି ହୋଇଥାଏ ଏବଂ ବିଶ୍ୱଶାନ୍ତି ସ୍ଥାପନା ସହିତ ଧର୍ମ ଓ ମାନବିକତାକୁ ମିଶ୍ରିତ କରାଇ ଏକ ନୂତନ ମୁକ୍ତିପଥ ପ୍ରଦର୍ଶିତ କରାଯାଇଥାଏ ।

ଅହମଦୀୟା ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ୍ (୧୮୩୫-୧୯୦୮)ପ୍ରତ୍ୟେକ ଧର୍ମଗ୍ରନ୍ଥ ମଧ୍ୟରେ ବର୍ଣ୍ଣିତ ଭବିଷ୍ୟବାଣୀ ଅନୁଯାୟୀ ଏ ଯୁଗରେ ସ୍ୱୟଂକୁ ହିନ୍ଦୁ ଭ୍ରାତାଙ୍କ ନିମନ୍ତେ କଲ୍‌କୀ ଅବତାର, ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ମସିହ ତଥା ମୁସଲମାନମାନଙ୍କ ପାଇଁ ଇମାମ ମେହେଦୀ ହେବାର ଦାବୀ କରିଛନ୍ତି । ସେହି ମହାନ ମହାପୁରୁଷଙ୍କ ଦ୍ୱାରା ହିଁ ଆଜି ବିଶ୍ୱ ଶାନ୍ତି ସମ୍ଭବ । ତେଣୁ ତାହାଙ୍କ ଶରଣ ବିନା ଦୁନିଆରୁ ଅଶାନ୍ତି ଓ ଅରାଜକତା ଲୁପ୍ତ ହେବା ଅସମ୍ଭବ । ସେ ହେଉଛଁି ଏ ଯୁଗରେ ଶାନ୍ତି,ମୈତ୍ରୀ ଓ ପ୍ରିତିର ଅବତାର । ପରସ୍ପରର ଧର୍ମ ବିବାଦକୁ ପ୍ରତ୍ୟାହାର କରି ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ସେ ଅନେକ ସୁନ୍ଦର ସିଦ୍ଧାନ୍ତ ବିଶ୍ୱବାସୀଙ୍କୁ ପ୍ରଦାନ କରିଛନ୍ତି ।

ସେ କୁହନ୍ତି; 'ଏହା ଅତ୍ୟନ୍ତ ସୁନ୍ଦର, ଶାନ୍ତିପ୍ରଦ ଓ ପାରସ୍ପରିକ ସଦ୍‌ଭାବର ଭିତି ସ୍ଥାପନକାରୀ ତଥା ନୈତିକ ଚିନ୍ତା ଧାରର ସମର୍ଥନକାରୀ ସିଦ୍ଧାନ୍ତ ଯେ ଆମେ ଉକ୍ତ ସମସ୍ତ ଅବତାରଙ୍କୁ ଯେଉଁମାନେ ଏହି ସଂସାର ଭିତରେ ଆବିର୍ଭୁତ ହୋଇଛନ୍ତି, ସେ ଭାରତ ବର୍ଷରେ ପ୍ରକଟ ହୋଇଥାନ୍ତୁ ବା ପାରସ୍ୟ ଅଥବା ଚୀନ କିମ୍ବା ଅନ୍ୟ କୌଣସି ଦେଶ ମଧ୍ୟରେ ଆବିର୍ଭାବ ହୋଇଥାନ୍ତି ଏବଂ ଅଲ୍ଲାଃତାଲା ତାହାଙ୍କ ସମ୍ମାନ ଓ ତାଙ୍କ ପ୍ରବର୍ତ୍ତିତ ଧର୍ମର ଶ୍ରଦ୍ଧା କୋଟି କୋଟି ହୃଦୟରେ ପ୍ରତିଷ୍ଠା କରି ଦେଇଥାନ୍ତି, ତଥା ଶତାଧିକ ବର୍ଷ ପର୍ଯ୍ୟନ୍ତ ଉକ୍ତ ଧର୍ମ ଦୁନିଆରେ ପ୍ରଚଳିତ ହୋଇଥାଉ । ସେମାନଙ୍କ ସତ୍ୟତା ସ୍ୱୀକାର କରିନେବା ହିଁ ଉକ୍ତ ସିଦ୍ଧାନ୍ତ, ଯାହା ଆମକୁ ପବିତ୍ର କରୁଆନ ଶିକ୍ଷା ଦେଉଛି । ତଦ୍‌ନୁଯାୟୀ ଆମେ ପ୍ରତ୍ୟେକ ଧର୍ମ ପ୍ରବର୍ତ୍ତକ ଯାହାଙ୍କ ଜୀବନ ଚରିତ୍ର ଉକ୍ତ ପରିଭାଷା ଅନ୍ତର୍ଗତ ହୋଇଥାଏ । ସେ ହିନ୍ଦୁ ଧର୍ମଗୁରୁ ହୋଇଥାନ୍ତୁ ବା ପାର୍ସି, ଚୀନି ଅଥବା ୟହୁଦୀ ଅବା ଖ୍ରୀଷ୍ଟ ଧର୍ମ ପ୍ରବର୍ତ୍ତକ ହୋଇଥାନ୍ତୁ , ସମସ୍ତଙ୍କୁ ଭକ୍ତିପୁତ ଶ୍ରଦ୍ଧା ଓ ଗମ୍ଭୀର ସମ୍ମାନ ଜଣାଇ ଥାଉଁ ।'

ଯଦି ଅହମଦଙ୍କ ଉପର ସିଦ୍ଧାନ୍ତ ସମଗ୍ର ଭାରତବାସୀ ତଥା ସାରା ବିଶ୍ୱବାସୀ ନିଜ ସିଦ୍ଧାନ୍ତ ରୂପେ ଗ୍ରହଣ କରିନିଅନ୍ତି, ତେବେ ଆଜିର ଅଶାନ୍ତ ମାନବ ଶାନ୍ତି, ମୈତ୍ରୀ ପୂର୍ଣ୍ଣ ଏକ ନୂଆ ସଂସାର ଗଢ଼ି ତୋଳନ୍ତା । ଅତଏବ ଉକ୍ତ ମହାପୁରୁଷଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇ ଥିବା ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀରେ ପ୍ରତ୍ୟେକ ଭାରତୀୟ ଯୋଗ ଦେଇ ପୁନରାୟ ଏକ ନୂତନ ଶାନ୍ତିମୟ ଭାରତ ବର୍ଷ ଗଢ଼ିବା ଆବଶ୍ୟକ ।

ଚଳିତ ବର୍ଷ ୫୬ତମ ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀ,କେରଙ୍ଗ ମେ ୧୩-୧୪ ତାରିଖ (ଶନିବାର ଓ ରବିବାର ) କେରଙ୍ଗ ଇଦ୍‌ଗାଃ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଅଛି । ଉକ୍ତ ସମ୍ମିଳନୀରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ମୌଲାନା,ଧର୍ମବିତ,ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଂଶ ଗ୍ରହଣ କରି ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ଅସ୍ତିତ୍ୱ,ମାନବ ଜନ୍ମର ମୁଖ୍ୟ ଉଦ୍ଦେଶ୍ୟ,ବିଶ୍ୱରେ ସ୍ଥାୟୀ ଶାନ୍ତି, ଭ୍ରାତୃଭାବ ପ୍ରତିଷ୍ଠା ପାଇଁ ଧର୍ମର ଭୂମିକା,ଇସଲାମ ଏକ ଶାନ୍ତିପୂର୍ଣ୍ଣ ଧର୍ମ, ଜେହାଦର ବାସ୍ତବିକତା,ନାରୀର ସୁରକ୍ଷା ଓ ସମ୍ମାନ,ସୁଖ ବୈବାହିକ ଜୀବନର ବାସ୍ତବିକତା,ଇସଲାମିକ ପରଦା,ସମାଜ ସୁଧାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟ ବିଶ୍ୱକୁ କ'ଣ ଦେଲା ? କାହିଁକି ଏ ବିପ୍ରାପ୍ତ ? ସମ୍ପର୍କରେ ତାତ୍ତ୍ୱିକ ଉଦ୍‌ବୋଧନ ଦେବେ। ଏହି ସମ୍ମିଳନୀରେ ଯୋଗ ଦେଉଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ନିମର୍ଂ ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ: ପ୍ରାର୍ଥନା କରି କୁହନ୍ତି; 'ସର୍ବଶେଷରେ ମୁଁ ଦୁଆ କରୁଛି ଯେ ପ୍ରତ୍ୟେକ ବ୍ୟକ୍ତି ଯେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ପାଳିତ ଏହି ସମ୍ମିଳନୀ ନିମନ୍ତେ ଯାତ୍ରା କରନ୍ତି, ଅଲ୍ଲାଃ ସେମାନଙ୍କ ସହାୟ ହୁଅନ୍ତୁ ଏବଂ ସେମାନଙ୍କୁ ଅତୁଳନୀୟ ବଦଳା ଦିଅନ୍ତୁ ଓ ସେମାନଙ୍କ ଉପରେ ନିଜର ଅନୁକମ୍ପା ବୃଷ୍ଟି କରନ୍ତୁ ଏବଂ ସେମାନଙ୍କ ସମସ୍ତ ମନସ୍କାମନା ପୂର୍ଣ୍ଣ କରନ୍ତୁ । ଅଲ୍ଲାଃ ଏହି ଯାତ୍ରାର ସମାପ୍ତି ପର୍ଯ୍ୟନ୍ତ ସେମାନଙ୍କର ଯତ୍ନବାନ ହୁଅନ୍ତୁ।'

ମଙ୍ଗଳାବାଗ,କଟକ ମୋ:୯୬୯୨୨୨୫୦୫୭









## କୁନ୍ଦୁରାରେ ବିନା ସାର୍ଟିଫିକେଟରେ ଗଣ୍ଡା ଗଣ୍ଡା କ୍ୱାକ

କୁନ୍ଦୁରା, (ମହାଭାରତ) : କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର ଗାଁ ଗାଁ ରେ ବଙ୍ଗାଳି ଏବଂ ହିନ୍ଦୀ ଭାଷା କହୁଥିବା ଏବଂ କୌଣସି ସଠିକ ଠିକଣା ନଥିବା ଅଚିହ୍ନକ୍ଷ ଲୋକ ମାନେ ଆସି ସ୍ୱଘୋଷିତ କ୍ୱାକ(ଡାକ୍ତର) ସାଜି କିଛି ସାଧାରଣ ଔଷଧ ସିରିଞ୍ଜ ଧରି ଗାଁ ଗାଁ ବୁଲି ଲୋକଙ୍କୁ ଚିକିତ୍ସା କରୁଥିବା ଦେଖିବାକୁ ମିଳୁଛି । ଗତ କିଛି ଦିନ ଭିତରେ ଘୁମର ପଞ୍ଚାୟତ ରେ ଏବଂ ମସିଗାଁ ପଞ୍ଚାୟତ ରେ ଏହି କ୍ୱାକ ମାନଙ୍କ ଦ୍ୱାରା ଚିକିତ୍ସା କରାଇ କାହାର ଗର୍ଭପାତ ହୋଇଥିବା ଆଉ କାହାର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବା ବେଳେ ଆଉ କିଏ ଗୁରୁତର ଅବସ୍ଥା ହୋଇ ବାହାରକୁ ଚିକିତ୍ସା କରାଇବାକୁ ଯାଇଥିବା ଖବର ଶୁଣିବାକୁ ମିଳୁଛି କିନ୍ତୁ ସ୍ଥାନୀୟ ଟାଉଟରଙ୍କ ସହଯୋଗ ରେ ନିରହ ଗରିବ ଲୋକଙ୍କୁ କିଛି ମୋଟା ଅଙ୍କର ଟଙ୍କା ଦେଇ ପାଟି ଚୁପ କରାଇ ଦେଉଥିବା ଯୋଗୁଁ ଏହି ଭଳି ଅଭାବନୀୟ ଘଟଣା ଥାନା କୁ କିମ୍ବା ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପହଞ୍ଚି ପାରୁନାହିଁ । କୁନ୍ଦୁରା ବ୍ଲକ ଏକ ପଛୁଆ ଓ ପାହାଡ଼ ଜଙ୍ଗଲ ଘେରା ଅନୁର୍ଣତ ଅଞ୍ଚଳ ଅଟେ । କୁନ୍ଦୁରା ବ୍ଲକରେ ୧୬ ଟି ପଞ୍ଚାୟତ ରହିଥିବା ବେଳେ କୁନ୍ଦୁରା ସଦରରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି ଏବଂ ୩ ଟି ପଞ୍ଚାୟତ ରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୧୯ ଟି ଅଲଗା ଅଲଗା ଜନବହୁଳ ସ୍ଥାନ ଦେଖି ଉପସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ସ୍ୱାସ୍ଥ୍ୟ ବିଭାଗ ର ବିକଳ ଅବସ୍ଥା ଯୋଗୁଁ କୁନ୍ଦୁରା ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ମରୁଡି ଲାଗିରହିଛି । ବିଡମ୍ବନା ର ବିଷୟ ୧୧ ଜଣ ଏମ୍ ବି ବି ଏସ୍ ଓ ୪ ଜଣ ସ୍ପେଶାଲିଷ୍ଟ ଡାକ୍ତର ହିସାବରେ ୧୫ ଜଣ ଡାକ୍ତର ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିବାର ନିୟମ ରହିଥିଲା ବେଳେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏବଂ କୁନ୍ଦୁରା ବ୍ଲକ ବାସୀଙ୍କ ଦୁର୍ଭାଗ୍ୟ ଯେ ମାତ୍ର ୭ ଜଣ ଏମ୍ ବି ବି ଏସ୍ ଡାକ୍ତର କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତୁଲାଇ ଚାଲିଛନ୍ତି, ଜଣେ ବି ସ୍ପେଶାଲିଷ୍ଟ ଡାକ୍ତର ଦୀର୍ଘ ବର୍ଷ ହେବ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦିଆଯାଇନାହିଁ । ସେହିଭଳି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ୩ ଟି ରେ ୩ ଜଣ ଡାକ୍ତର ସ୍ଥାୟୀ ଭାବରେ ରହି ଆଞ୍ଚଳିକ ଲୋକଙ୍କୁ ସେବା ଯୋଗାଇବା କଥା କିନ୍ତୁ ତାହା ଦିନ ୧୦ ଟା ରୁ ଅପରାହ୍ନ ୫ ଯାଏଁ ସୀମିତ । ସେଥିରେ ବି ଖାଇବା ଛୁଟି, ରବିବାର ଛୁଟି ଭଳି ଅନେକ ବାହାନା ରହୁଛି । ଉପସ୍ୱାସ୍ଥ୍ୟ କେନ୍ଦ୍ର କଥା ନକହିବା ଭଲ । ଏମିତି ସୃ ବ୍ୟବସ୍ଥା ର ସ୍ୱାସ୍ଥ୍ୟ ସେବା ଯୋଗୁଁ ଆଞ୍ଚଳିକ ଲୋକ ସରକାରୀ ଡାକ୍ତରଙ୍କ ଠାରୁ ଅଧିକା ସ୍ଥାନୀୟ କ୍ୱାକ ମାନଙ୍କ ଉପରେ ଅଧିକା ଭୋରସା କରି ନିଜର ଏବଂ ନିଜ ପରିବାର ପ୍ରତି ବିପଦ ଟାଣି ନେଇଚାଲିଛନ୍ତି । ଏହାର ଭରପୁର ଲାଭ ଉଠାଉଛନ୍ତି ଅଣଓଡ଼ିଆ ଛଦ୍ମଭେସି କ୍ୱାକ ଡାକ୍ତର ମାନେ । ଏହି କ୍ୱାକ ମାନଙ୍କ ଗତ କିଛି ଦିନର ଚିକିତ୍ସା ଅବସ୍ଥା ଦେଖି କୁନ୍ଦୁରା ଅଞ୍ଚଳରେ ଏକ ଚାପା ଉତ୍ତେଜନା ଓ ଭୟର ବାତାବରଣ ଦେଖିବାକୁ ମିଳୁଛି । ଲୋକଙ୍କ ଭିତରେ ଆଲୋଚନା ସମାଲୋଚନା ଯୋର ଧରିଛି । ଏହି ଅଭାବନିୟ ବିଷୟକୁ ନେଇ ଆମେ କୁନ୍ଦୁରା ସ୍ୱାସ୍ଥ୍ୟ ଅଧିକାରୀ-ଗଣେଶ ପ୍ରସାଦ ଦାସ ଙ୍କ ସହ ଆଲୋଚନା କରିଥିଲୁ, ସେ କହିଲେ ବାହାରୁ ବାହାରୁ ବହୁତ ଏମିତି ଘଟଣା ଅଘଟଣା ଶୁଣିବାକୁ ମିଳୁଛି କିନ୍ତୁ ଅଫିସିଆଲୀ ଭାବେ କୌଣସି ସଠିକ ଅଭିଯୋଗ ନାହିଁ । ଯଦି ସେମିତି କିଛି ସଠିକ ସୂଚନା ମିଳେ ତେବେ ବ୍ଲକ ମାଜିଷ୍ଟେଟଙ୍କ ନେତୃତ୍ୱରେ ଥାନା ଅଧିକାରୀଙ୍କ ସହଯୋଗ ରେ ଆମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ । ଆମେ କୁନ୍ଦୁରା ତହସିଲଦାର - ବିନୋଦ ଚନ୍ଦ ନାଏକ ଙ୍କୁ ଏହି ବିଷୟରେ ପଚାରିଥିଲୁ, ସେ କହିଲେ - ସି ଡି ଏମ ଓ ସ୍ତରରେ ଏହି ସବୁ ଘଟଣା ବୁଝିବା ପାଇଁ ଏନଫୋର୍ସମେଣ୍ଟ କମିଟି ରହିଛି, ଯଦି ଜିଲ୍ଲା ସ୍ତରରୁ ଆମ ନିକଟକୁ ନିର୍ଦ୍ଦେଶ ଆସେ ତେବେ ଆମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବୁ ବୋଲି କହିଥିଲେ ।



## ଜିଲ୍ଲା ପ୍ରଶାସନ ପକ୍ଷରୁ ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା

ନୟାଗଡ଼, (ମହାଭାରତ) : ଭାରତୀୟ ସେନାବଳର ସମ୍ମାନ ଓ ମନୋବଳ ବୃଦ୍ଧି ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇବାକୁ କୁ 'ପରାକ୍ରମ ଶୋଭାଯାତ୍ରା' ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ତିନି ବାହିନୀର ବୀର ଯବାନଙ୍କୁ କୃତଜ୍ଞତା ପ୍ରକାଶ କରି ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଇକ୍ ମାଧ୍ୟମରେ ବିଶାଳ ତ୍ରିରଙ୍ଗା ଶୋଭଯାତ୍ରା ଆୟୋଜିତ ହୋଇଯାଇଛି । ଏହି ତ୍ରିରଙ୍ଗା ଶୋଭାଯାତ୍ରା ସହରର ଦୁର୍ଗାପ୍ରସାଦ ପଡ଼ିଆ ଠାରୁ ଆରମ୍ଭହୋଇ ପୁରୁଣା ସହରସ୍ଥିତ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭାପତି ଇଂ. ଦେବାଶିଷ ପଟ୍ଟନାୟକ, ପୌରାଧକ୍ଷା ନିରୁପମା ଖଟେଇ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦର ଓ ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ବୀର ଯବାନଙ୍କ ସମ୍ମାନାର୍ଥେ ଜିଲ୍ଲା ପ୍ରଶାସନର ସମସ୍ତ ବିଭାଗୀୟ ଅଧିକାରୀ, ପୁଲିସ କର୍ମଚାରୀ ଜନସାଧାରଣଙ୍କ ସହ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ଗମ ଗଡରେ ଛାତ୍ରଛାତ୍ରୀ ସମ୍ମିଳନୀ ଅନୁଷ୍ଠିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଆର-ଉଦୟଗିରି ବ୍ଲକ ମହେନ୍ଦ୍ରଗଡ ପଞ୍ଚାୟତ ସୁଗାଡ ଗ୍ରାମରେ ଶବର ସୁରକ୍ଷା ସମାଜ ପକ୍ଷରୁ ଛାତ୍ରଛାତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ଦୀର୍ଘ ୩ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ସ୍କୁଲ, କଲେଜ ଭଳି ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ କୃତିତ୍ୱ ଲାଭ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା ସହ ପିଲାମାନଙ୍କର ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣକୁ ଲୋକଲୋଚନକୁ ଆଣିବା ହିଁ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ସ୍ଥାନୀୟ ପିଲାମାନଙ୍କୁ ପ୍ରତିଯୋଗିତା ମୂଳକ ଭାବେ ଖେଳ, ନାଚ, ଗୀତ, କୁଇଜ ଓ ଭାଷଣ ଭଳି କାର୍ଯ୍ୟକ୍ରମକରି ପିଲାମାନଙ୍କୁ ପ୍ରଶିକ୍ଷଣ କରିବା ଭଳି କାର୍ଯ୍ୟକ୍ରମ କରି କୃତି ଲାଭ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏପରିକି ଦୁର୍ଗମ ଅଞ୍ଚଳରେ ଅଧିକାଂଶ ଛାତ୍ର ଛାତ୍ରୀ ଆର୍ଥିକ ଅଭାବରୁ ଅଧାରୁ ପାଠ ଛାଡି ଦେଇଥାନ୍ତି ସେମାନଙ୍କୁ ସମାଜ ତରଫରୁ କିପରି ଆର୍ଥିକ ସହାୟତା ଦେବାସହ କିପରି ସେ ଉଚ୍ଚ ଶିକ୍ଷା ଲାଭ କରିପାରିବ ତାହାରି ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ । ସମ୍ମିଳନୀରେ ଛାତ୍ରଛାତ୍ରୀ ସମ୍ମିଳନୀ ସଭାପତି ସରୋଜ ବଡରଇତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ,ଆର- ଉଦୟଗିରି ବ୍ଲକ ଅଧକ୍ଷ ଲକ୍ଷ୍ମୀକାନ୍ତ ଶବର ଯୋଗ ଦେଇଥିଲେ କ୍ଷସମ୍ମାନିତ ଅତିଥିଭାବେ ଆର -ଉଦୟଗିରି ଜିଲ୍ଲାପରିଷଦ ସଭ୍ୟା ଯମୁନା ଦଳବେହେରା, ସାମ୍ବାଦିକ ନୃସିଂହନାଥ ପୂଜାରୀ, ତ୍ରିପତି ବିଷୋୟୀରନ୍, ମହେନ୍ଦ୍ରଗଡ ସରପଞ୍ଚ କୁମୁଦିନୀ ଗମାଙ୍ଗ, ସମିତିସଭ୍ୟ ପୂର୍ଣଚନ୍ଦ୍ର ଗମାଙ୍ଗ, ଉପସଭାପତି ନିତ୍ୟାନନ୍ଦ ଗମାଙ୍ଗ ପ୍ରମୁଖ ଯୋଗଦେଇଥିଲେ ଏବଂ ଛାତ୍ରଛାତ୍ରୀ ସମ୍ମିଳନୀର କାର୍ଯ୍ୟକର୍ତା ଗଣ ରଞ୍ଜନ ରଇତ, ଈଶ୍ୱର ରଇତ, ନରତୁମ୍ବ ରଇତ, ତାରିଣୀ ବଡରଇତ, ଏବଂ ରଜନୀ ରଇତ ପ୍ରମୁଖ ନିଶ୍ୱାର୍ଥ ପର ସହ ଆପ୍ରାଣ ସହଯୋଗରେ ଏହି କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି ।

## ଭିଜିଲାନ୍ସ ହାତରେ ଧରାପଡିଲେ ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ

ଖଣ୍ଡପଡ଼ା, (ମହାଭାରତ) : ଲାଞ୍ଚ ନେଉଥିବା ବେଳେ ମାଡିବସିଲା ଭିଜିଲାନ୍ସ ଟିମ । ଏଭଳି ଘଟଣା ଦେଖିବାକୁ ମିଳିଛି ଖଣ୍ଡପଡା ଏନ.ଏ.ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ ଧଳଙ୍କ ସରକାରୀ ବାସଭାବନରେ । ଅଭିଯୋଗ ଅନୁଯାଇ ଠିକାଦାର ଜିତେନ୍ଦ୍ର ନାରାୟଣ ମିଶ୍ରଙ୍କ ବିଲ୍ କରାଇଦେବା ପାଇଁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିଲେ । ବିଶେଷ ସୂତ୍ରରୁ ଖବର ପାଇଁ ଭିଜିଲାନ୍ସ ଟିମ୍ ରେଡ କରିଥିଲା ଏବଂ ନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ ଙ୍କୁ ସରକାରୀ ବାସଭବନରୁ ଗିରଫ କରିଥିଲା ଭିଜିଲାନ୍ସ ଟିମ୍ । ତେବେ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ ଧଳଙ୍କ ବିରୁଦ୍ଧରେ ବହୁ ଦିନରୁ ଖଣ୍ଡପଡ଼ା ଏନ୍.ଏ.ସି ରେ ବହୁ ଦୁର୍ନୀତି କରୁଥିବା ର ଅଭିଯୋଗ ହୋଇ ଆସୁଥିଲା । ଭିଜିଲାନ୍ସ ଟିମ ଖଣ୍ଡପଡା ଏନ୍.ଏ.ସି କାର୍ଯ୍ୟାଳୟ ସହ କାର୍ଯ୍ୟନିର୍ବାହୀ ଅଧିକାରୀ ଙ୍କ ସରକାରୀ ବାସଭାବନ ରେ ଛାନଭିନ୍ନ କରିଥବା ବେଳେ ବହୁ ଜରୁରୀ କାଗଜ ପତ୍ର ଜବତ କରିଥିବା ଜଣାପଡିଛି ।

## ଆର୍ଟ ଅଫ ଗିଭିଙ୍ଗର କାର୍ଯ୍ୟକ୍ରମ

କେନ୍ଦୁଝର, (ମହାଭାରତ) : କେନ୍ଦୁଝର ସହର ର ନଗର ଭବନ ଠାରେ ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ?ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ମନକୁ ୨୦୧୩ ମସିହା ମେ ୧୭ରେ ଆର୍ଟ ଅଫ ଗିଭିଂର ଚିନ୍ତାଧାରା ଆସିଥିଲା । ନିଜେ ଆନନ୍ଦରେ ଜୀବନ ଜୀଇଁବା ସହ ସମାଜରେ ଶାନ୍ତ ଓ ସୌହାର୍ଦ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏହା ହେଉଛି ଏକ ଦର୍ଶନ । ଆର୍ଟ ଅଫ ଗିଭିଂ ଗତ ଦଶକ ମଧ୍ୟରେ ଓଡ଼ିଶା, ଭାରତ ତଥା ବିଶ୍ୱର ୧୨୦ଟି ଦେଶରେ ଜାତି, ଧର୍ମ, ଲିଙ୍ଗ, ବୟସ ନିର୍ବିଶେଷରେ ତାର ଲକ୍ଷଲକ୍ଷ ଅନୁଗାମୀ ଓ ଅଂଶୀଦାର ସୃଷ୍ଟି କରିବା ସହ ସମଗ୍ର ବିଶ୍ୱରେ ଅଭୂତପୂର୍ବ ପ୍ରସିଦ୍ଧି ଲାଭ କରିପାରିଛି । ଅଚ୍ୟୁତ ସାମନ୍ତଙ୍କ ଭାଷାରେ ତାଙ୍କର ଅନୁଭୂତି ହେଉଛି ସେ ତାଙ୍କ ଜୀବନରେ ଯାହା କରୁଛନ୍ତି ଏବଂ ଯାହା କିଛି ହାସଲ କରିଛନ୍ତି ସେସବୁର ମୂଳ ହେଉଛି ' ଆର୍ଟ ଅଫ୍ ଗିଭିଂ ' । ସେ କୁହନ୍ତି ତାଙ୍କର ସମ୍ପୂର୍ଣ୍ଣ ଜୀବନ ତିନୋଟି ଶବ୍ଦ ' ଆର୍ଟ ଅଫ୍ ଗିଭିଂ' ଉପରେ ପର୍ଯ୍ୟବସିତ । କିସ କିଟ କଳିଙ୍ଗ ଟିଭି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କିସ ର କୋଡିନେଟର ଜଗବନ୍ଧୁ ଦାସ ଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ର ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ବିଦ୍ୟାଧର ବେହେରା ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ, ସଂମାନିତ ଅତିଥି ଭାବରେ ସିଟିଜି ର ଫାଉଣ୍ଡର ଡକ୍ଟର ରାଜେନ୍ଦ୍ର ପଲେଇ, ଓସ୍କା ଫାଉଣ୍ଡସେନ ସମ୍ପାଦିକା ଧରିତ୍ରୀ ରାଉତ, ସମାଜସେବୀ ବିଜୟ ବେହେରା , କେନ୍ଦୁଝର ନାଗରିକ ମଞ୍ଚର ସଦସ୍ୟ, ତଥା ରୋଟାରୀୟାନ ଭରତ ପାତ୍ର, କିଟ ଅଭିଭାବକ ସଂଘର ସମ୍ପାଦକ ଶ୍ୟାମ ସୁନ୍ଦର ନାଏକ ଓ ଉପ ସଭାପତି ଶିବ ଶଙ୍କର ମାରାଣ୍ଡି ପ୍ରମୁଖ ଯୋଗ ଦେଇ ଆର୍ଟ ଅଫ ଗିଭିଙ୍ଗ ବିଷୟ ପଡୋଶୀ ସହ ସୁସମ୍ପର୍କ ସ୍ଥାପନ କରିବା ବିଷୟ ନେଇ ବିଷଦ ଭାବରେ ଧାରଣା ଦେବା ସହିତ ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତ ଏପରି ଏକ ପରିକଳ୍ପନା କରିଥିବାରୁ ଉପସ୍ଥିତ ଅତିଥି ଓ ଶ୍ରୋତା ମାନେ ଧନ୍ୟବାଦ ଦେଇଥିଲେ କ୍ଷ କିସ ଓ କିଟ ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ ଙ୍କୁ ଆଦିବାସୀ ଙ୍କ ରୋଡ଼ ମଡେଲ କହିବା ସହ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ କୁ ଉପସ୍ଥିତ ଲୋକମାନେ ପ୍ରଶଂସା କରିଥିଲେ । ଏବଂ ଫାଉଣ୍ଡରଙ୍କ ଉତ୍ତରତର କାମନା କରିଛନ୍ତି, ଆଜିର ଏହି କାର୍ଯ୍ୟକ୍ରମ ରେ କିସ ଜିଲା କମିଟି ର ସଦସ୍ୟ ବାସୁଦେବ ସିଂ, ନରେନ୍ଦ୍ର ନାଏକ, ଗୁରୁଚରଣ ନାଏକ, ପ୍ରଶାନ୍ତ ନାଏକ, ଦୁର୍ଗା ଚରଣ ପିଙ୍ଗୁଆ,ଙ୍କ ସମେତ ଶହ ଶହ ବିଭିନ୍ନ ଅନୁଷ୍ଠାନ ର ଲୋକମାନେ ଯୋଗ ଦେଇଥିଲେ ।

## ବଣି ଗ୍ରାମରେ ଜାତୀୟ ଡେଙ୍ଗୁ ଦିବସ ପାଳିତ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲାର ମଧ୍ୟଖଣ୍ଡ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା କୁଜାମେଣ୍ଡୀ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧୀନସ୍ଥ ଏକ ଅତି ଦୁର୍ଗମ ଏବଂ ପଛୁଆ ଅଞ୍ଚଳ ବଣି ଗ୍ରାମରେ ଜାତୀୟ ଡେଙ୍ଗୁ ଦିବସ ପାଳନ କରାଯାଇଥିଲା । ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଯାହାକୁ ସ୍ଥାନୀୟ ପ୍ରଶାସନ, ସ୍ୱାସ୍ଥ୍ୟ କର୍ମୀ ଏବଂ ଗ୍ରାମବାସୀଙ୍କ ସକ୍ରିୟ ଭାଗୀଦାରୀରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ସଙ୍ଗୀତା ପ୍ରୁଷ୍ଟି, ମହିଳା ସ୍ୱାସ୍ଥ୍ୟ କର୍ମୀ ରଶ୍ମିତା ବେହେରା, ଡେଙ୍ଗୁ ସ୍ୱେଚ୍ଛାସେବୀ ସୁବାଷ ଚନ୍ଦ୍ର ବାରିକ, ଅଙ୍ଗନବାଡ଼ୀ କର୍ମୀ ଶ୍ରୀମତୀ ସରସ୍ୱତୀ ସାହୁ, ମହିଳା ସ୍ୱାସ୍ଥ୍ୟ ସମିତିର ସଦସ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ, ମାତୃ ସମିତି ଏବଂ ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି ଅବସରରେ ଡେଙ୍ଗୁର ବିପଦ ଏବଂ ଏହାର ପ୍ରତିରୋଧ ପାଇଁ ଆବଶ୍ୟକୀୟ ପଦକ୍ଷେପ ବିଷୟରେ ସଭିଙ୍କୁ ଅବଗତ କରାଯାଇଥିଲା । ବ୍ଲକ୍ ପ୍ରୋଗ୍ରାମ କୋଅର୍ଡିନେଟର ଶ୍ରୀ ତୁଷାର ରଞ୍ଜନ ସାହୁ ଗ୍ରାମୀଣ ସ୍ତରରେ ସ୍ୱାସ୍ଥ୍ୟ ପ୍ରୟାସଗୁଡ଼ିକୁ ପରିଦର୍ଶନ କରି ଏହାର ପ୍ରଭାବଶାଳୀ କାର୍ଯ୍ୟକାରିତା ନିଶ୍ଚିତ କରିଥିଲେ । ଏଥିସହ, ପବ୍ଲିକ୍ ହେଲ୍ଥ ଇନଫୋର୍ସମେଣ୍ଟ ଅଫିସର ପୂର୍ଣ୍ଣଚନ୍ଦ୍ର କବି ଡେଙ୍ଗୁ ସଚେତନତା ପତ୍ରିକା ବିତରଣ କରି ପ୍ରତିରୋଧକ ପଦକ୍ଷେପଗୁଡ଼ିକୁ ମଜବୁତ କରିଥିଲେ ।

## ବିଶ୍ୱନାଥପୁର ଠାରେ କିସ ପକ୍ଷରୁ ଆର୍ଟ ଅପ୍ ଗିଭିଂ କାର୍ଯ୍ୟକ୍ରମ




ଲାଞ୍ଜିଗଡ, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ସଭାଗୃହ ଠାରେ ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରେରଣାରେ ଆର୍ଟ ଅଫ ଗିଭିଂ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡ.ଅଚ୍ୟୁତ ସାମନ୍ତଙ୍କ ଜୀବନଦର୍ଶନ କୁ ଭିତ୍ତି କରି ୨୦୧୩ ମସିହାରୁ ପାଳନ ହୋଇଆସୁଥିବା ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଅଭିଭାବକ ଓ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅତି ଶୃଙ୍ଖଳିତ ଭାବରେ ପାଳନ ହୋଇଯାଇଛି । ପ୍ରଥମେ ଅତିଥିମାନଙ୍କୁ କିସ ର ଶିକ୍ଷକ,ଅଭିଭାବକ ଓ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ କରାଯାଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯକ୍ରମ ର ଶୁଭାରମ୍ଭ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧକ୍ଷା କମଳା ପାତ୍ର ସମ୍ମାନୀତ ଅତିଥି ଭଟଙ୍ଗା ପଦର ପଞ୍ଚାୟତ ସରପଞ୍ଚ ଦଶମୀ ମାଝୀ ସମେତ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା ଯୋଗଦେଇଥିଲେ । ଏବର୍ଷ ପଡୋଶୀଙ୍କ ପାଇଁ କିଛି ଭଲ କରିବା , ଆମେ ଖୁସିରେ ରହିବା ସହ ଆମ ପଡୋଶୀଙ୍କ ଦୁଃଖ ସୁଖ ରେ ନିଜକୁ ସାମିଲ କରିବା ।ଆଦିବାସୀ ଛାତ୍ର ଛାତ୍ରୀଙ୍କ ଶିକ୍ଷାର ମାନକୁ ଉନ୍ନତ କରିବା ପାଇଁ କିସ୍ ଭଳି ଏକ ନିଶୁଳ୍କ ବିଶ୍ୱ ବିଦ୍ୟାଳୟ ରେ ପ୍ରଥମରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ପଢ଼ିବାର ସୁଯୋଗ ଓଡ଼ିଶାରେ ଗୌରବ ଆଣିଦେଇଛି । ଭୁବନେଶ୍ୱର ବ୍ୟତୀତ କଳାହାଣ୍ଡି, ବଲାଙ୍ଗୀର, ମୟୂରଭଞ୍ଜ ଓ ବାଲେଶ୍ୱର ଠାରେ କିସ୍ ବିଦ୍ୟାଳୟ ପ୍ରତିଷ୍ଠା କରି ୩୦ ହଜାର ରୁ ଅଧିକ ଶିକ୍ଷାର୍ଥୀ ଶିକ୍ଷାଦାନ କରୁଛନ୍ତି । ଅଚ୍ୟୁତସାମନ୍ତଙ୍କ ଏ ନିରବଚ୍ଛିନ୍ନ ସେବା କୁ ଅତିଥିମାନେ ବ୍ୟକ୍ତ କରିବା ସହ ଡକ୍ଟର ସାମନ୍ତ ଙ୍କ ଏହି ମହାନ ଉଦ୍ଦେଶ୍ୟ କୁ ଭୂୟସୀ ପ୍ରଶଂସା କରିବା ସହ ଏହି ବାର୍ତ୍ତା ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚି ସମସ୍ତଙ୍କ ଭିତରେ ସାହାଯ୍ୟର ମନୋଭାବ ଉଦ୍ରେକ ହେଲେ ଏକ ସୁସ୍ଥ ସମାଜ ଗଢି ଉଠିବ ବୋଲି ବକ୍ତବ୍ୟ ରଖିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ କେତେ ଜଣ ପ୍ରତିଭାଶାଳୀ ଛାତ୍ର ଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କଳାହାଣ୍ଡି କିସ୍ ର ଆସିଷ୍ଟାଣ୍ଟ ସିଇଓ ସୁରେନ୍ଦ୍ର ମାଝୀ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ସଭା ପରିଚାଳନା କରିଥିଲେ ଡମ୍ବରୁ ଧର ମାଝୀ, ଯଶକେତନ ମାଝୀ ସମେତ କିଟ, କିସ ପୂର୍ବତନ ଛାତ୍ର, ଛାତ୍ରୀ ସହଯୋଗ କରିଥିବା ବେଳେ ସୁରେନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଗ୍ନିକାଣ୍ଡ ଘଟାଇ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଅଭିଯୁକ୍ତ ଗିରଫ

ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ଓଲିହାଁ ଗ୍ରାମ ବାବା ଐଶାନେସ୍ୱର ଶୈବ ପିଠ ସାମ୍ନା ରେ ଆଜି ରାତ୍ର ୩ଘଟିକା ୩୦ ମିନିଟ ସମୟ ରେ ଦେଖିବାକୁ ମିଳିଛି ଏକ ଅଭାବନୀୟ କାଣ୍ଡ । ଏହି ଗ୍ରାମ ର କ୍ଷେତ୍ରବାସୀ ବେହେରା ଙ୍କ ୩୮ ବର୍ଷୀୟ ପୁଅ ପ୍ରଭାତ ବେହେରା ଦୀର୍ଘ ବର୍ଷ ହେବ ଏହି ଶିବ ମନ୍ଦିର ସାମ୍ନା ରେ ଏକ ପୂଜା ସାମଗ୍ରୀ ଓ ଭେରାଇଟି ଷ୍ଟୋର ଦୋକାନ କରି ରୋଜଗାରକ୍ଷମ ଥିଲେ ମାତ୍ର ସେହି ସ୍ଥାନରେ ଦୁର୍ଯ୍ୟୋଧନ ମହାନ୍ତିଙ୍କ ୩୦ ବର୍ଷୀୟ ପୁଅ କୃଷ୍ଣଚନ୍ଦ୍ର ମହାନ୍ତି ଆଉ ଏକ ଦୋକାନ ଖୋଲି ବ୍ୟବସାୟ କରୁଥିଲେ । କିନ୍ତୁ ଏହି ୨ ଜଣଙ୍କ ଭିତରେ ଦୀର୍ଘ ବର୍ଷ ହେବ ବ୍ୟବସାୟିକ ଶତୃତା ଲାଗିରହିଥିଲା । ଗୁରୁବାର ଦିନ ବାବା ଐସାନେଶ୍ୱର ଙ୍କ ପିଠ ରେ ନାମ ସଂକୀର୍ତ୍ତନ ଚାଲିଥିଲା ରାତ୍ର ୧ :୩୦ ମିନିଟ ସମୟ ରେ ସଂକୀର୍ତ୍ତନ ବିଶ୍ରାମ ହେବା ପରେ ଭକ୍ତ ମାନେ ନିଜ ନିଜ ଘରକୁ ଯାଇଥିଲେ ମାତ୍ର ରାତ୍ର ୩:୩୦ ସମୟ ରେ ଏକ ବିସ୍ଫୋରଣ ର ଶବ୍ଦ ଶୁଣି ବାହାରକୁ ଦୌଡ଼ି ଆସି ଦେଖିଥିଲେ ପ୍ରଭାତଙ୍କ ଦୋକାନ ହୁତୁହୁତୁ ହୋଇ ଜଳୁଛି । ସ୍ଥାନୀୟ ଲୋକ ପାଣି ଆଣି ପକାଇ ନିଆଁ କୁ ଆୟତ୍ତ କରିବାକୁ ପ୍ରୟାସ କରିଥିଲେ ମାତ୍ର ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ଶେଷ ରେ ଦମକଳ ର ସାହାଯ୍ୟ ମାଗିଥିଲେ, ନିକଟସ୍ଥ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇ ଥିଲେ । କିନ୍ତୁ ଦୋକାନ ରେ ହାରାହାରି ୫ ଲକ୍ଷ ଟଙ୍କା ର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା । ପରିଶେଷରେ ପ୍ରଭାତ କୁମାର ବେହେରାଙ୍କ ତରଫରୁ ଅସ୍ତରଙ୍ଗ ଥାନା ରେ ଏକ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ଅସ୍ତରଙ୍ଗ ଓ କାକଟପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଦୀର୍ଘ ସମୟ ପରେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ମହାନ୍ତି ଅର୍ଦ୍ଧଦଗ୍ଧ ଅବସ୍ଥାରେ ଗ୍ରାମବାସୀଙ୍କ ମାଧ୍ୟମରେ ଉଦ୍ଧାର ହୋଇଥିଲା ଓ ସ୍ଥାନୀୟ ପୋଲିସ ଅଭିଯୁକ୍ତକୁ ଗିରଫ କରି ପ୍ରଥମେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା କରାଇଥିଲେ ମାତ୍ର ସ୍ୱାସ୍ଥ୍ୟବସ୍ଥା ଗୁରୁତ୍ୱର ହେବାରୁ ତାଙ୍କୁ ୨ ଜଣ ପୋଲିସ କର୍ମୀ ଙ୍କ ସହାୟତା ରେ ଆମ୍ବୁଲାନ୍ସ ଦ୍ୱାରା ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି । ଏ ଘଟଣା ରେ ୯୫/୨୫ ରେ କେଶ ପଞ୍ଜିକରଣ କରାଯାଇ ତଦନ୍ତ ଚାଲୁରହିଛି ଆଉ ଗିରଫ ଯୁବକ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ କୋର୍ଟ ଚାଲାଣ ହେବେ ବୋଲି ତଦନ୍ତକାରି ପୋଲିସ ଅଧିକାରୀ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି ।

## ମନରେଗା କର୍ଯ୍ୟର ପ୍ରଚ୍ଛଦ ପଟରେ ସରପଞ୍ଚଙ୍କ ସ୍ୱାମୀ: ମାଟିଖୋଲା ବଦଳରେ ଗାର୍ଡୱାଲ ଖୋଲି ସ୍ୱାହା ଯୋଜନା

ଜୁନାଗଡ଼, (ମହାଭାରତ): ସରକାର ଗରିବ ନୀରିହ ଲୋକଙ୍କ ପେଟ ପାଟଣା ପାଇଁ ଅନେକ ଗୁଡ଼ିଏ ଯୋଜନା କରିଛନ୍ତି ହେଲେ, ଯୋଜନା ମଧ୍ୟରୁ ମନରେଗା ଏକ ଗରିବ ଶ୍ରେଣୀ ଶ୍ରମିକଙ୍କ ପାଇଁ ପୋଷ ମାସ ବୋଲି କୁହାଯାଏ । ଜିଲ୍ଲାରେ ବିଗତ ଦିନରେ ମନରେଗାର ତଦନ୍ତ ହେବା ନେଇ ପ୍ରଶ୍ନ ଉଠିଥିଲା,ତାହା ଦେଖି କିଛି ଅସାଧୁ କର୍ମଚାରୀ ଦୁର୍ନୀତିକୁ ଡାଙ୍କୁଣି ଦେଇଥିଲେ ।ହେଲେ ଏହି ସବୁକୁ ଖାତିର ନ କରି ଜୁନାଗଡ଼ ବ୍ଲକର ବୁଢ଼ିଦର ଗ୍ରାମ ପଞ୍ଚାୟତର ପ୍ରଶାସନ ଗ୍ରାମ ବାସୀଙ୍କ ସମସ୍ୟାକୁ ଜାଣି ନ ଜାଣିଲା ଭଳି ଅଭିନୟ କରୁଥିବା ଲୋକେ କହନ୍ତି । ଏହି ଅଂଚଳରେ ଖଇଲାମୁଣ୍ଡା ବୁଢ଼ାରଜା ବନ୍ଧର ପୋଖରୀ ଖନନ ଓ ପୋଖରୀ ଉନ୍ନତୀ କରଣ ନେଇ ଚଳିତ ବର୍ଷ ଧାର୍ଯ୍ୟ ହୋଇଥିବା ବେଳେ, ସରକାରଙ୍କ ନିୟମ ଅନୁଯାୟୀ ନ କରି ନିଜ ସ୍ୱାର୍ଥ ପାଇଁ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଆଗ ଗାର୍ଡ ୱାଲ ନିର୍ମାଣ କରିବା ପାଇଁ ଦାଦାଗିରି ଦେଖାଉ ଥିବା ଲୋକେ ଅଭିଯୋଗ କରନ୍ତି, ଆଉ ମାନରେଗାର ପେଣ୍ଡସ୍ଥଳୀ ଗାଁ ସାଥିଙ୍କୁ କିଛି



ନ ପଚାରି ମନଇଚ୍ଛା କାର୍ଯ୍ୟ କରୁଥିବା ସ୍ଥାନୀୟ ଗାଁ ସାଥି କହନ୍ତି । ଏହିପରି ଭାବରେ ଜୁନାଗଡ଼ ବ୍ଲକରେ ନାରେଗା ଗରିବ ଲୋକଙ୍କ ପାଇଁ ଏକ ମରୀଚିକା ପାଲଟିଥିବା ବେଳେ ବ୍ଲକ ପ୍ରଶାସନ ଜାଣି ନ ଜାଣିଲା ଭଳି ଅଭିନୟ କରୁଥିବା ଜଣାଯାଏ, ବ୍ଲକର ମନରେଗା ଅଧିକାରି ପ୍ରକଳ୍ପ ପରିଦର୍ଶନ ନ କରି କାର୍ଯ୍ୟଳୟ ପରିସରରେ ଖାଲି ଗପ ମାରୁଥିବା ଗ୍ରାମାଞ୍ଚଳ ଓ ସହରରେ ଚର୍ଚ୍ଚା ହୁଏ ।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀଙ୍କ କାର୍ଯ୍ୟ ପ୍ରତି ଅବହେଳା ପାଇଁ ସ୍ୱାସ୍ଥ୍ୟ ଶିବିର ଠପ

ଥୁଆମୂଳ-ରାମପୁର, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ର ବିସ୍ଥାପିତ ସହ ଦୁର୍ଗମ ଅଞ୍ଚଳ ପଡା ପଦର ପଞ୍ଚାୟତର ପ୍ରତେକ ଗାଁ କୁ ଯାଇ ଭାରତୀୟ ମାନବ ଅଧିକାର ପରିଷଧ ପରିଦର୍ଶନ କରି ସମସ୍ୟା ସ୍ଥିତି ଦେଖି ତାକୁ ସଜାଡ଼ିବା ପାଇଁ ଏକ ଛୋଟ ପ୍ରୟାସ କରିବାରେ ଅହରହ ଚେଷ୍ଟା ଚଳାଇଛନ୍ତି । ଏହି ଅଞ୍ଚଳର ଲୋକଙ୍କୁ ମୌଳିକ ସୁବିଧା କେବେ ବି ଭଲଭାବରେ ମିଳୁନି କ୍ଷ ସେଥିପାଇଁ ଭାରତୀୟ ମାନବ ଅଧିକାର ପରିଷଧର ଓଡିଶା ପ୍ରଦେଶ ସଭାପତି ମହମ୍ମଦ ମୁସ୍ତାଫାଙ୍କ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି ମାଗଣା ସ୍ୱାସ୍ଥ୍ୟ ଶିବିର କରିବା ପାଇଁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଙ୍କ ପାଖରେ ଲିଖିତ ଆକାର ରେ ଗତ ୩୦/୦୧/୨୦୨୫ରିଖ ଅନୁମତି ପାଇଁ ଆବେଦନ କରିଥିବା କ୍ରମିକ ସଂଖ୍ୟା ୮୦୮ ନମ୍ବର ବୋଲି ଜଣାପଡିଛି । ପରେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ କାର୍ଯ୍ୟରତ ଭାବେ ଥିବା ବି.ପି.ଏଚ. ଓ. ପ୍ରଦ୍ୟୁଶ କୁମାର ପଣ୍ଡା ଏବଂ ଜୁନାଗଡ଼ ବି. ପି. ଏଚ.ଓ. ସହ ମାନବ ଅଧିକାର ରାଜ୍ୟ ସଭାପତି ମିଳିତ ଭାବେ ଆଲୋଚନା କରିସାରିବା ପରେ ଶ୍ରୀ ପଣ୍ଡା ବି.ପି.ଏମ. ଓ. ଦୀପକ ମାଝୀଙ୍କୁ ନିର୍ଦ୍ଦେଶ ଦେଇ ଥିବା ବେଳେ ଶ୍ରୀ ମାଝୀଙ୍କ ସହ ସ୍ୱାସ୍ଥ୍ୟ ଶିବିରକୁ ନେଇ ଶ୍ରୀ ମୁସ୍ତାଫା ଆଲୋଚନା କରି ସମୟ ବାର ତାରିଖ ନିର୍ଧାରଣ କରାଯାଇଥିଲା । ସେହି ନିର୍ଧାରଣ ତାରିଖ ଗତ ୧୨/୦୫/୨୦୨୫ ସୋମବାର ଦିନ ଶିବିର କରିବା ପାଇଁ ନିର୍ଧାରିତ ହୋଇଥିଲା କ୍ଷଏଥିରେ ସବୁକିଛି ଆୟୋଜନ କରାଯାଇ ବାରମ୍ବାର ଦୀପକ ମାଝୀ ବାବୁଙ୍କ ଫୋନ ଯୋଗାଯୋଗ କରି କଥା ବାର୍ତ୍ତା ହେଉଥିଲା ପରେ ବି ସ୍ୱାସ୍ଥ୍ୟ ଶିବିରକୁ ଠପ କରିଦେଲେ । କରଣ ସେଠାକୁ ଜଣେ ବି ଡାକ୍ତର ପଠାଇ ନ ଥିଲେ । ସେଠାରେ ତିନି ଗୋଟି ଗାଁ ରେ ଯଥା. ଭିତର ଡୁଙ୍ଗା, ପଡ଼ାପଦର ପଞ୍ଚାୟତ କାର୍ଯାଳୟ, ଭୁରଭୁରି ଟେମେରାରେ ଆୟୋଜନ କରାଯାଇଥିଲା ଏବଂ ଅନେକ ଦୂର



ଦୂରାନ୍ତରୁ ବନ ପାହାଡ଼ ଚଡି ନିଜ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ନେବା ଆଶାରେ ରୋଗୀ ମାନେ ଯାଇ ସକାଳୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୋକ ଉପାସ ରେ ଅପେକ୍ଷା କରି ଥିଲେ । ସେଥିରୁ କିଛି ରୋଗୀ ଭୋକ ଉପାସକୁ ନ ସମ୍ଭାଳି ନିରାଶ ହୋଇ ଘରକୁ ଫେରିଯାଇଥିଲେ । ମାନବ ଅଧିକାର ଟିମ ଓ ସାଧାରଣ ଜନତା ସହ ସ୍ଥାନୀୟ ସରପଞ୍ଚ ବି ହୋଇ ରାଣ ସହ ଦୁଃଖ ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟ ଶିବିରକୁ ମାନବ ଅଧିକାର ର ଟିମ ଉପସ୍ଥିତରେ ସରକାରୀ କର୍ମଚାରୀ ମାନେ କାର୍ଯ୍ୟ ପ୍ରତି କେତେ ଅବହେଳା କରୁଥିବେ ସ୍ପଷ୍ଟ ଜଣାପଡୁଛି ବୋଲି ପ୍ରକାଶ କରିବା ସହ ଅମାନଙ୍କ ପ୍ରତି ତୁରନ୍ତ କାର୍ଯ୍ୟନୁଷ୍ଠାନ ନେବା ପାଇଁ ଭାରତୀୟ ମାନବ ଅଧିକାର ପରିଷଧ ପ୍ରଶାସନ ଓ ସରକାର ପାଖରେ ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ ଶିବିର ରେ ଶହ ଶହ ଲୋକ ଯାଇ ଅପେକ୍ଷାରେ ଥିବା ବେଳେ ଏଠାରେ ୯ଟି ଗାଁ କୁ ନେଇ ଆୟୋଜନ କରାଯାଇଥିଲା କ୍ଷ ଏଥିରେ ଭାରତୀୟ ମାନବ ଅଧିକାର ପରିଷଦ ର ରାଜ୍ୟ ସଭାପତି ମୁସ୍ତାଫା, ଜୁନାଗଡ଼ ବ୍ଲକ ସଭାପତି ପଦ୍ମକେଶ୍ୱରୀ ଶବର, ଅନିଲ କୁମାର ସାହୁ, ଧବଳେଶ୍ୱର ପାନ,ଘଟୁରାମ ମାଝୀ, ପଙ୍କଜ ଶବର, ମକୁନ୍ଦ ନାଏକ, ମହେଶ୍ୱର ବାଗ, ରମାକାନ୍ତ ନାଏକ, ମହେନ୍ଦ୍ର ନାଏକ ଖଗପତି ନାଏକ, ସ୍ଥାନୀୟ ସରପଞ୍ଚ ସହ ଶହ ଶହ ଲୋକଙ୍କ ଉପସ୍ଥିତ ହୋଇ ଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଡିଏଲଆର କର୍ମଚାରୀ ଙ୍କ ବିୟୋଗରେ ପାରାଦୀପ ପୋର୍ଟ ଡିଏଲଆର୍ସ ଆସୋସିଏସନ ପକ୍ଷରୁ ଶୋକସଭା



ପାରାଦୀପ ମହାଭାରତ): ପାରାଦୀପ ବନ୍ଦର ର ଗୃହ ନିର୍ମାଣ ବିଭାଗ (ବିସି ଡିଭିଜନ) ରେ ଡିଏଲଆର କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ନୃସିଂହ ଚରଣ ଦାସ (୫୩) ଙ୍କର ଗତ ମେ ୧୩ ତାରିଖ ଦିନ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ପାରାଦୀପ ପୋର୍ଟ ଡିଏଲଆର୍ସ ଆଣ୍ଡ କଣ୍ଟ୍ରାକ୍ଟର ୱାର୍କମେନ ଆସୋସିଏସନ ପକ୍ଷରୁ ଏକ ଶୋକସଭା ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି । ଡିଏଲଆର ଆସୋସିଏସନ ର ସଭାପତି ପ୍ରକାଶ ତ୍ରିପାଠୀ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୋକସଭାରେ କର୍ମକର୍ତ୍ତା ପ୍ରକାଶ ଚନ୍ଦ୍ର ସ୍ୱାଇଁ,ପ୍ରଶାନ୍ତ କୁମାର ମିଶ୍ର, ଅନନ୍ତ କିଶୋର ମଲ୍ଲିକ, ମନ୍ମଥ ବେଉରା, ଧ୍ରୁବ ଚରଣ ବେହେରା,ଧନେଶ୍ୱର ସାହୁ ଙ୍କ ସମେତ ବହୁ ଡିଏଲଆର କର୍ମଚାରୀ ଉପସ୍ଥିତ ରହି ସହଯୋଗୀ ସ୍ୱର୍ଗତ ନୃସିଂହ ଦାସ ଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଏହି ଅବସରରେ ସଭାପତି ଶ୍ରୀ ତ୍ରିପାଠୀ ମୃତକ ଙ୍କ ପରିବାରକୁ ସହାୟତା ଓ ସ୍ୱର୍ଗତ ଦାସ ଙ୍କ ପତ୍ନୀଙ୍କୁ ବନ୍ଦରରେ ନିଯୁକ୍ତି ଦେବାକୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

## ୭ଛେଳି ମୃତ୍ୟୁକୁ ନେଇ ନୂଆଗାଁ ଥାନାରେ ଅଭିଯୋଗ

ନୂଆଗାଁ (ମହାଭାରତ ) : ଆଜି ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଅନ୍ତର୍ଗତ ଜାକେଡ଼ା ପଞ୍ଚାୟତ ଶିମିଳିସାହି ଗ୍ରାମରେ ଦେଖିବାକୁ ମିଳିଛି ଅଭାବନୀୟ ଅଘଟଣ । ସୂଚନା ଥାଉକି ରବୀନ୍ଦ୍ର ମଳିକ କହିବା ଅନୁଯାୟୀ ପ୍ରତିଦିନ ଭଳି ଆଜି ମଧ୍ୟ ସକାଳ ୭ଟା ସମୟରେ ୫୦ଗୋଟି ଛେଳିଙ୍କୁ ଚରାଇବା ପାଇଁ ନିକଟସ୍ଥ ଜଙ୍ଗଲକୁ ନେଇଥିଲେ ।ଜଙ୍ଗଲରୁ ଛେଳି ଚରାଇସାରି ଘରକୁ ଆଣୁଥିବା ବେଳେ ଗାଁ ନିକଟରେ ଥିବା ସଂକଳ୍ପ ଏକ ଅନୁଷ୍ଠାନ ଭିତରେ ଆମ୍ବ ଓ କାଜୁ ବଗିଚା ଥିଲା। ସେହି ବଗିଚା ଭିତରକୁ କିଛି ଛେଳି ପଶିଯାଇ ଖାଦ୍ୟ ଖାଇଥିଲେ ।ସେଠାରେ ହଠାତ ୭ଟି ଛେଳି ମୃତ୍ୟୁ ବରଣ କରିଥିଲେ। ଏହି ସମ୍ପର୍କରେ ରବୀନ୍ଦ୍ରଙ୍କୁ ପଚାରିଥିବାରୁ ସେ କହିଥିଲେ ସଂକଳ୍ପ ଭିତରେ ଥିବା ଆମ୍ବ ଓ କାଜୁ ବଗିଚାରେ କିଛି ରାସାୟନିକ ସାର ପ୍ରୟୋଗ ହୋଇଥିବା ଖାଦ୍ୟକୁ ଖାଇ ଛେଳି ମୃତ୍ୟୁ ବରଣ ହୋଇଥିବା କହିଛନ୍ତି ।ସଂକଳ୍ପରେ ରହୁଥିବା ଶ୍ରୀଧର ମହାନ୍ତି ଙ୍କୁ ଏନେଇ ମତାମତ ନେଇଥିବାରୁ ସମ୍ପୂର୍ଣ୍ଣ ମିଥ୍ୟା ବୁଲି ପ୍ରତିକ୍ରିୟା ରଖିଛନ୍ତି। ଯାହାକୁ ନେଇ ଛେଳି ଚାଷୀ ରବୀନ୍ଦ୍ର ମଳିକ ଶ୍ରୀଧର ମହାନ୍ତି ଙ୍କ ନାମରେ ନୂଆଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ନୂଆଗାଁ ପୋଲିସ ପହ□ ପଚରାଉଚରା କରିବା ସହ ମୃତ ଛେଳି ଗୁଡ଼ିକୁ ଜବତ କରି ଏକ ଗାଡି ସାହାଯ୍ୟରେ ନୂଆଗାଁ ପ୍ରାଣୀ ଚିକିତ୍ସାଳୟକୁ ଅଣାଯାଇଥିଲା ।ସେଠାରେ ଡାକ୍ତର ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ ମୃତ ଛେଳିଙ୍କୁ ପୋଷ୍ଟ ମଟମ କରିଥିଲେ।ଏ ସମ୍ପର୍କରେ ନୂଆଗାଁ ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ସୁଭାଶିଷି ମହାପାତ୍ରଙ୍କ ଠାରୁ ମତାମତ ନେଇଥିବାରୁ ଫରେନସିପ ଲ୍ୟାବ ଭୁବନେଶ୍ୱରକୁ ପଠା ଯାଇଛି ତଦନ୍ତ ରିପୋର୍ଟ ଆସିଲା ପରେ ଏହାର ସତ୍ୟ ଘଟଣା ଜଣାପଡିବ ବୁଲି କହିଛନ୍ତି।

## ଠାକୁରମୁଣ୍ଡା ସରପଞ୍ଚ ପଦବୀ ନିମନ୍ତେ ୩ ଜଣଙ୍କ ପ୍ରାର୍ଥୀପତ୍ର ଦାଖଲ

କରଞ୍ଜିଆ,(ମହାଭାରତ)ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ପଦବୀ ନିମନ୍ତେ ଜୁନ ମାସ ୧୧ ତାରିଖ ଦିନ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥି ନିମନ୍ତେ ୧୭ ତାରିଖ ପ୍ରାର୍ଥୀ ପତ୍ର ଦାଖଲ ର ଶେଷ ଦିନ ହୋଇଥିବା ବେଳେ ୩ ଜଣ ପ୍ରାର୍ଥୀ ତାଙ୍କର ନାମାଙ୍କନ ପତ୍ର ବ୍ଲକ ନିର୍ବାଚନ ଅଧିକାରୀ ଙ୍କ ନିକଟରେ ଦାଖଲ କରିଛନ୍ତି। ସେମାନେ ହେଲେ ଆଉ□ ଦାସ,ସୁଜିତ ଲୁଗୁନ,ହରିଶ ଚନ୍ଦ୍ର ସମାଡ଼ ଆସନ୍ତା ୧୯ ତାରିଖ ପ୍ରାର୍ଥୀ ପତ୍ର ଯାଞ୍ଚ ଦିବସ ଥିବା ବେଳେ ୨୧ ତାରିଖ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ହେବ।ଜୁନ ୧୧ ତାରିଖ ସକାଳ ୭ ଟା ରୁ ଦିନ ୧ ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ।୧୨ ତାରିଖ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ୨୦୨୩ ଡିସେମ୍ବର ମସିହାରୁ ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ□ ପଦବୀ ଶୂନ୍ୟ ପଡ଼ିଥିବା ବେଳେ ଏପ୍ରିଲ ୩୦ ତାରିଖରେ ନିର୍ବାଚନ କମିଶନ ବିଜ୍ଞପ୍ତି ଜାରି କରିଛନ୍ତି । ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଆଚରଣ ବିଧି ଲାଗୁ ହୋଇଛି ।ପୂର୍ବରୁ ସରପଞ୍ଚ ଥିବା ଆଲୋକ ଦଙ୍ଗ ଶିକ୍ଷକ ଭାବେ ନିଯୁକ୍ତି ପାଇବାରୁ ଡିସେମ୍ବର ୨୦ ତାରିଖ ୨୦୨୩ ମସିହାରେ ନିଜ ପଦରୁ ଇସ୍ତଫା ଦେଇଥିଲେ । ଉପଜିଲ୍ଲାପାଳଙ୍କ ଚିଠି ନଂ ୯୧୫ ତା୯/୨ ୨୦୨୪ ବଳରେ ନାଏବ ସରପ□ ପ୍ରମିଳା ଲୁଗୁନ ସରପ□ ଦାୟିତ୍ୱ ନିର୍ବାହ କରି ଆସୁଥିଲେ।

## ମାଓବାଦୀ ହତ୍ୟାକାଣ୍ଡ ସହ ସଂପୃକ୍ତଜଣେ ଆସାମୀ ଗିରଫ

କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲା କୋଟଗଡ ଥାନା ଅଂଚଳ ରେ ବିଭିଓ ସମୟରେ ଘଟୁଥିବା ମାଓବାଦୀ ହତ୍ୟାକାଣ୍ଡରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ କୁ ଗିରଫ କରିବାରେ ସଫଳ ହୋଇଛି ଡିଭିଏଫର ସ୍ୱତନ୍ତ୍ର ଟିମ ଯାହାର ନେତୃତ୍ୱ ନେଇଥିଲେ ଡିଏସପି ବିପିନ ମେହେର ପୁଲିସ ସୂଚନା ଆଧାର ରେ ପୂର୍ବରୁ ୨୦୧୭ରେ ଦୁର୍ଗାପଙ୍ଗାରୁ ମାଓବାଦୀମାନେ ଘରୁ ଟେକିନେଇ ବସନ୍ତ ଭାଟ ନାମକ ଜଣେ ଗାଁ ସାଥିଙ୍କୁ ଗୁଳି କରି ହତ୍ୟା କରିଥିଲେ। ସେହିପରି ୨୦୨୨ରେ ବଣାପିପିଲି ହାଟ ରେ ରମେଶ ନାୟକ ବୋଲି ଜଣେ ଠିକାଦାରଙ୍କୁ ଦିନ ଦ୍ୱିପ୍ରହରରେ ମାଓବାଦୀମାନେ ଗୁଳି କରି ହତ୍ୟା କରିଥିଲେ ଏବଂ ଗତବର୍ଷ ବାଡ଼ିପାଙ୍ଗାରେ ମଧ୍ୟ ମେଟଲା ରଇତ ନାମକ ଜଣେ ଯୁବକୁ ଘରୁ ଟେକି ନେଇ ଟଣ୍ଡିଚିପି ହତ୍ୟା କରାଯାଇଥିବା ଘଟଣା ସାରା ଅଂଚଳ କୁ ସ୍ତବ୍ଧ କରିଥିଲା । ସେତେବେଳେ ଏସବୁ ଘଟଣା ପୁଲିସର ମୁଣ୍ଡବିନ୍ଧା ବଢ଼ାଇଥିଲା ଗତବର୍ଷ କୋଟଗଡ ଥାନା କେସ ନଂ ୭୪/୨୪ରେ ମାମଲା ରୁଜୁ କରି କେସର ତଦନ୍ତ ଚାଲୁରହିଥିବା କହିଛନ୍ତି ଡିଏସପି ବିପିନ ମେହେର । ଏହି ସବୁ ଘଟଣାରେ ମାଓବାଦୀ ସହ ସମ୍ପୃକ୍ତ ଅଭିଯୋଗ ରେ ଗୁରୁବାର ଗୁଇନ୍ଦା ସୂଚନା ଆଧାର ରେ ଦୁର୍ଗାପାଙ୍ଗା ପଂଚୟତ ର ଡିମିଲିରୁ ଗେଟେଡା ମାଝୀଙ୍କୁ ପୁଲିସ ର ସ୍ୱେଶାଲ ଟିମ ଗିରଫ କରିବାରେ ସଫଳ ହୋଇଥିବା ଜଣାପଡିଛି ଶୁକ୍ରବାର କୋଟଗଡ ପ୍ରଥମଶ୍ରେଣୀ ବିଚାରବିଭାଗୀୟ ଅଦାଲତ ରେ ବ୍ୟାପକ ସୁରକ୍ଷା ରେ ସମ୍ପୃକ୍ତ ଅଭିଯୁକ୍ତ କୁ ହାଜର କରି ଜେଲକୁ ପଠାଇଦିଆଯାଇଥିବା କହିଛନ୍ତି କୋଟଗଡ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ।

# ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୁଣି ରୋଗୀଙ୍କୁ ଖାଦ୍ୟ ଯୋଗାଣ ବନ୍ଦ

## ୧୧ ମାସର ୪ ଲକ୍ଷରୁ ଅଧିକ ଟଙ୍କା ବକେୟା



ଦଶପଲ୍ଲା, ( ମହାଭାରତ ) : ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଖାଦ୍ୟ ଯୋଗାଣ ଦାୟିତ୍ୱରେ ନିୟୋଜିତ ହୋଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମିଳୁନି ପ୍ରାପ୍ୟ। ଗତ ୧୧ ମାସ ଧରି ପ୍ରାପ୍ୟ ପାଇବାରୁ ବଞ୍ଚିତ ଥିବା ମହିଳା ମାନେ ପୁଣି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଖାଦ୍ୟ ଯୋଗାଣ ବନ୍ଦ କରିଛନ୍ତି। ଗତ କିଛିଦିନ ହେଲା ଗୋଟିଏ ଓଳି ଅର୍ଥାତ ସକାଳ ବେଳା ଖାଦ୍ୟ ଦିଆଯାଉଥିବା ବେଳେ ଓପର ବେଳା ବନ୍ଦ ରହୁଥିଲା। ହେଲେ ଗତ ୪ ଦିନ ହେବ ସମ୍ପୂର୍ଣ୍ଣ ଭାବେ ଖାଦ୍ୟ ଯୋଗାଣକୁ ବନ୍ଦ କରି ଦିଆଯାଇଛି। ବଡ଼କଥା ହେଉଛି ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରାଗୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ଦେବାର ନିୟମ ରହିଛ। ରୋଗୀ ଯେଭଳି ସଠିକ୍ ସମୟରେ ଖାଦ୍ୟ ପାଇବାରୁ ବଞ୍ଚିତ ନହୁଅନ୍ତି ସେ ଦିଗରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ମାତ୍ର ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଦ୍ୟ ବିନା ରୋଗୀ ଚିକିତ୍ସା ହେବା ସରକାରୀ ବିଧିବ୍ୟବସ୍ଥା ପ୍ରତି ପ୍ର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ପାର୍ଶ୍ୱରେ ଆଲଟମେଣ୍ଟ ଆସୁନଥିବା କହି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବାରମ୍ବାର ଦିନ ଗଡ଼ା ଯାଉଥିବା ଖାଦ୍ୟ ଯୋଗାଣ ଦାୟିତ୍ୱରେ ଥିବା ଏସ୍‌ଏଚଜି ବିଶ୍ ତ୍ରିନାଥ ଜିଉ ଗୋଷ୍ଠୀର ସଦସ୍ୟା ମାନେ ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ଗତମାସରେ ପ୍ରାୟ ୪ ଦିନ ଧରି ଖାଦ୍ୟ ଯୋଗାଣ ବନ୍ଦ ରହିଥିଲା। ଖୁବ୍ ଶୀଘ୍ର ଟଙ୍କା ଦିଆଯିବାର ପ୍ରତିଶ୍ରୁତି ପରେ ଖାଦ୍ୟ ଦିଆଯାଇଥିଲା। ଏବେ ପାଖାପାଖି ଆହୁରି ୧ ମାସ ହୋଇଥିବା ବେଳେ ଟଙ୍କାଟିଏ ମିଳିନଥିବା କହିଛନ୍ତି। ଏହାକୁ ନେଇ ଆଉ ଦୋକାନରୁ ବାକିରେ ସଉଦା ମିଳୁନଥିବା ବେଳେ କ୍ଷୀରବାଲା ବାକିରେ କ୍ଷୀର ଦେଉନଥିବା ମହିଳା ମାନେ କହିଛନ୍ତି। ଏପଟେ ମଧଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ. ସନ୍ଦୀପ କୁମାର ସ୍ୱାଇଁଙ୍କ କହିବା ଅନୁଯାୟୀ ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସମେତ ନିର୍ଦ୍ଦେଶକଙ୍କୁ ବାରମ୍ବାର ଚିଠି କରାଯାଇଛି। ଗତ ଦୁଇଦିନ ତଳେ ମଧ୍ୟ ଚିଠି କରାଯାଇଛିୟ ମହିଳା ମାନଙ୍କୁ ବାରମ୍ବାର କହିକହି ଖାଦ୍ୟ ଦିଆଯାଉଛି ହେଲେ ଆଲଟମେଣ୍ଟ ଆସୁନି। ସୂଚନାଯୋଗ୍ୟ ଯେ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀଙ୍କୁ ଖାଦ୍ୟ ଯୋଗାଣ ପାଇଁ ସରକାର ଦୈନିକ ଜଣେ ଶିଶୁ ପାଇଁ ୯୫ ଟଙ୍କା ଦେଉଥିବା ବେଳେ ଅନ୍ୟ ରୋଗୀଙ୍କ ପାଇଁ ୧୧୦ ଟଙ୍କା ଦେଉଛନ୍ତି। ବିଗତ ଚାରି ଦିନ ତଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨ ଜଣ ରୋଗୀ ଚିକିତ୍ସାଧୀନ ଥିବାବେଳେ ଖାଦ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି।

## ନର କଙ୍କାଳକୁ ନେଇ ଅଞ୍ଚଳରେ ଭୟର ବାତାବରଣ

କାକଟପୁର(ମହାଭାରତ) : ଆଜି କାକଟପୁର ବ୍ଲକ ଲତାହରଣ ପଞ୍ଚାୟତ ଅମୁହଣିଆ ପାଟଣା ରେ ପଡିଆ ମଝିରେ ଏକ ନର କଙ୍କାଳ କୁ କିଛି ବ୍ୟକ୍ତି ଦେଖିବାକୁ ପାଇଥିଲେ। ଏହାପରେ ଘଟଣା ସ୍ଥଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥିଲା, କାକଟପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରିବା ପରେ କଙ୍କାଳ ରେ ଥିବା ଚୁଡ଼ି, ଶାୀ ଓ ବାଡ଼ି କୁ ଅନୁମାନ କରି ଏହା ଏକ ମହିଳା ର କଙ୍କାଳ ବୋଲି ସୂଚନା ପ୍ରଦାନ କରିବା ପରେ ଫରେନସିକ୍ ଟିମ୍ କୁ ଡକାଇଥିଲା, ଟିମ୍ ଆସି ଘଟଣା ସ୍ଥଳେ ତଦନ୍ତ କରିଛି, ଏହାପରେ ଏହି କଙ୍କାଳ କୁ ନେଇ ଆଉ ଏକ ସୂଚନା ସନ୍ଧ୍ୟା ସୁଦ୍ଧା ସାମ୍ନା କୁ ଆସିଛି। ସୂଚନା ମୁତାବକ ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ କୁଳସାହି ଗ୍ରାମ ର ମୃତ ପଙ୍କଜ ବିଶ୍ୱାଳ ଙ୍କ ଧର୍ମପତ୍ନୀ ହାରାମଣି ବିଶ୍ୱାଳ ବୟସ (୭୦) ଆଜକୁ ୧୫ ଦିନ ହେବ ଘର ଛାଡି ପଳେଇଥିଲେ। ତାଙ୍କ ପୁଅ କଳ୍ପତରୁ ବିଶ୍ୱାଳ ତାଙ୍କ ପରିବାର ସହିତ ପାରାଦ୍ୱୀପ ରେ ଶ୍ରମିକ ହିସାବରେ କାମ କରନ୍ତି, ମାତ୍ର ମା ଜଣେ ଆଡ଼ପାଗେଳୀ ଥିଲେ ୧୫ ଦିନ ହେବ ନିଖୋଜ ଥିଲେ କୁଆଡେ ଗଲେ ସେଥିପାଇଁ ତାଙ୍କ ପରିବାର ତରଫରୁ ଅସ୍ତରଙ୍ଗ ଥାନା ରେ କୌଣସି ଏତଲା ଦିଆଯାଇନଥିଲା। କିନ୍ତୁ ଆଜି ଚିନ୍‌ହଟ ହୋଇଥିବା ମହିଳା ଙ୍କ କଙ୍କାଳ ର ପିନ୍ଧା ଶାଢ଼ୀ, ଚୁଡ଼ି ଓ ତାଙ୍କ ସାହାରା ବାଡ଼ି କୁ ଦେଖି ତାଙ୍କ ପୁଅ ମା ହାରାମଣି ଙ୍କ କଙ୍କାଳ ବୋଲି ଦାବୀ କରିଛନ୍ତି। ଏହାକୁ ନେଇ ଦୀର୍ଘ ସମୟ କାକଟପୁର ଥାନା ରେ ଉକ୍ତ କଙ୍କାଳ ଟି ରହିଥିଲା। ପୋଲିସ ର ତଦନ୍ତ ପରେ ଏହା ହତ୍ୟା କି ଆତ୍ମହତ୍ୟା କି କୌଣସି ଦୁର୍ଘଟଣା ଜନିତ ମୃତ୍ୟୁ ର କଙ୍କାଳ ତାହା ଜଣାପଡିବ ବୋଲି ବୁଦ୍ଧିଜୀବୀ ମହଲ ରେ ଚର୍ଚ୍ଚା ହୋଇଛି, ବାସ୍ତବ ରେ ଏହା କଳ୍ପତରୁ ଙ୍କ ମା ହାରାମଣି ଙ୍କ ମୃତ ଶରୀର ର କଙ୍କାଳ କି ଅନ୍ୟ କାହାର ତାହା ସ୍ପଷ୍ଟ କରିବା ଅସମ୍ଭବ ବୋଲି କିଛି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି, କାକଟପୁର ଅଞ୍ଚଳ ରେ ଏଭଳି ଘଟଣା ଚାଞ୍ଚଲ୍ୟ କର ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଏହି ନର କଙ୍କାଳ ରହସ୍ୟ ଉପରୁ ପରଦା ଉଠିବା ପୋଲିସ ର ନିରପେକ୍ଷ ତଦନ୍ତ ଉପରେ ନିର୍ଭର କରୁଛି ।

## ନୂଆଗାଁ ବ୍ଲକ ବିଜେଡ଼ି ସଭାପତି ଭାବେ ମନୋନୀତ



ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ ବିଜେଡିକୁ ଅଧିକରୁ ଅଧିକ ସୁଦୃଢ଼ କରିବା ପାଇଁ ମାନ୍ୟବର ଦଶପଲ୍ଲା ଯୁବ ବିଧାୟକ ତଥା ଜିଲ୍ଲା ବିଜେଡ଼ି ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ପ୍ରୟାସ ଜାରି ରହିଥିବା ବେଳେ ଏହି ପରିପ୍ରେକ୍ଷୀରେ ନୂଆଗାଁ ବ୍ଲକ ବିଜୁ ଜନତା ଦଳର ସଭାପତି ଭାବେ ଯୁଗଳ କିଶୋର ସାହୁ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।ଏନେଇ ଶ୍ରୀ ସାହୁ ବିଜେଡ଼ିର ସୁପ୍ରିମ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏବଂ ଦଶପଲ୍ଲା ଯୁବ ବିଧାୟକ ରମେଶ ଚନ୍ଦ୍ର ବେହେରା ଙ୍କୁ ଧନ୍ୟବାଦ ଜଣାଇଛନ୍ତି ।ଏଥି ସହିତ ସମଗ୍ର ନୂଆଗାଁ ଅଞ୍ଚଳର ବିଜେଡ଼ିର ଛାମୁଆ ସଂଗଠକ, ଯୁବ ଛାତ୍ର ମହିଳା,ସମସ୍ତ ୱାଇଙ୍ଗର ନେତା ଓ କର୍ମୀମାନେ ବ୍ଲକ ସଭାପତି ଶ୍ରୀ ସାହୁଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।ଆଗାମୀ ଦିନରେ ସମଗ୍ର ନୂଆଗାଁ ବ୍ଲକରେ କିଭଳି ବିଜେଡ଼ିର ସଂଗଠନ ଅଧିକ ସୁଦୃଢ଼ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବେ ବୋଲି ଶ୍ରୀ ସାହୁ ପ୍ରତିକ୍ରିୟା ରଖିଛନ୍ତି।

## ପାରାଦୀପ ବନ୍ଦର ୩ ନମ୍ବର ଗେଟ ଠାରେ ଦୁଇ ଚକିଆ ଯାନ ପାଇଁ ନୂତନ ପାର୍କିଙ୍ଗ ସେଡ ଉଦଘାଟିତ

ପାରାଦୀପ(ମହାଭାରତ):ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ରେ ନିରାପତ୍ତା ଦୃଷ୍ଟିରୁ ଦୀର୍ଘଦିନ ହେବ ଦୁଇ ଚକିଆ ଯାନ ପ୍ରବେଶ ଉପରେ ବନ୍ଦର ପ୍ରଶାସନ କଟକଣା ଜାରି କରିଥିବାରୁ ବିଭିନ୍ନ କାର୍ଯ୍ୟ ନେଇ ବନ୍ଦର ମଧ୍ୟକୁ ପ୍ରବେଶ କରୁଥିବା ବହୁ ସଂଖ୍ୟକ କର୍ମଚାରୀ ଓ ଶ୍ରମିକ ମାନେ ସେମାନଙ୍କ ଦୁଇଚକିଆ ଯାନ ଗେଟ ବାହାରେ ରଖି କାର୍ଯ୍ୟସ୍ଥଳୀ କୁ ଯାଇଥାନ୍ତି ।ତବେ ନିଷିଦ୍ଧାଞ୍ଚଳ ଗେଟ ବାହାରେ ରହୁଥିବା ଦୁଇ ଚକିଆ ଯାନ ମାନଙ୍କର ସୁରକ୍ଷା କୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ପ୍ରଥମ ଥର ପାଇଁ ବନ୍ଦର ନିଷିଦ୍ଧାଞ୍ଚଳ ର ୩ ନମ୍ବର ଗେଟ ନିକଟରେ ଏକ ନୂତନ ଦୁଇଚକିଆ




ପୂର୍ବରୁ ଏହି ଶ୍ରମିକ ଓ କର୍ମଚାରୀ ମାନେ ବନ୍ଦରର ୪ ନମ୍ବର ଗେଟ ଦେଇ ବନ୍ଦର ମଧ୍ୟକୁ ପ୍ରବେଶ କରୁଥିଲେ ଏବଂ ସେମାନଙ୍କ ଦୁଇ ଚକିଆ ରହଣି ପାଇଁ ଏକ ପାର୍କିଂ ସେଡ ର ମଧ୍ୟ ବ୍ୟବସ୍ଥା ହୋଇଥିଲା । ତେବେ ସେଠାରେ ବନ୍ଦର ପୋତାଶ୍ରୟ ର ସମ୍ପ୍ରସାରଣ କାର୍ଯ୍ୟ ହେତୁ ବର୍ତ୍ତମାନ ୪ ନମ୍ବର ପରିବର୍ତ୍ତେ ସମସ୍ତେ ୩ ନମ୍ବର ଗେଟ ଦେଇ ଯିବା ଆସିବା କରୁଛନ୍ତି ।

ଯାନ ପାର୍କିଂ ସେଡ ଶନିବାର ସକାଳେ ଉଦଘାଟିତ ହୋଇଯାଇଛି । ଏହି ସେଡ କୁ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଉଦଘାଟିତ କରିବା ଅବସରରେ ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ଙ୍କ ସମେତ ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ଥିଲେ । ସୂଚନାଥାଉକି

## ପାଣି ପାଇପ ଫାଟି ହନ୍ତସନ୍ତ ଜନସାଧାରଣ

ଗଣିଆ (ମହାଭାରତ): ଗଣିଆ ବ୍ଲକ ଅନ୍ତର୍ଗତ ଛାମୁଣ୍ଡିଆ ଗ୍ରାମ ର ବଜାର ପାଣି ପାଇପ୍ ଫାଟି ଯିବା ଯୋଗୁଁ ଆଜକୁ ଚାରି ଦିନ ହେଲା ପିଇବା ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ । ଛାମୁଣ୍ଡିଆ ହେଡ କ୍ୱାଷଟର୍ ଅଞ୍ଚଳ ରେ ବିଭିଓ ସରକାରୀ ଓ ବେସରକାରୀ ସଂସ୍ଥା ସହିତ ଜଡିତ ବହୁ କାର୍ଯ୍ୟରେ ଜନସାଧାରଣ ସଂଶ୍ଳିଷ୍ଟ ରହୁଥିବା ଓ ଜନସାଧାରଣ ବସବାସ କରୁଥିବା ଯୋଗୁଁ ଏଠାରେ ପିଇବା ପାଣି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ । ରାଜ୍ୟ ସରକାର ଏଥିପାଇଁ ବହୁ ଅର୍ଥ ବ୍ୟୟ ବରାଦ କରାଯାଉଥିବା ବେଳେ ଏଠାରେ ପାଣିର ଅଭାବ ଯୋଗୁଁ ଅନେକ ଜନସାଧାରଣ ବିଭିଓ କାର୍ଯ୍ୟାଳୟ ର କର୍ମଚାରୀ ମାନେ ପିଇବା ପାଇଁ ବହୁ ହନ୍ତସନ୍ତ ହେଉଛନ୍ତି । ଏ ନେଇ ଗ୍ରାମର ମହିଳା ତୁଳସୀ ସାହୁ କହିଛନ୍ତି ଯେ ସରପଞ୍ଚ ଙ୍କୁ ଅଭିଯୋଗ କଲେ ଆମର ଏଥିରେ କୌଣସି କାର୍ଯ୍ୟ କରିବା ଦାୟିତ୍ୱନାହି ବୋଲି ଜଣାଇଥିଲେ । ଯଦି ଯଥାଶୀଘ୍ର ଏହାର ମରାମତି କାର୍ଯ୍ୟ କରାନଯାଏ ତେବେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବୁ ବୋଲି ତୁଳସୀ ସାହୁ କହିଛନ୍ତି ।

## ଜମିଜମା ବିବାଦକୁ ନେଇ ମହିଳାଙ୍କୁ ଆକ୍ରମଣ ଗୁରୁତ୍ୱର ଅବସ୍ଥା ରେ ଭୁବନେଶ୍ୱର ସ୍ଥାନାନ୍ତର

କାକଟପୁର(ମହାଭାରତ) : ଆଜି କାକଟପୁର ବ୍ଲକ ଛୋଟରାୟପୁର ଗ୍ରାମ ରେ ଦେଖିବାକୁ ମିଳିଛି ଜମିଜମା ବିବାଦ କୁ ନେଇ ୨ ପକ୍ଷ ଙ୍କ ଭିତରେ ବଚସା, ଗୋଟେ ପକ୍ଷ ର ଆକ୍ରମଣ ରେ ଅନ୍ୟ ପକ୍ଷ ର ଜଣେ ୫୩ ବର୍ଷୀୟା ମହିଳା ଆହତ ହୋଇ ପ୍ରଥମେ କାକଟପୁର ଓ ସ୍ୱାସ୍ଥ୍ୟବସ୍ଥା ଗୁରୁତ୍ୱର ହେବାରୁ ପରେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ ଛୋଟରାୟପୁର ଗ୍ରାମ ର ଚରଣ ଓଝା ଙ୍କ ପୁଅ ଦୁଃଖୀଶ୍ୟାମ ମହାରଣା କୋଧାଳ ରେ ଗୋବର ଖତ ନରେନ୍ଦ୍ର ମହାରଣା ଙ୍କ ଜାଗା କୁ ପକାଉଥିଲେ। ଏହି ସମୟ ରେ ବାଡ଼ି ରେ କାମ କରୁଥିବା ନରେନ୍ଦ୍ର ମହାରଣା ଙ୍କ ସ୍ତ୍ରୀ ପ୍ରଭାତୀ ମହାରଣା ପ୍ରତିବାଦ କରିଥିଲେ ଯେ ଏଇଟା ଆମ ଜାଗା ଏଠି ଗୋବର ପକାନ୍ତୁନାହିଁ ମାତ୍ର ଦୁଃଖୀଶ୍ୟାମ ମହାରଣା ଓଲଟା ବଚସା କରି ଧରିଥିବା କୋଧାଳ ରେ ପ୍ରଭାତୀ ଙ୍କ ବାମ ଗୋଡ କୁ ବାଡେଇଦେଇଥିଲେ। ଏହାପରେ ତାଙ୍କ ଗୋଡ଼ ରେ ଆଘାତ ଲାଗିଥିଲା, କିଛି ସମୟ ପରେ ଦୁଃଖୀଶ୍ୟାମ ଙ୍କ ସ୍ତ୍ରୀ କଟୁରୀ ଧରି ପ୍ରଭାତୀ ଙ୍କୁ ଆକ୍ରମଣ କରିଥିଲେ ଯେଉଁଥିରେ ପ୍ରଭାତୀ ଙ୍କର ରକ୍ତସ୍ରାବ ହୋଇଥିଲା, ପରିଶେଷରେ ପ୍ରଭାତୀ ମହାରଣା କାକଟପୁର ଥାନା ରେ ଏତଲା ଦେବା ପରେ କାକଟପୁର ରେ ପ୍ରାଥମିକ ଚିକିତ୍ସା ହୋଇଥିଲେ ମାତ୍ର ସ୍ୱାସ୍ଥ୍ୟବସ୍ଥା ଗୁରୁତ୍ୱର ହେବାରୁ ପ୍ରଭାତୀ ଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ର ତଦନ୍ତ ପରେ ଘଟଣା ର ସତ୍ୟାସତ୍ୟ ସାମ୍ନା କୁ ଆସିବ ବୋଲି ଆଶା କରାଯାଉଛି ।

## ରାସଙ୍ଗରେ ଭୟାବହ ଅଗ୍ନିକାଣ୍ଡ, ଘରସହ ସମ୍ପତ୍ତି ଭସ୍ମୀଭୂତ

ଗଣିଆ,(ମହାଭାରତ): ଗଣିଆ ବ୍ଲକ ଡଙ୍କାରୀସାହୀ ଠାରେ ଶନିବାର ଦିନ ଭୟାବହ ଅଗ୍ନିକାଣ୍ଡ ଘଟିଛି । ସୂଚନାଯୋଗ୍ୟ ଯେ ଡଙ୍କାରୀସାହୀ ଗ୍ରାମ ର ରୋହିତ ସେଠି ଘରେ ରୋଷେଇ କରୁଥିବା ବେଳେ ଚୁଲିରୁ ଆକସ୍ମିକ ଭାବରେ ଚାଳରେ ନିଆଁ ଲାଗି ଯାଇଥିଲା। ଏହି ସମୟରେ ହଠାତ୍ ତାଙ୍କ ଘର ଜଳୁ ଥିବା ଦେଖି ପାଖ ପଡୋଶୀ ପାଟି କରିଥିଲେ ଓ ନିଆଁ ଲିଭାଇବାକୁ ଚେଷ୍ଟା କରୁଥିଲେ। ପଲାଘର ହୋଇଥିବାରୁ ନିଆଁକୁ ଆୟତ୍ତ□ କରିବା କଷ୍ଟକର ହୋଇଥିଲା। ଗ୍ରାମବାସୀ ମାନେ ତୁରନ୍ତ ଅଗ୍ନିଶ୍ରମକୁ ସୂଚନା ଦେଇଥିଲେ। ଖବର ପାଇ ଗଣିଆରୁ ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ।ଏଥିରେ ଶ୍ରୀ ସେଠିଙ୍କ ଧାନ ଚାଉଳ, ଆସବାବପତ୍ର ସହିତ ନଗଦ ଅରଅଥ ୬୦୦୦୦/- ଟଙ୍କା ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିଶମ ଅଧିକାରୀଙ୍କ କହିବା ଅନୁଯାୟୀ ଆନୁମାନିକ ୨୦୦୦୦୦/- ଟଙ୍କା କ୍ଷତି ହୋଇଛି।

## ଚିନ୍ତା ବଢ଼ାଇଲାଣି ମୁକୁଳା ଡ୍ରେନ୍ : ସଫେଇ ହେଉନି କି ସ୍ଲାବ୍ ପଡୁନି

# କାଳବୈଶାଖୀ ବର୍ଷା ପାଣି ନିଷ୍କାସନ ହୋଇପାରୁନି : ସହରର ୧୬ ୱାର୍ଡରେ ୭କିମି ଡ୍ରେନ୍ ମୁକୁଳା

ନୟାଗଡ଼, ( ମହାଭାରତ ) : ନୟାଗଡ଼ ସହରରେ ଥିବା ଡ୍ରେନ୍ ଗୁଡ଼ିକର ଅବସ୍ଥା ଏବେ ଅତ୍ୟନ୍ତ ସଙ୍ଗିନୀୟ କାଳବୈଶାଖୀ ବର୍ଷାରେ ଏହି ଡ୍ରେନ୍ ଗୁଡ଼ିକରେ ପାଣି ନିଷ୍କାସନ ହୋଇପାରୁନଥିବା ବେଳେ ଅଧିକାଂଶ ସ୍ଥାନରେ ସ୍ଲାବ୍ ପଡ଼ିପାରୁନି। ଆଉ ମାସକ ପରେ ବର୍ଷା ଆସୁଥିବା ବେଳେ ପୌର ପରିଷଦ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନାହିଁ। ବିଶେଷ କରି ଗତ ବର୍ଷରୁ ମୁକୁଳା ପଡ଼ିଥିବା ଡ୍ରେନ୍ ଗୁଡ଼ିକର ସର୍ଭେ କରାଯାଇଥିଲେ ମଧ୍ୟ ଏହାକୁ ଏପର୍ଯ୍ୟନ୍ତ ବନ୍ଦ କରାଯାଉ ନାହିଁ। ରାଜଧାନୀରେ ମୁକୁଳା ଡ୍ରେନ୍‌ରେ ଭାସିଯିବା ଯୋଗୁ ଦୁଇ



ଦୁଇ ଜଣ ନାବାଳକର ମୃତ୍ୟୁକୁ ନେଇ ରାଜ୍ୟବ୍ୟାପୀ ହଟଚମଟ ସୃଷ୍ଟି ହୋଇଥିଲା। ଏହାକୁ ବେଶ୍ ଗୁରୁତ୍ବର ସହ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପୌରପାଳିକାକୁ ତୁରନ୍ତ ମୁକୁଳା ପଡ଼ିଥିବା ଡ୍ରେନ୍ ଗୁଡ଼ିକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ପୌର ପରିଷଦ ପକ୍ଷରୁ ନୟାଗଡ଼ର ସମସ୍ତ ୧୬ଟି ୱାର୍ଡରେ ପିଡବ୍ଲୁଡି, ପୌର ପରିଷଦ ଓ ଡ୍ରେନେଜ୍ ବିଭାଗ ଅଧୀନରେ ଥିବା ଡ୍ରେନ୍ ଗୁଡ଼ିକୁ ଯନ୍ତ୍ରୀମାନେ ପରିଦର୍ଶନ କରି ଏହାର ଏକ ତାଲିକା ପ୍ରସ୍ତୁତ କରିଥିଲେ। ସେଥିମଧ୍ୟରୁ ଏହି ତିନି ବିଭାଗର ୭.୬୭କିମି ଲମ୍ବ ଡ୍ରେନ୍ ମୁକୁଳା ପଡ଼ିଥିବା ଆକଳନ କରାଯାଇଥିଲା। ୧୨ ନମ୍ବର ୱାର୍ଡ ଦେବୋ□ର କଲୋନି ନିକଟରେ ଯାଇଥିବା ପିଡବ୍ଲୁଡି ବିଭାଗର ଡ୍ରେନ୍ଟି ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଜଣାପଡ଼ିଛି। ଏହି ରିପୋର୍ଟ ମିଳିବା ପରେ ସମ୍ପୃକ୍ତ ବିଭାଗକୁ ଚିଠି ଲେଖି ପୌର ପରିଷଦ ପକ୍ଷରୁ ଅବଗତ କରାଯାଇଛି। ଏହା ସହ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ରିପୋର୍ଟ ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର ମୁକୁଳା ପଡ଼ିଥିବା ଡ୍ରେନ୍ ଉପରେ ସ୍ଲାବ୍ ପଡ଼ିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ପୌର ପରିଷଦ ପକ୍ଷରୁ କୁହାଗଲା। ମାତ୍ର ଗତ ବର୍ଷ ବର୍ଷା ଋତୁ ଶେଷ ହୋଇ ଚଳିତ ବର୍ଷ ପୁଣି ଥରେ ଆସିବାକୁ ବସିଲାଣି। ମାତ୍ର ଏପର୍ଯ୍ୟନ୍ତ ଗୋଟିଏ ବି ମୁକୁଳା ଡ୍ରେନରେ ସ୍ଲାବ୍ ପଡ଼ିଲା ନାହିଁ। ନୟାଗଡ଼ ସହରରେ ଏକାଧିକ ୱାର୍ଡରେ ଡ୍ରେନ୍ ମୁକୁଳା ପଡ଼ିଥିବା ନେଇ ବିଭନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଛି। ଏହା ସହ ସହରର ସମସ୍ତ ୱାର୍ଡ ଓ ମୁଖ୍ୟ ରାସ୍ତାରେ ଥିବା ଡ୍ରେନ୍ ଗୁଡ଼ିକୁ ଏ ପର୍ଯ୍ୟନ୍ତ ସଫା କରାଗଲା ନାହିଁ। ଫଳରେ କାଳବୈଶାଖୀ ବର୍ଷାରେ ପାଣି ନିଷ୍କାସନ ହୋଇନପାରି ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି କରୁଛି। ଏ ନେଇ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କୁହନ୍ତି ଯେ, ବିଭିନ୍ନ ୱାର୍ଡରେ ମୁକୁଳା ପଡ଼ିଥିବା ଡ୍ରେନ୍ ଗୁଡ଼ିକର ସର୍ଭେ କରାଯାଇ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ପରେ କାହାର କେତେଟି ଡ୍ରେନ୍ ରହିଛି, ଏ ସଂକ୍ରାନ୍ତରେ ଏକ ରିପୋର୍ଟ ଜିଲ୍ଲାପାଳଙ୍କୁ ଦିଆଯାଇଛି। ଏହି ମୁକୁଳା ପଡ଼ିଥିବା ଡ୍ରେନ୍ ଗୁଡ଼ିକୁ ବନ୍ଦ କରିବା ପାଇଁ ଅନୁଦାନ ଆସିବା ପରେ ଏ ଦିଗରେ କାର୍ଯ୍ୟ କରାଯିବ। ଏହା ସହ ଡ୍ରେନ୍ ସଫେଇ ପାଇଁ କାଉନସିଲ ବୈଠକରେ ଆଲୋଚନା ହୋଇଛ। ଖୁବ୍‌ଶୀଘ୍ର ସମସ୍ତ ୱାର୍ଡ ଓ ସହରର ମୁଖ୍ୟ ରାସ୍ତାରେ ଥିବା ଡ୍ରେନ୍ ଗୁଡ଼ିକ ସଫା କରାଯିବ।

## ଆଫଗାନିସ୍ତାନରେ ଭୂମିକମ୍ପ ଝଟକା



ଆଫଗାନିସ୍ତାନ : ଆଫଗାନିସ୍ତାନରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି ।ଠ ସୂଚନା ଅନୁସାରେ ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୨ ରହିଥିଲା । ଭୂମିକମ୍ପ ପରେ ଲୋକଙ୍କ ମଧ୍ୟରେ ବିଶୃଙ୍ଖଳା ଦେଖାଦେଇଥିଲା ।ତେବେ ଭୂକମ୍ପ ପରେ ଲୋକମାନେ ଘରୁ ବାହାରକୁ ଆସିଗଲେ । ଭୂମିକମ୍ପର କେନ୍ଦ୍ରସ୍ଥଳ ଉତ୍ତର ଭାଗରେ ଥିବା ବାଘଲାନ ପ୍ରଦେଶ ନିକଟରେ ଥିଲା । ଆଫଗାନ ଭୂତତ୍ତ୍ୱ ବିଭାଗ ଅନୁଯାୟୀ, ଭୂମିକମ୍ପର ଗଭୀରତା ୧୦ କିଲୋମିଟର ଥିଲା । ଯାହାକୁ ଅଗଭୀର ଭୂମିକମ୍ପ କୁହାଯାଏ । ରାଜଧାନୀ କାବୁଲ, କୁନ୍ଦୁଜ ଏବଂ ତଖାର ସମେତ ଅନେକ ଉତ୍ତର ଏବଂ ପୂର୍ବ ପ୍ରଦେଶରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ଭୂମିକମ୍ପର ଝଟକା କିଛି ସେକେଣ୍ଡ ପାଇଁ ଅନୁଭୂତ ହୋଇଥିଲା ବୋଲି କହିଛନ୍ତି ସ୍ଥାନୀୟ ଲୋକେ । ଏହି ସମୟରେ ଘରର କାନ୍ଥ, ଝରକା ଏବଂ ଦ୍ୱାର ଥରୁଥିବା ଦେଖିବାକୁ ମିଳିଥିଲା । ଭୂମିକମ୍ପ ଯୋଗୁଁ କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷତିର ରିପୋର୍ଟ ନାହିଁ । କିଛି ପୁରୁଣା ଘରେ ଛୋଟ ଫାଟ ଥିବା ରିପୋର୍ଟ ରହିଛି । ସେହି ସମୟରେ, ଜରୁରୀକାଳୀନ ସେବା ଏବଂ ପ୍ରଶାସନ ଭୂମିକମ୍ପ ପରିସ୍ଥିତି ବିଷୟରେ ସଜାଗ ଅଛନ୍ତି । ସେହିପରି ଶୁକ୍ରବାର ପୂର୍ବରୁ ଚୀନରେ ମଧ୍ୟ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଏହାର ତୀବ୍ରତା ୪.୫ ରହିଥିଲା । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଏହି ଭୂମିକମ୍ପ ସକାଳ ୬:୩୦ ରେ ଆସିଥିଲା । ଏହାର ଗଭୀରତା ଥିଲା ୧୦ କିଲୋମିଟର ।

## ପାକିସ୍ତାନକୁ ବୋକା ବନାଇଲା ଭାରତ

ନୂଆଦିଲ୍ଲୀ : ପହଲଗାମ ଆକ୍ରମଣର ପ୍ରତିଶୋଧ ନେଇଛି ଦେଶ। ପାକିସ୍ତାନର ଏହି ହୀନ କାର୍ଯ୍ୟ ପାଇଁ ସାରା ବିଶ୍ୱ ପାକିସ୍ତାନକୁ ନିନ୍ଦା କରୁଥିବା ବେଳେ ଏହାକୁ ନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ବି ହେଉଛି। କୁହାଯାଉଛି ଭାରତ କୁଆଡେ ନକଲି ଲଢୁଆ ବିମାନ ପଠାଇ ପାକିସ୍ତାନକୁ ଭକୁଆ ବନେଇଥିଲା। ଅପରେଶନ ସିନ୍ଦୂରର ସଫଳତାକୁ ନେଇ ସାରା ଦେଶ ଖୁସି ମନାଉଥିବା ବେଳେ, ଏଥିରେ ବ୍ୟବହୃତ ବହୁ ରୋଚକ ରଣନୀତିକୁ ବି ନେଇ ଚାଲିଛି ଜୋରଦାର ଚର୍ଚ୍ଚା । ଗଣମାଧ୍ୟମର ଏକ ରିପୋର୍ଟ ଅନୁସାରେ, ପାକିସ୍ତାନ ଉପରେ ଅସଲି ଏୟାର ଷ୍ଟ୍ରାଇକ କରିବା ଆଗରୁ, ଆକାଶରେ ପ୍ରଥମେ ଏକ ନକଲି ଆକ୍ରମଣର ଭ୍ରମ ସୃଷ୍ଟି କରିଥିଲା ଭାରତ। ଯାହାକି ପାକିସ୍ତାନର ଏୟାର ଡିଫେନ୍ସ ସିଷ୍ଟମକୁ ଧ୍ୱଂସ କରିବାରେ ସହାୟକ ହୋଇଥିଲା ବୋଲି କୁହାଯାଉଛି। ଆଉ ତା ପରେ ତାଣ୍ଡବ ରଚିଥିଲା ପ୍ରାୟ ୧୫ ବ୍ରହ୍ମୋସ। ତେବେ ଡୁପ୍ଲିକେଟ ରାଫେଲକୁ ଖସାଇ ଖୁସି ହୋଇଥିଲା କି ପାକିସ୍ତାନ ? ଅପରେଶନ ସିନ୍ଦୂରରେ ପାକିସ୍ତାନ ବନିଥିଲା 'ଭକୁଆ'। ଚକମା ଦେଇଥିଲା ଭାରତର ପ୍ଲାନ। ଭାରତ ପଠାଇଥିଲା 'ଡମି' ଏୟାରକ୍ରାଫ୍ଟ । ମେ ୯-୧୦ ରାତିରେ ଭାରତୀୟ ସେନାର ରଣନୀତି ଆଗରେ ପାକିସ୍ତାନ ଏମିତି ବୋକା ବନିଥିଲା ଯେ, ଯାହାକୁ ଏବେ ବି ସହଜରେ ହଜମ କରିପାରୁନି । ପାକିସ୍ତାନର ୧୧ ବାୟୁସେନା ଘାଟି ଉପରେ ଅସଲି ଏୟାର ଷ୍ଟ୍ରାଇକ କରିବା ପୂର୍ବରୁ, ପ୍ରଥମେ ନକଲି ଆଟାକ କରିଥିଲା ଭାରତ। ପାକିସ୍ତାନ କେଉଁଠି ନିଜର ରାଡାର ଓ ଏୟାର ଡିଫେନ୍ସ ସିଷ୍ଟମ ଲୁଚାଇ ରଖିଛି, ତାର ଠିକଣା ଜାଣିବାକୁ ପ୍ରଥମେ ଆକାଶରେ ସୃଷ୍ଟି କରାଯାଇଥିଲା ଜୋରଦାର ଆକ୍ରମଣର ଭ୍ରମ । ଶତ୍ରୁ ରାଡାରରେ ଅବିକଳ ଫାଇଟର୍ ଜେଟ ଭଳି ଦିଶୁଥିବା ଅନମ୍ୟାନଙ୍କ ଟାର୍ଗେଟ ଏୟାରକ୍ରାଫ୍ଟ ବା ପାଇଲଟ ନଥିବା ନକଲି ଲଢୁଆ ବିମାନକୁ ପାକିସ୍ତାନ ଭିତରକୁ ଛାଡିଥିଲା। ରାତିର ଅନ୍ଧାରରେ ଆକାଶରେ କ୍ଷୀପ୍ର ଗତିରେ ମାଡିଯାଇ ଏହି ଡମି ଏୟାରକ୍ରାଫ୍ଟଗୁ ଅସଲି ଫାଇଟର ଜେଟ ଭାବି, ସକ୍ରିୟ ହୋଇ ଉଠିଥିଲା ପାକିସ୍ତାନର ଏୟାର ଡିଫେନ୍ସ ନେଟୱର୍କ। ପାକିସ୍ତାନ ବ୍ୟବହାର କରୁଥିବା ଚାଇନା ମେଡ ଐଛ-୯ ମିଜାଇଲ ସିଷ୍ଟମ ଓ ରାଡାର ଆଦି ଆକ୍ଟିଭେଟ ହେବା ମାତ୍ରେ, ଏହାର ସଠିକ ଲୋକେଶନ ଜାଣିପାରିଥିଲା ଭାରତ । ଆଉ ତତକ୍ଷଣାତ ସେଠାକୁ ଆତ୍ମଘାତୀ ଡ୍ରୋନ ପଠାଇ ଆଖି ପିଛୁଳାକେ ସେଗୁଡିକୁ ଧ୍ୱଂସ କରିଦେଇଥିଲା ।

## ମୁମ୍ବାଇ ବିମାନ ବନ୍ଦରରୁ ୨ ଆତଙ୍କବାଦୀ ଗିରଫ

ମୁମ୍ବାଇ : ଶନିବାର ମୁମ୍ବାଇ ବିମାନବନ୍ଦରରେ ଏକ ବଡ଼ ସଫଳତା ହାସଲ କରି, ସୁରକ୍ଷା ଏଜେନ୍ସିଗୁଡ଼ିକ ଦୁଇ ଜଣ ଆଇଏସ ଆତଙ୍କବାଦୀଙ୍କୁ ଗିରଫ କରିଛନ୍ତି । ଗିରଫ ଆତଙ୍କବାଦୀମାନଙ୍କୁ ଅବଦୁଲ୍ଲା ଫୟାଜ ଏବଂ ତଲହା ଖାନ ବୋଲି ଚିହ୍ନଟ କରାଯାଇଛି। ଉଭୟଙ୍କ ଉପରେ ମୋଟ ୩୩ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସୂତ୍ର ଅନୁଯାୟୀ, ଏହି ଉଭୟ ଆତଙ୍କବାଦୀ ଓଝଓଝର ପୁଣେ ମଡ୍ୟୁଲ ମାମଲାରେ ଗତ କିଛି ବର୍ଷ ଧରି ଫେରାର୍ ଥିଲେ। ମହାରାଷ୍ଟ୍ର ଇଞ୍ଝ ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସି ତାଙ୍କୁ ବହୁତ ଦିନ ଧରି ଖୋଜୁଥିଲେ। ଇନପୁଟ ପାଇବା ପରେ, ସୁରକ୍ଷା ଏଜେନ୍ସିଗୁଡ଼ିକ ବିମାନବନ୍ଦର ଉପରେ ନଜର ରଖିବା ଆରମ୍ଭ କରିଥିଲେ ଏବଂ ଉଭୟ ସେଠାରେ ପହଞ୍ଚିବା ମାତ୍ରେ ସେମାନଙ୍କୁ ତୁରନ୍ତ ଗିରଫ କରାଯାଇଥିଲା। କୁହାଯାଉଛି ଯେ ଅବଦୁଲ୍ଲା ଫୟାଜ ଏବଂ ତଲହା ଖାନ ଏକ ମୌଳବାଦୀ ସଂଗଠନ ସହିତ ଜଡିତ ଏବଂ ସେମାନେ ସୋସିଆଲ ମିଡିଆ ଏବଂ ଅନ୍ୟାନ୍ୟ ମାଧ୍ୟମରେ ଯୁବକମାନଙ୍କୁ ଉସକାଇ ଆତଙ୍କବାଦ ରାସ୍ତାରେ ନେବା ପାଇଁ କାମ କରୁଥିଲେ। ପୁଣେ ମଡ୍ୟୁଲ ମାମଲା ସମୟରେ ଉଭୟଙ୍କ ନାମ ସାମ୍ନାକୁ ଆସିଥିଲା, କିନ୍ତୁ ସେବେଠାରୁ ସେମାନେ ଫେରାର୍ ଥିଲେ। ମହାରାଷ୍ଟ୍ର ପୋଲିସ ଉଭୟ ଆତଙ୍କବାଦୀଙ୍କ ଉପରେ ୩୩ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲା। ପୁରସ୍କାର ରାଶି ସ୍ପଷ୍ଟ କରୁଛି ଯେ ସୁରକ୍ଷା ଏଜେନ୍ସିଗୁଡ଼ିକ ପାଇଁ ତାଙ୍କର ଗିରଫଦାରୀ କେତେ ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରାରମ୍ଭିକ ପଚରାଉଚରା ସମୟରେ, ଦୁହେଁ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି, ଯାହାକୁ ଗୁଇନ୍ଦା ସଂସ୍ଥାଗୁଡ଼ିକ ସହିତ ଶେୟାର କରାଯାଉଛି।



# ଅପରେସନ ସିନ୍ଦୂର ପରେ ସର୍ବଦଳୀୟ ପ୍ରତିନିଧି ଟିମ୍ ଗଠିତ

ନୂଆଦିଲ୍ଲୀ : ଆତଙ୍କବାଦ ବିରୋଧରେ ଭାରତର ଲଢେଇ ଜାରି ରହିଛି । ଅପରେସନ ସିନ୍ଦୂର ପରେ ଭାରତ ତରଫରୁ ୭ଟି ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ଟଘଝଉ ସଦସ୍ୟଙ୍କ ସହ ସମଗ୍ର ବିଶ୍ୱ ବୁଲିବେ । ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ବାର୍ତ୍ତା ନେଇ ସାରା ବିଶ୍ୱ ବୁଲିବେ ଭାରତର ସାଂସଦ । ଏହି ଦଳର ସଦସ୍ୟମାନେ ପାକିସ୍ତାନର ଆତଙ୍କୀ ପ୍ରୀତି ସହ ଅପରେସନ ସିନ୍ଦୂର ବାବଦରେ ବିଶ୍ୱର ବଡ ବଡ ଦେଶକୁ ଗସ୍ତ କରି ବଖାଣିବେ । ବିଦେଶ ଗସ୍ତ ପାଇଁ ୭ଟି



ସର୍ବଦଳୀୟ ପ୍ରତିନିଧି ଦଳ ଗଠନ ହୋଇଛି । ପ୍ରତି ଦଳର ନେତୃତ୍ୱ ନେବେ ୭ ଜଣ ବରିଷ୍ଠ ସାଂସଦ । ତେବେ କଂଗ୍ରେସର ଶଶୀ ଥରୁର, ବିଜେପିର ରବି ଶଙ୍କର ପ୍ରସାଦ ଏବଂ ବୈଜୟନ୍ତ ପଣ୍ଡା, ଜେଡିୟୁର ସଞ୍ଜୟ କୁମାର ଝା, ଡିଏମକେର କାନିମୋଝୀ କରଣାନିଧି, ଏନସିପିର ସୁପ୍ରିୟା ସୋଲେ ଏବଂ ଶିବସେନାର ଶ୍ରୀକାନ୍ତ ଏକନାଥ ସିନ୍ଦେ ପ୍ରତି ଦଳର ନେତୃତ୍ୱ ନେବେ । ଶଶି ଥରୁର ଆମେରିକା ଏବଂ ବ୍ରିଟେନ ଯିବେ ଏବଂ ଭାରତର ପକ୍ଷ ଉପସ୍ଥାପନ କରିବେ ଏବଂ ପାକିସ୍ତାନ କିପରି ଆତଙ୍କବାଦକୁ ପ୍ରୋତ୍ସାହିତ କରେ ତାହା ବୁଝାଇବେ। 'ଅପରେସନ୍ ସିନ୍ଦୂର'ର ଲକ୍ଷ୍ୟ ହେଉଛି ବିଶ୍ୱ ମଞ୍ଚରେ ପାକିସ୍ତାନର ବାସ୍ତବତାକୁ ପ୍ରକାଶ କରିବା । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ବିଦେଶ ଗସ୍ତକୁ ସଂଯୋଜନା କରୁଥିବା ବେଳେ ଏଥିରେ ସବୁ ଦଳର ସାଂସଦଙ୍କୁ ସାମିଲ କରାଯାଇଛି । ଆମେରିକା, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, କତାର, ୟୁଏଇ ଭଳି ସହଯୋଗୀ ରାଷ୍ଟ୍ରକୁ ଗସ୍ତ କରିବେ । ମେ' ୨୨ ତାରିଖରୁ ଏହି ଗସ୍ତ ଆରମ୍ଭ ହେବାର ସୂଚନା ରହିଛି । ତେବେ କିରଣ ରିଜିଜୁ ନିଜ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି- ଆତଙ୍କବାଦ ବିରୋଧରେ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଭାରତ ଏକାଠି ଠିଆ ହୋଇଛି। ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତାର ବାର୍ତ୍ତା ବହନ କରି ୭ଟି ସର୍ବଦଳୀୟ ପ୍ରତିନିଧି ଦଳ ଖୁବ୍ ଶୀଘ୍ର ପ୍ରମୁଖ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଗସ୍ତ କରିବେ। ଏହି ଏକତା ରାଜନୀତିର ଉପରେ ଏବଂ ଭିନ୍ନତାର ଉପରେ ବୋଲି କିରଣ ରିଜିଜୁ କହିଛନ୍ତି ।

## ଶାନ୍ତିବାର୍ତ୍ତା ପରେ ୟୁକ୍ରେନ ଉପରେ ଆକ୍ରମଣ କଲା ରୁଷ

ନୂଆଦିଲ୍ଲୀ : ୟୁକ୍ରେନ ଓ ରୁଷ ମଧ୍ୟରେ ଶାନ୍ତିବାର୍ତ୍ତା ମଧ୍ୟରେ ପୁଣି ରୁଷ ୟୁକ୍ରେନର କିଛି ସ୍ଥାନକୁ ଆକ୍ରମଣ କରିଛି । ରିପୋର୍ଟ ମୁତାବକ, ରୁଷ ସେନା ୟୁକ୍ରେନ ସୈନ୍ୟ ଶିବିରକୁ ଟାର୍ଗେଟ କରିଛି । ୟୁକ୍ରେନ ସେନା ଯେଉଁଠାରେ ସେନା ଅସ୍ତ୍ରଶସ୍ତ୍ର ରଖୁଥିଲା, ସେଠାରେ ଆକ୍ରମଣ ହୋଇଛି । ୟୁକ୍ରେନର ଏକ ଯାତ୍ରୀ ବସ ଉପରେ ରୁଷ ଡ୍ରୋନ ଆଟାକ୍ କରିଛି । ଏହି ଆଟାକରେ ଅତି କମରେ ୯ ଜଣ ମରିଛନ୍ତି । ୟୁକ୍ରେନ ପୋଲିସ କହିଛି, ଏଭଳି ଆକ୍ରମଣ କରି ସାଧାରଣ ନାଗରିକଙ୍କ ଜୀବନ ନେବା ଅପରାଧ । ୟୁକ୍ରେନର ସୁମି ସୈନା ଅସ୍ତ୍ରଶସ୍ତ୍ର କାରଖାନାର ମୁଖ୍ୟ କହିଛନ୍ତି, ରୁଷ ଆକ୍ରମଣ କରିବା ପରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ୟୁକ୍ରେନ ପୋଲିସ କ୍ଷତିଗ୍ରସ୍ତ ବସର ଫଟୋ ମଧ୍ୟ ସେୟାର କରିଛି । ବସର ଉପର ଭାଗ ଉଡିଯାଇଥିବା ଦେଖିବାକୁ ମିଳିଛି । ଶୁକ୍ରବାର ଦିନ ତୁର୍କୀରେ ୟୁକ୍ରେନ ଏବଂ ରୁଷର ପ୍ରତିନିଧିମଣ୍ଡଳୀ ଶାନ୍ତିବାର୍ତ୍ତା ପାଇଁ



ମିଟିଂ ହୋଇଥିଲା । ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ ହେବା ପାଇଁ କୌଣସି ନିଷ୍କର୍ଷ ବାହାରିପାରିନଥିଲା । ୟୁକ୍ରେନ ଓ ରୁଷ ମଧ୍ୟରେ ୧୦୦୦ ବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ସହମତି ମଧ୍ୟ ହୋଇଥିଲା । କିନ୍ତୁ ଶେଷ ମୁହୂର୍ତ୍ତରେ ପୁଟିନ ପ୍ଲାନ ବଦଳାଇ ଦେଇଥିଲେ । ତେବେ ଶାନ୍ତି ବାର୍ତ୍ତା ମଧ୍ୟରେ ୟୁକ୍ରେନ ଚାହୁଁଥିଲା, ରୁଷ ଯୁଦ୍ଧ ବିରାମ ଉପରେ ରାଜି ହୋଇଯାଉ । ରୁଷ ଯୁଦ୍ଧବିରାମକୁ ନେଇ ସର୍ତ୍ତ ରଖିଥିଲା ଯେ, ୟୁକ୍ରେନ ଯଦି ବିବାଦୀୟ ଅଞ୍ଚଳରୁ ନିଜର ସେନା ହଟାଇଦିଏ, ତେବେ ଯୁଦ୍ଧବିରାମକୁ ନେଇ କଥାବାର୍ତ୍ତା ହୋଇପାରେ । କୁହାଯାଉଥିଲା କି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ପୁଟିନ ଏବଂ ଜେଲେନସ୍କି ସହିତ ବସି ଶାନ୍ତି ବାର୍ତ୍ତା କରିବେ । କିନ୍ତୁ ଦୁହେଁ ପଛଘୁଞ୍ଚା ଦେଇଥିଲେ ।

## ଯୁଦ୍ଧ ଅଟକାଇଲି କିନ୍ତୁ କ୍ରେଡିଟ ମିଳିଲା ନାହିଁ : ଡୋନାଲ୍ଡ ଟ୍ରମ୍ପ



ନୂଆଦିଲ୍ଲୀ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ବୟାନ ବଦଳାଇ ଦେଇଛନ୍ତି । ଟ୍ରମ୍ପ ଦାବି କରିଛନ୍ତି ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଯାଉଥିବା ପରମାଣୁ ଯୁଦ୍ଧକୁ ସେ ଥିଲେ କିନ୍ତୁ ଏହାର କ୍ରେଡିଟ୍ ତାଙ୍କୁ ମିଳିଲା ନାହିଁ । ଦୁଇ ଦେଶ ମଧ୍ୟରେ ଯୁଦ୍ଧ ସମ୍ଭାବନା ଏତେ ବଢିଯାଇଥିଲା କି ପରମାଣୁ ଯୁଦ୍ଧ ହେବା ଆଶଙ୍କା ଦେଖାଦେଇଥିଲା ବୋଲି କହିଛନ୍ତି ଟ୍ରମ୍ପ ।

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ନିଷ୍ପତ୍ତି ହେବା ପରେ ଟ୍ରମ୍ପ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ପୋଷ୍ଟ କରି ଦୁଇ ଦେଶ ମଧ୍ୟରେ ଯୁଦ୍ଧକୁ ସେ ଅଟକାଇ ଥିବା କହିଥିଲେ । ହେଲେ ଭାରତ-ପାକ୍ ? ବିବାଦରେ ସେ ମଧ୍ୟସ୍ଥତା କରିବେ ବୋଲି ମଧ୍ୟ କହିଥିଲେ । ଦୁଇ ଦିନ ତଳେ ଟ୍ରମ୍ପ କହିଥିଲେ ସେ ଯୁଦ୍ଧକୁ ରୋକିନାହାନ୍ତି କି ମଧ୍ୟସ୍ଥତା କରିନାହାନ୍ତି । ତାଙ୍କ ପ୍ରଶାସନ କେବଳ ଏଥିରେ ସହଯୋଗ କରିଥିବା କଥା କହିଥିଲେ । ଏଥିପାଇଁ ଟ୍ରମ୍ପକୁ ବିଭିନ୍ନ ମହଲରେ ସମାଲୋଚନାର ଶିକାର ହେବାକୁ ବି ପଡ଼ିଛି । ଟ୍ରମ୍ପ୍ କହିଛନ୍ତି ଏହା ମୋ ଜୀବନ କାଳରେ ବିଦେଶ ନୀତିର ଏକ ବଡ଼ ସଫଳତା । ହେଲେ ଏହାର କ୍ରେଡିଟ୍ ବା ଶ୍ରେୟ ମୋତେ ମିଳିଲା ନାହିଁ । ଯୁଦ୍ଧ ବନ୍ଦ କରିବା ପାଇଁ ମୁଁ ଉଭୟ ଦେଶ ସହ ବ୍ୟବସାୟ ପ୍ରସ୍ତାବ ରଖିଥିଲି । ଏହାପରେ ଭାରତ ଓ ପାକିସ୍ତାନ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ ।

## ଦିଲ୍ଲୀରେ ଆପ୍‌କୁ ବଡ଼ ଝଟକା

ନୂଆଦିଲ୍ଲୀ : ଦିଲ୍ଲୀରେ ଆମ ଆଦମୀ ପାର୍ଟିର ୧୫ ଜଣ କାଉନସିଲର ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି । ହେମଚନ୍ଦ୍ର ଗୋୟଲଙ୍କ ନେତୃତ୍ୱରେ ଏକ ଞ୍ଚଷସକ୍ସୟ ରକ୍ସକ୍ଟଭସ୍ପ ଚବକ୍ସସ୍ପଛ ଗଠନ ହେବାକୁ ଯାଉଛି । ସମସ୍ତ ନିଗମ କାଉନସିଲର ଇସ୍ତଫା ଦେଇ 'ଇନ୍ଦ୍ରପ୍ରସ୍ଥ ବିକାଶ ପାର୍ଟି'ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ପାର୍ଟିର ଲିଡର ମୁକେଶ ଗୋୟଲ ହେବେ । ହେମଚନ୍ଦ୍ର ଗୋୟଲ, ଦିନେଶ ଭାରଦ୍ୱାଜ, ହିମାନୀ ଜୈନ, ଉଷା ଶର୍ମା, ସାହିବ କୁମାର, ରାଖି କୁମାର, ଅଶୋକ ପାଣ୍ଡେ, ରାଜେଶ କୁମାର, ଅନିଲ ରାଣା, ଦେବେନ୍ଦ୍ର କୁମାର ପ୍ରମୁଖ ଇସ୍ତଫା ଦେଇଛନ୍ତି । ଗତ ମାସରେ ଏମସିଡି ନିର୍ବାଚନରେ ବିଜେପିର ରାଜା ଇକବାଲ ସିଂ ମେୟର ହୋଇଥିଲେ । ସେମାନେ ଏଥିରେ କଂଗ୍ରେସର ମନଦୀପ ସିଂଙ୍କୁ ହରାଇଥିଲେ । ଚଳିତଥର ଆପ୍ ଏମସିଡି ନିର୍ବାଚନକୁ ବହିଷ୍କାର କରିଥିଲା । ଆପର ଏହି ନିଷ୍ପତ୍ତିରେ ପାର୍ଟିର ଅନେକ ନେତା ନାରାଜ ରହିଥିଲେ । ଯାହା ଏବେ ସାମ୍ନାକୁ ଆସିଛି । ଏହି କାରଣ ଯୋଗୁଁ ଅନେକ ନେତା ପାର୍ଟିରୁ ଇସ୍ତଫା ଦେଇଛନ୍ତି ।

## କେଦାରନାଥରେ ଏୟାର ଆମ୍ବୁଲାନ୍ସ କ୍ରାସ୍

ନୂଆଦିଲ୍ଲୀ : ଉତ୍ତରାଖଣ୍ଡ କେଦାରନାଥରେ ଏମ୍ସ ରିଷିକେଶର ହେଲି ଆମ୍ବୁଲାନ୍ସ କ୍ରାସ । ହେଲିକପ୍ଟରରେ ୫ ଜଣ ଯାତ୍ରୀ ଥିଲେ । ଦୁର୍ଘଟଣାରେ କାହାର କ୍ଷତି ହୋଇନାହିଁ । ତେବେ ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି । ଗଡୱାଲର କମିଶନର ବିନୟ ଶଙ୍କର ପାଣ୍ଡେ ଏହାର ସୂଚନା ଦେଇଛନ୍ତି । ଏମ୍ସ ରିଷିକେଷ ଦୂର ଯାତ୍ରୀଙ୍କୁ ନେଇ ଏୟାର ଆମ୍ବୁଲାନ୍ସ ସର୍ଭିସ ପ୍ରଦାନ କରିଥାଏ । ତେଣୁ ହେଲି ଆମ୍ବୁଲାନ୍ସ ସେବାର ଏକ ହେଲିକପ୍ଟର କେଦାରନାଥ ପାଖରେ ବୈଷୟିକ ତ୍ରୁଟି ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଛି । ତେବେ ଏଥିରେ ଥିବା ସମସ୍ତ ଲୋକ ସୁରକ୍ଷିତ ରହିଛନ୍ତି । ହେଲି ଆମ୍ବୁଲାନ୍ସ ସେବା କେଦାରନାଥକୁ ରୋଗୀ ଆଣିବାକୁ ଯାଇଥିଲା । କିନ୍ତୁ ଲ୍ୟାଣ୍ଡିଂ ସମୟରେ ବୈଷୟିକ ତ୍ରୁଟି ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ଏମ୍ସର ଜଣେ ବରିଷ୍ଠ



ଜନସଂପର୍କ ଅଧିକାରୀ ସନ୍ଦୀପ କୁମାର ସିଂ କହିଛନ୍ତି । ସୂଚନାଯୋଗ୍ୟ, ଗତ ସପ୍ତାହରେ ଉତ୍ତରକାଶୀ ଜିଲ୍ଲା ଗଂଗୋତ୍ରୀରେ ଏକ ପ୍ରାଇଭେଟ ହେଲିକପ୍ଟର କ୍ରାସ ହୋଇଥିଲା । ଏଥିରେ ୬ ଜଣଙ୍କ ଜୀବନ ଚାଲିଯାଇଥିଲା । ହେଲିକପ୍ଟରଟି ଡେରାଡୁନରୁ ହର୍ଷିଲ ହେଲିପ୍ୟାଡ ପାଇଁ ବାହାରିଥିଲା । ଗଙ୍ଗନାନୀର ସାମ୍ନାରେ ଥିବା ନାଗ ମନ୍ଦିରର ତଳେ ଭାଗୀରଥୀ ନଦୀ ପାଖରେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

## ମଥୁରାରେ ୯୦ ବାଂଲାଦେଶୀ ଅଟକ

ମଥୁରା : ୯୦ଜଣ ବାଂଲାଦେଶୀ ନାଗରିକଙ୍କୁ ଅଟକ ରଖିଛି ଉତ୍ତରପ୍ରଦେଶ ମଥୁରାର ନୌହଝିଲ ପୋଲିସ । ବର୍ତ୍ତମାନ ପୋଲିସ ସେମାନଙ୍କୁ ପଚରାଉଚରା କରିବା ଆରମ୍ଭ କରିଛି । କିନ୍ତୁ ପୋଲିସ ସେମାନଙ୍କ ବିରୋଧରେ ମାମଲା ରୁଜୁ କରି ଜେଲ ପଠାଇବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି । ଏହା ସହିତ ଭାରତରେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କ ସମ୍ପର୍କରେ ଯାଞ୍ଚ କରାଯାଉଛି । ସୂଚନାନୁଯାୟୀ, ଶୁକ୍ରବାର ଦିନ ବାଂଲାଦେଶୀ ନାଗରିକ ଇଟା ଭାଟିରେ ୯୦ ଜଣ ଶ୍ରମିକଙ୍କୁ ଅଟକ ରଖିଛି ପୋଲିସ । ସେମାନଙ୍କ ମଧ୍ୟରୁ ୩୫ଜଣ ପୁରୁଷ, ୨୭ଜଣ ମହିଳା ଏବଂ ୨୮ଜଣ ଶ୍ରମିକ ଶିଶୁ ରହିଛନ୍ତି । ସେମାନଙ୍କୁ ଅଟକ ରଖି ପଚରାଉଚରାକରାଯାଉଛି । ଏହା ବ୍ୟତୀତ ପୋଲିସ ସେମାନଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ କରିଛି ।

# ଧମକ ଦେଉଥିବା ପାକିସ୍ତାନଠାରୁ ଛଡ଼ାଇ ନିଆଯିବ ପରମାଣୁ ଅସ୍ତ୍ର

ନୂଆଦିଲ୍ଲୀ : ପହଲଗାମ ଆକ୍ରମଣ ପରେ ଭାରତ ପାକିସ୍ତାନ ବିରୋଧରେ 'ଅପରେଶନ ସିନ୍ଦୂର' ଆରମ୍ଭ କରିଥିଲା। ଏହା ଉଭୟ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି କରିଥିଲା। ଏପରିକି ପରିସ୍ଥିତିକୁ ଦେଖି ଅନେକ ଯୁଦ୍ଧ ହୋଇପାରେ ବୋଲି କହୁଥିଲେ। ହେଲେ ପରେ ଉଭୟ ଦେଶ ଯୁଦ୍ଧବିରତି ଲାଗି ହଁ ଭରିଥିଲେ। ତେବେ ଉତ୍ତେଜନା ମଧ୍ୟରେ ପାକିସ୍ତାନ ଅନେକ ଥର ଭାରତକୁ ପରମାଣୁ ଅସ୍ତ୍ରର ଧମକ ଦେଉଥିଲା। ଗୁରୁବାର ଜମ୍ମୁ-କଶ୍ମୀରରେ ପହଞ୍ଚିଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ, ସମଗ୍ର ବିଶ୍ୱ ଦେଖିଛି ଯେ ପାକିସ୍ତାନ କିପରି ଦାୟିତ୍ୱହୀନ ଭାବରେ ଅନେକ ଥର ପରମାଣୁ ଧମକ ଦେଇଛି। ମୁଁ ଏହି ପ୍ରଶ୍ନ ଉଠାଇବାକୁ ଚାହୁଁଛି ଯେ ଏପରି ଏକ ଦାୟିତ୍ୱହୀନ ଦେଶ ହାତରେ ପରମାଣୁ ଅସ୍ତ୍ର ନିରାପଦ କି? ମୁଁ ବିଶ୍ୱାସ କରେ ଯେ ପାକିସ୍ତାନର ପରମାଣୁ ଅସ୍ତ୍ରଶସ୍ତ୍ରକୁ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଓଇଉଇ) ର ତଦାରଖରେ ନିଆଯିବା ଉଚିତ। ରାଜନାଥ ସିଂହଙ୍କ ବୟାନ ପରେ, ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ଭାରତକୁ ରୋକିବା ପାଇଁ ପାକିସ୍ତାନର ପର୍ଯ୍ୟାପ୍ତ ସାମରିକ କ୍ଷମତା ଅଛି। ଭାରତକୁ ପରମାଣୁ ଧମକ ଦେବାର କୌଣସି ଆବଶ୍ୟକତା ନାହିଁ। ଏପରି ପରିସ୍ଥିତିରେ, ପ୍ରଶ୍ନ ଉଠେ ଯେ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି କ'ଣ, ଏହି ଏଜେନ୍ସିକୁ କୌଣସି ଦେଶର ପରମାଣୁ ଅସ୍ତ୍ରଶସ୍ତ୍ର ତଦାରଖ କରିବାର ଅଧିକାର ଅଛି କି ? ଯଦି କୌଣସି ଦେଶ ପରମାଣୁ ଧମକ ଦିଏ, ତେବେ କ'ଣ ଏହାର ପରମାଣୁ ଅସ୍ତ୍ର ଛଡ଼ାଇ ନିଆଯାଇପାରିବ ? ଆନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଓଇଉଇ) ହେଉଛି ଜାତିସଂଘର ଏକ ସ୍ୱାଧୀନ ଆନ୍ତର୍ଜାତୀୟ ସଂଗଠନ। ଏହି ସଂସ୍ଥା ୧୯୫୭ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହାର ମୁଖ୍ୟାଳୟ ଅଷ୍ଟ୍ରିଆର ଭିଏନାରେ ଅବସ୍ଥିତ। ବର୍ତ୍ତମାନ ୧୭୦ ରୁ ଅଧିକ ଦେଶ ଏହାର ସଦସ୍ୟ। ସରଳ ଭାଷାରେ କହିବାକୁ ଗଲେ, ଓଇଉଇର କାର୍ଯ୍ୟ ହେଉଛି ସାରା ବିଶ୍ୱରେ ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା। ଏହି ଏଜେନ୍ସି ନିଷ୍ପତ୍ତି ନେଇଛି ଯେ ଏହାକୁ ପରମାଣୁ ଅସ୍ତ୍ର ଭାବରେ ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ଉଚିତ ନୁହେଁ। ଏହି ଏଜେନ୍ସିର ଉଦ୍ଦେଶ୍ୟ ହେଉଛି ଶକ୍ତି, ଚିକିତ୍ସା, କୃଷି ଏବଂ ଶିଳ୍ପରେ ପରମାଣୁ ଶକ୍ତିର ବ୍ୟବହାର ଉପରେ ଧ୍ୟାନ ଦେବା। କୌଣସି ଦେଶ ଯେପରି ପରମାଣୁ



ଶକ୍ତିର ଅପବ୍ୟବହାର ନ କରେ ତାହା ନିଶ୍ଚିତ କରିବା ପାଇଁ ଆଇଏଇଏ ତଦାରଖ ଏବଂ ଯାଞ୍ଚ କରେ। ପରମାଣୁ ଅପ୍ରସାର ଚୁକ୍ତି ଏକ ଅନ୍ତର୍ଜାତୀୟ ଚୁକ୍ତି। ଏହାର ଉଦ୍ଦେଶ୍ୟ ହେଉଛି ପରମାଣୁ ଅସ୍ତ୍ରର ପ୍ରସାରକୁ ରୋକିବା। ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା। ଏହି ଚୁକ୍ତିନାମା ୧୯୬୮ ମସିହାରେ ସ୍ୱାକ୍ଷରିତ ହୋଇଥିଲା। ବର୍ତ୍ତମାନ ୧୯୧ଟି ରାଷ୍ଟ୍ର-ରାଜ୍ୟ ଏହାର ସଦସ୍ୟ। ବିଶେଷ କଥା ହେଉଛି ଯେ ଭାରତ ଘଚଞ୍ଚରେ ସ୍ୱାକ୍ଷର କରିନାହିଁ।

ଏହା ପ୍ରଥମ ଆନ୍ତର୍ଜାତୀୟ ଚୁକ୍ତି ଯାହା ପରମାଣୁ ଅସ୍ତ୍ରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରେ। ସଦସ୍ୟ ଦେଶଗୁଡ଼ିକ ଆଇନଗତ ଭାବରେ ବାଧ୍ୟ ଯେ ସେମାନେ ପରମାଣୁ ଅସ୍ତ୍ର ବିକଶିତ କରିବେ ନାହିଁ। ଏହାକୁ ବ୍ୟବହାର କରିବେ ନାହିଁ କିମ୍ବା ଅନ୍ୟ କାହାକୁ ବ୍ୟବହାର କରିବାରେ ସାହାଯ୍ୟ କରିବେ ନାହିଁ।

ଉତ୍ତର ହେଉଛି 'ନା'। ଜାତିସଂଘର ଆନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଓଇଉଇ) ମଧ୍ୟ କୌଣସି ଦେଶର ପରମାଣୁ ଅସ୍ତ୍ରଶସ୍ତ୍ର ଜବତ କରିବାର ଅଧିକାର ନାହିଁ। ଏହି ସଂସ୍ଥା କେବଳ ପରମାଣୁ ଅସ୍ତ୍ରଶସ୍ତ୍ର ଯାଞ୍ଚ ଏବଂ ରିପୋର୍ଟ କରିବାର ଅଧିକାର ରଖିଛି, ତାହା ମଧ୍ୟ ଯଦି ଦେଶ ଏଥିପାଇଁ ଅନୁମତି ଦିଏ। ଯଦି ଆତଙ୍କବାଦ କିମ୍ବା ଅନ୍ୟାନ୍ୟ କାରଣରୁ କୌଣସି ଦେଶର ପରମାଣୁ ସୁରକ୍ଷା ପ୍ରତି କୌଣସି ବିପଦ ଉପୁଜେ, ତେବେ ଅନ୍ତର୍ଜାତୀୟ ଆଇନରେ ଏପରି କୌଣସି ବ୍ୟବସ୍ଥା ନାହିଁ ଯେ ଏହି ଏଜେନ୍ସି କୌଣସି ସିଧାସଳଖ କାର୍ଯ୍ୟାନୁଷ୍ଠାନ ନେଇପାରିବ। ଏପରି ପରିସ୍ଥିତିରେ, ଏହି ସଂସ୍ଥା ଜାତିସଂଘକୁ ସୂଚନା ଦେଇପାରିବ ଏବଂ ଜାତିସଂଘ ସୁରକ୍ଷା ପରିଷଦ ନିଷ୍ପତ୍ତି ନେବ ଯେ କ'ଣ ପଦକ୍ଷେପ ନିଆଯିବ। ଯଦି କୌଣସି ଦେଶ ପାଖରେ ପରମାଣୁ ଅସ୍ତ୍ର ଅଛି, ତେବେ ସେଗୁଡ଼ିକୁ ବଳପୂର୍ବକ ଛଡ଼ାଇ ନେବା କିମ୍ବା ଜବତ କରିବା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ହେବ ଏବଂ ଏହା ନିଜେ ଯୁଦ୍ଧର କାରଣ ହୋଇପାରେ। ବର୍ତ୍ତମାନ ପର୍ଯ୍ୟନ୍ତ, ଏପରି କୌଣସି ମାମଲା ସାମ୍ନାକୁ ଆସିନାହିଁ ଯେଉଁଠାରେ ଏଜେନ୍ସି କୌଣସି ଦେଶରୁ ପରମାଣୁ ଅସ୍ତ୍ର ଜବତ କରିଛି।

ଯଦି କୌଣସି ଦେଶ ପରମାଣୁ ଅସ୍ତ୍ର ବ୍ୟବହାର କରିବାକୁ ଧମକ ଦିଏ, ତେବେ ଜାତିସଂଘ ସୁରକ୍ଷା ପରିଷଦ (ଟଘଝଉ) ଏହାକୁ ନିନ୍ଦା କରିପାରିବ। ଦେଶ ଉପରେ କଟକଣା ଲାଗୁ ହୋଇପାରେ। ରାଜନୈତିକ ଚାପ ପ୍ରୟୋଗ କରାଯାଇପାରିବ, କିନ୍ତୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇପାରିବ ନାହିଁ।

# ଓଡ଼ିଶା ଏଫସିର ଭବିଷ୍ୟତ ନେଇ ସଂଶୟ

**ଭୁବନେଶ୍ୱର,୧୭।୫:** ଓଡ଼ିଶାର ପ୍ରଥମ ତଥା ଏକମାତ୍ର ପେସାଦାର ଫୁଟବଲ୍ କ୍ଲବ୍ 'ଓଡ଼ିଶା ଏଫ୍ସି'ର ଭବିଷ୍ୟତକୁ ନେଇ ସଂଶୟ ଜାରି ରହିଛି। ରାଜ୍ୟରେ କ୍ଷମତାସୀନ ନୂଆ ସରକାର ଏବଂ ଓଡ଼ିଶା ଏଫ୍ସି କ୍ଲବ୍ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକପ୍ରକାର ଶୀତଳଯୁଦ୍ଧ ଚାଲିଛି। ଗତ ଜାନୁଆରି ମାସ ପ୍ରଥମ ସପ୍ତାହରେ 'ଓଡ଼ିଶା ଛାଡ଼ିବ ଓଡ଼ିଶା ଏଫ୍ସି' ଶୀର୍ଷକରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଯେଉଁଥିରେ ଆଶଙ୍କା କରାଯାଇଥିଲା ସରକାରଙ୍କ ସହ ବୁଝାମଣାପତ୍ର ନବୀକରଣ ହୋଇ ନଥିବାରୁ ଏହି କ୍ଲବ୍ ଛାଡ଼ି ପଳାଇବ। ତେବେ ସରକାରଙ୍କ ସମର୍ଥନ କାରଣରୁ ବିନା ବୁଝାମଣାପତ୍ରରେ ବି ୨୦୨୪-୨୫ ଋତୁ ଖେଳିଲା ଓଡ଼ିଶା ଏଫ୍ସି। କିନ୍ତୁ ଓଡ଼ିଶା ଏଫ୍ସିର ମାଲିକ ରୋହନ ଶର୍ମା ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କରିଥିବା ବିଷୋଦଗାର ପୁଣି ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ବର୍ତ୍ତମାନର ସରକାରଙ୍କ ଉପରେ ପ୍ରବଳ ବର୍ଷିବା ସହ ରୋହନ ସରକାରୀ ଷଡ୍ୟନ୍ତ୍ରକୁ ନେଇ ସନ୍ଦିହାନ ଥିବା ପ୍ରକାଶ କରିଛନ୍ତି।

'ଏକ୍ସ'ରେ ରୋହନ ଶର୍ମା ଲେଖିଛନ୍ତି 'ଚଳିତ ଋତୁରେ କ୍ଲବ୍ ଲାଇସେନ୍ସ ଅର୍ଜନରେ ବିଫଳ ହେବାକୁ ଯାଉଛି। ଦୁର୍ଭାଗ୍ୟଜନକ ଭାବେ ସରକାରଙ୍କଠାରୁ ଷ୍ଟାଡିୟମ୍ ଓ ଅଭ୍ୟାସ ପଡ଼ିଆ ବ୍ୟବହାର ପାଇଁ ଏ ପର୍ଯ୍ୟନ୍ତ କେଣସି ଚିଠି ଆସିନାହିଁ। ବୁଝାମଣାପତ୍ର ସମ୍ପର୍କରେ ଏକାଧିକ ଥର ବ୍ୟକ୍ତିଗତ ଭାବେ ଓ ଚିଠି ମାଧ୍ୟମରେ ଯୋଗାଯୋଗ ହୋଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କେଣସି ସମ୍ମତି ମିଳିପାରିନାହିଁ। ମୁଁ ବ୍ୟକ୍ତିଗତ ଭାବେ ବି ବରିଷ୍ଠ ମନ୍ତ୍ରୀଙ୍କୁ ଭେଟିବାକୁ ଚେଷ୍ଟା କରି ବିଫଳ ହୋଇଛି। ସରକାର ସମ୍ଭବତଃ ଆମେ ଆଉ ଓଡ଼ିଶାରେ ନ ରହିବା ଭଳି ଅନୁଭବ ଦେଇଛନ୍ତି। ଆମେ ନମ୍ରତା ଓ ସମ୍ମାନର ସହ ସବୁ ଚେଷ୍ଟା କରିଛୁ। ସରକାର ଚାହୁଁଛନ୍ତି ୨୦୨୯ ବୁଝାମଣାପତ୍ର କାଏମ ରହୁ। ଯାହା ପଛରେ କିଛି ଯୁକ୍ତିସଂଗତ କାରଣ ନାହିଁ। ଆମେ ରାଜନୀତିରେ ନଥିଲେ ମଧ ଆମ ପ୍ରତି ଏକ ପ୍ରୋ ବିଜେଡ଼ି ଧାରଣା ରହିଛି। ମୁଁ ଆମେରିକାର ନାଗରିକ, ଦୁବାଇରେ ବ୍ୟବସା। କରେ ଏବଂ ଭାରତରେ ଫୁଟବଲ୍ କ୍ଲବରେ ପୁଞ୍ଜିନିବେଶ କରିଛୁ। ଗତବର୍ଷ ସରକାର ବଦଳିଯିବା ପରେ ସେମାନେ ପ୍ରାକ୍ଟିସ୍ ପଡ଼ିଆ ଭେଣ୍ଡରକୁ ବଦଳାଇ ଦେଇଥିଲେ। ପୂର୍ବ ଭେଣ୍ଡର୍ ଫିଫା ଅନୁମୋଦିତ ଥିଲା, ନୂଆ ଭେଣ୍ଡର୍ କିନ୍ତୁ ଦୁର୍ବଳ ପରିଚାଳନା। କରିଥିଲେ। ଏପରିକି ପିଚ୍ରୁ ଘାସ କାଟିବାକୁ ଭୁଲିଯାଉଥିଲେ। ଏଭଳି କିଛି ନ ଘଟୁ ବୋଲି ମୁଁ ବିଶ୍ୱାସ ରଖୁଛି। ବୁଝାମଣାପତ୍ର ଜରିଆରେ ଆମ ସମ୍ପର୍କକୁ ଦୃଢ଼ କରିବା ସହ ଏକାଠି କାମ କରିପାରିବୁ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ାମନ୍ତ୍ରୀ ଯଦି ଚାହୁଁନାହାନ୍ତି ତେବେ ଜଣାଇଦେଲେ ମୁଁ ତଦନୁଯାୟୀ ଯୋଜନା କରିବି। ଟ୍ରେନିଂ ଗ୍ରାଉଣ୍ଡ୍ ଓ ଷ୍ଟାଡିୟମ୍ ପାଇଁ ଆମେ ଅର୍ଥ ଦେବାକୁ ପ୍ରସ୍ତୁତ ଅଛୁ। ମୁଁ ଏଭଳି କରି ଖୁସି ହେବି। କିନ୍ତୁ ଏଭଳି ଭାବେ କେଣସି ଷଡ୍ୟନ୍ତ୍ର ନ ହେଉ। ଅତୀତ ଅତୀତ ହୋଇଗଲାଣି। ନୂଆ ଅଧ୍ୟାୟର ବେଳ ଉପନୀତ। କିନ୍ତୁ ଗୋଟିଏ ଟେବୁଲ୍ରେ ସେମାନେ (ସରକାର) ବସିବା ଜରୁରୀ। ସରକାର ଓ କ୍ଲବ୍ ଏକାଠି ଥିବାବେଳେ ସଫଳତା ମିଳିଛି। ଷ୍ଟାଡିୟମ୍ ନ ମିଳିଲେ ଓଡ଼ିଶାରେ କିଭଳି ଖେଳିବୁ? ସରକାର ଏହାକୁ ଗମ୍ଭୀରତାର ସହ ନେବାକୁ ମୁଁ ଅନୁରୋଧ କରୁଛି। ଓଡ଼ିଶାରେ ଫୁଟବଲ ବିକାଶ ପାଇଁ ମୁଁ ଏଠାକୁ ଆସିଛି, ଏହା ବିରୋଧରେ କାମ କରିବାକୁ ନୁହେଁ। ଚଳିତ ବର୍ଷ ମୁଁ କଥା ଦେଉଛି ଓଡ଼ିଶା ଏଫ୍ସି ଦଳର ପ୍ରଥମ ଦଳରେ ନିଶ୍ଚିତ ଜଣେ/ଦୁଇ ଜଣ ଓଡ଼ିଆ ଖେଳାଳି ରହିବେ। ଦୟାକରି ଆମେ ଗଢ଼ିଥିବା ଦଳକୁ ନଷ୍ଟ କରିଦିଅନ୍ତୁ ନାହିଁ।''




# 'ଲୋକ ରେକର୍ଡ କଥା କହିବେ , ମୁଁ ତୁମ ଲୁହକୁ ମନେ ରଖିବି

**ମୁମ୍ବାଇ,୧୭।୫ :** ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା ପରେ କ୍ରିକେଟ ଜଗତ ଏବଂ ତାଙ୍କ ପ୍ରଶଂସକଙ୍କୁ ଶକ୍ତ ଝଟକା ଲାଗିଥିଲା । ୧୪ ବର୍ଷ ପରେ ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ପତ୍ନୀ ଅନୁଷ୍କା ଶର୍ମା। ଏନେଇ ଏକ ସମ୍ବେଦନଶୀଳ ପୋଷ୍ଟ ସୋସିଆଲ୍ ମିଡିଆରେ କରିଥିଲେ। ବିରାଟ, ଅନୁଷ୍କାଙ୍କୁ ନିଜର ବଡ଼ ସପୋର୍ଟର ବୋଲି ମାନନ୍ତି। ଅନୁଷ୍କା କ୍ରିକେଟ୍ ମୈଦାନରେ ଉଠାଇଥିବା ଏକ ଫଟୋ ସେୟାର୍ କରି ଲେଖିଥିଲେ, 'ଲୋକ ରେକର୍ଡ ଏବଂ ମାଇଲଷ୍ଟୋନ୍ କଥା କହିବେ - କିନ୍ତୁ ମୁଁ ସେ ଲୁହକୁ ମନେ ରଖିବି ଯାହା ତୁମେ କାହାକୁ ଦେଖାଇନାହଁ, ସେ ଝଗଡ଼ାକୁ ମନେ ରଖିବି ଯାହା କେହି ଦେଖି ନାହାନ୍ତି ଆଉ ଏ ଖେଳ ପ୍ରତି ତୁମର ଅହେତୁକ ଭଲପାଇବା। ମୁଁ ଜାଣିଛି ଏହି ନିଷ୍ପତ୍ତି ତୁମ ଠାରୁ କେତେ କ'ଣ ଛଡ଼ାଇନେଲା। ପ୍ରତିଟି ସିରିଜ୍ ପରେ ତୁମେ ଆଉ ଟିକେ ବୁଦ୍ଧିମାନ, ବିନମ୍ର ହୋଇ ଫେରୁଥିଲ ଆଉ ତୁମର ସଫଳତାକୁ ଦେଖିବା ମୋ ପାଇଁ ସୌଭାଗ୍ୟର କଥା। ମୁଁ ସବୁବେଳେ ଭାବୁଥିଲି ତୁମେ ଧଳା ଜର୍ସି ପିନ୍ଧି ଅନ୍ତଃରାଷ୍ଟ୍ରୀୟ କ୍ରିକେଟରୁ ଅବସର ନେବ। କିନ୍ତୁ ତୁମେ ସବୁବେଳେ ହୃଦୟର ଶୁଣ ତେଣୁ ଏତିକି କହିବାକୁ ଚାହେଁ ମାଇଁ ଲଭ୍ ତୁମେ ଏହି ବିଦାୟର ପ୍ରତିଟି ମୁହୂର୍ତ୍ତକୁ କମାଇଛ।' ଅନୁଷ୍କା ଏହି ପୋଷ୍ଟ କରିବା ସମୟରେ ଦୁହିଁଙ୍କ ହସୁଥିବାର ଏକ ଫଟୋ ସେୟାର୍ କରିଥିଲେ। ଫଟୋଟି ଟେଷ୍ଟ ମ୍ୟାଚ୍ ସମୟର , ଯେଉଁଥିରେ ବିରାଟ ଧଳା ଜର୍ସି ପିନ୍ଧିଥିବାର ନଜର ଆସୁଛନ୍ତି । ଏହାପରେ ଦୁହିଁଙ୍କୁ ଉତ୍ତରପ୍ରଦେଶର କୃଷ୍ଣନଗରୀ ବୃନ୍ଦାବନର ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମରେ ଦେଖିବାକୁ ମିଳିଥିଲା।



# ନୀରଜଙ୍କୁ ଶୁଭେଚ୍ଛା ଜଣାଇଲେ ମୋଦୀ

**ନୂଆଦିଲ୍ଲୀ,୧୭।୫:** ଡବଲ୍ ଅଲିମ୍ପିକ୍ ପଦକ ବିଜେତା ଜାଭଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ଶୁକ୍ରବାର ତାଙ୍କ ଖେଳ ଜୀବନର ସବୁଠାରୁ ଶ୍ରେଷ୍ଠ ଥ୍ରୋ ଗୌରବ ଅର୍ଜନ କରିଥିବା ବେଳେ ତାଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀ ନୀରଜଙ୍କ ପ୍ରଶଂସା କରି ଏହା ତାଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଶୃଙ୍ଖଳତାର ଫଳ ବୋଲି କହିଛନ୍ତି। ଏକ ଏକ୍ସ ପୋଷ୍ଟ ଜରିଆରେ ମଧ୍ୟ ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।





ପ୍ରଥମ ଥର ପାଇଁ ୯୦+ ମିଟର୍ ଅତିକ୍ରମ କରି ଦୀର୍ଘଦିନର ସ୍ୱପ୍ନକୁ ସାକାର କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଦୋହା ଡାଏମଣ୍ଡ ଲିଗ୍ରେ ୨୭ ବର୍ଷୀ। ନୀରଜ ୯୦.୨୩ ମିଟର୍ ଦୂରତାକୁ ଜାଭଲିନ୍ ଫିଙ୍ଗି ଏହି ଐତିହାସିକ କୃତିତ୍ୱ ଅର୍ଜନ କରିଛନ୍ତି। କିନ୍ତୁ ଏହି ନାଟକୀୟ ପ୍ରତିଯୋଗିତାରେ ନୀରଜଙ୍କୁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଜର୍ମାନିର ଜୁଲିଏନ୍ ୱେବର୍ ଶେଷ ମିନିଟ୍ ଥ୍ରୋରେ ୯୧.୦୬ ମିଟର୍ ଫିଙ୍ଗି ବିଜୟ ଛଡ଼ାଇ ନେଇଛନ୍ତି। ତଥାପି ନୀରଜଙ୍କ ଏହି ସଫଳତା ତାଙ୍କୁ ଅପୂର୍ବ ସଫଳତା ଦେଇଥିବାରୁ ସେ ବଡ଼ ଉପଲବ୍ଧି ପାଇଛନ୍ତି।

ଇତିହାସରେ ସେ ୨୫ତମ ଖେଳାଳି ଭାବେ ୯୦+ ମିଟର୍ ସଫଳତା ଅର୍ଜନ କରିଛନ୍ତି। ଏସିଆରେ କିନ୍ତୁ ପାକିସ୍ତାନର ଅର୍ସଦ ନଦୀମ (୯୨.୯୭ ମିଟର୍) ଏବଂ ଚାଇନିଜ୍ ତାଇପେର ଚାଓ ଟାଇସୁନ୍ ଚେଙ୍ଗ୍ (୯୧.୩୬)ଙ୍କ ପରେ ତୃତୀୟ ହୋଇଛନ୍ତି। ଶୁକ୍ରବାର ନୀରଜ ପ୍ରଥମ ଥ୍ରୋରେ ୮୮.୩୪ ମିଟର୍ ଫିଙ୍ଗିବା ପରେ ଦ୍ୱିତୀୟଟିରେ ବିଫଳ ହୋଇଥିଲେ। ତୃତୀୟରେ କିନ୍ତୁ ୯୦.୨୩ ମିଟର୍ ଫିଙ୍ଗି ଇତିହାସ ରଚିଥିଲେ। ଚତୁର୍ଥରେ ୮୦.୫୬, ପମରେ ବିଫଳ, ଷଷ୍ଠରେ ୮୮.୨ ମିଟର୍ ଫିଙ୍ଗିଥିଲେ।

# ବାବରଙ୍କ ବିଶ୍ୱ ଟି-୨୦ ଏକାଦଶରେ ୨ ଭାରତୀୟ, ନାହାନ୍ତି ବିରାଟ ଓ ବୁମ୍ରା

**ନୂଆଦିଲ୍ଲୀ,୧୭।୫:** ପାକିସ୍ତାନ କ୍ରିକେଟ ଟିମର ଷ୍ଟାର ବ୍ୟାଟର ବାବର ଆଜମ ଟି-୨୦ ଫର୍ମାଟରେ ତାଙ୍କ ପସନ୍ଦର ବିଶ୍ୱ ଏକାଦଶ ବାଛିଛନ୍ତି। ହେଲେ ସେ ଚୟନ କରି ଥିବା ବିଶ୍ୱ ଟି-୨୦ ଏକାଦଶରେ ବିରାଟ କୋହଲି ଓ ଯଶପ୍ରୀତ ବୁମ୍ରାଙ୍କ ଭଳି ଖେଳାଳି ନ ରହିବା ସମସ୍ତଙ୍କୁ ଚକିତ କରିଛି। ବିଶ୍ୱ ଟି-୨୦ରେ ବିରାଟ ଓ ବୁମ୍ରା ଶ୍ରେଷ୍ଠ ଖେଳାଳି ଭାବେ ପରିଚିତ। ତଥାପି ବାବର ଉଭୟଙ୍କୁ ନିଜ ପସନ୍ଦର ଟି-୨୦ରେ ରଖି ନାହାନ୍ତି।

ବୁମ୍ରା ନିଃସନ୍ଦେହ ଭାବେ କ୍ରିକେଟର ୩ଟି ଯାକ ଫର୍ମାଟର ମହାନ ବୋଲର। ବିରାଟ ମଧ୍ୟ ନିଜ ବ୍ୟାଟିଂ ବଳରେ ବିଶ୍ୱ କ୍ରିକେଟରେ ନିଜର ଦବାଦବା ଦେଖାଇଛନ୍ତି। ବାବରଙ୍କୁ ଗୋଟିଏ ଦେଶର ସର୍ବାଧିକ ଦୁଇ ଜଣ ଖେଳାଳିଙ୍କୁ ବାଛିବାକୁ ବିକଳ୍ପ ରହିଥିଲା। ତେଣୁ ସେ ଭାରତରୁ କେବଳ ରୋହିତ ଶର୍ମା ଓ ସୂର୍ଯ୍ୟ କୁମାର ଯାଦବଙ୍କୁ ତାଙ୍କ ବିଶ୍ୱ ଟି-୨୦ ଏକାଦଶରେ ରଖିଛନ୍ତି।




ଜାଲିମ ଟିଭି ପକ୍ଷରୁ ଆୟୋଜିତ ପୋଡକାଷ୍ଟରେ ବାବର ସାମିଲ ହୋଇଥିଲେ। ପିଏସଏଲରେ ପେଶାୱର ଜାଲମିର ଅଧିନାୟକ ମଧ୍ୟ ବାବର। ପୋଡକାଷ୍ଟରେ ତାଙ୍କୁ ନିଜ ପସନ୍ଦର ବିଶ୍ୱ ଟି-୨୦ ଏକାଦଶ ବାଛିବାକୁ କୁହାଯାଇଥିଲା। ଏହାପରେ ସେ ବିଶ୍ୱ ଟି-୨୦ ଟିମରେ କାହାକୁ ରଖିବେ, ସେମାନଙ୍କ ନାଁ ନେଇଛନ୍ତି।

**ବାବରଙ୍କ ବିଶ୍ୱ ଟି-୨୦ ଏକାଦଶ**

ରୋହିତ ଶର୍ମା (ଭାରତ), ମହମ୍ମଦ ରିଜୱାନ (ପାକିସ୍ତାନ), ଫଖର ଜମାନ (ପାକିସ୍ତାନ) ସୂର୍ଯ୍ୟ କୁମାର ଯାଦବ (ଭାରତ), ଜୋଶ ବଟଲର (ଇଂଲଣ୍ଡ), ଡାଭିଡ ମିଲର(ଦକ୍ଷିଣ ଆଫ୍ରିକା), ମାର୍କୋ ୟାନସେନ (ଦକ୍ଷିଣ ଆଫ୍ରିକା), ରାଶିଦ ଖାନ (ଆଫଗାନିସ୍ତାନ), ପାଟ କମିନ୍ସ (ଅଷ୍ଟ୍ରେଲିଆ), ମିଚେଲ ଷ୍ଟାର୍କ (ଅଷ୍ଟ୍ରେଲିଆ) ଓ ମାର୍କ ଉଡ (ଇଂଲଣ୍ଡ)।

ନିକଟରେ ବାବରଙ୍କୁ ଇଂଲଣ୍ଡ ବ୍ୟାଟର ସାମ ବିଲିଙ୍ଗ୍ସ ଟ୍ରୋଲ କରିଥିଲେ। ପିଏସଏଲ ଖେଳୁଥିବା ଦୁଇ କ୍ରିକେଟ ହାସଲ କରିଥିବା ଦୁଇ ପରସ୍ପର ବିରୋଧୀ ରେକର୍ଡକୁ ବିଲିଙ୍ଗ୍ସ ଶେୟାର କରରିଥିଲେ। ପିଏସଏଲ ୨୦୨୫ରେ ବିଲିଙ୍ଗ୍ସ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ କରିଛନ୍ତି।

ସେ ୧୯ ବଲରେ ଅର୍ଦ୍ଧଶତକ ମାରିଥିଲେ। ସେହିପରି ବାବର ୨୦୨୫ ପିଏସଏଲରେ ସବୁ ଠାରୁ ଧିମା ଅର୍ଦ୍ଧଶତକ ହାସଲ କରିବାର ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ୪୭ ବଲରେ ୫୦ ରନ ପୂରଣ କରିଥିଲେ। ଭାରତ ଓ ପାକିସ୍ତାନ ବିବାଦ ଯୋଗୁ ଆଇପିଏଲ ଭଳି ପିଏସ୍ଏଲ ମଧ୍ୟ ପ୍ରାୟ ସପ୍ତାହ ଯାଏ ବନ୍ଦ ରହିଥିଲା। ଆଜି ଠାରୁ ଭାରତରେ ଆଇପିଏଲ ଆରମ୍ଭ ହେଉଥିବା ବେଳେ ପାକିସ୍ତାନରେ ମଧ୍ୟ ପିଏସ୍ଏଲ ଷ୍ଟାର୍ଟ ହେଉଛି। ଆଇପିଏଲର ଫାଇନାଲ ଜୁନ ୩ରେ ଖେଳାଯିବ। କିନ୍ତୁ ପିଏସଏଲ ଫାଇନାଲ ମେ' ୨୫ରେ ଅନୁଷ୍ଠିତ ହେବ ବୋଲି ପିସିବି ପକ୍ଷରୁ କୁହାଯାଇଛି।

# ୨୦୨୬ ଆଇପିଏଲ ଖେଳିବେ ଧୋନୀ

**ଚେନ୍ନାଇ,୧୭।୫:** ପୁଣି ଥରେ ଆଇପିଏଲ ୨୦୨୫ ଶନିବାର ଆରମ୍ଭ ହୋଇଯାଇଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁଁ ଲିଗର ୧୮ତମ ସିଜିନକୁ ମଝିରେ ବନ୍ଦ କରିବାକୁ ପଡିଥିଲା। ଏହି ସିଜିନରେ ୫ ଥର ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗ୍ସର ପ୍ରଦର୍ଶନ ଭଲ ନଥିଲା। ଦଳଟି ଚଳିତ ସିଜିନରୁ ପୂର୍ବରୁ ବାଦ ପଡ଼ିସାରିଛି। ଚେନ୍ନାଇ ସୁପର କିଙ୍ଗସ ଚଳିତ ସିଜିନରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୨ଟି ମ୍ୟାଚ ମଧ୍ୟରୁ କେବଳ ୩ଟିରେ ଜିତିଛି। ଚେନ୍ନାଇକୁ ୬ରେ ପରାଜୟର ସାମ୍ନା କରିବାକୁ ପଡିଥିଲା। ଚେନ୍ନାଇକୁ ଏବେ ୧୮ତମ ସିଜିନରେ ମାତ୍ର ୨ଟି ମ୍ୟାଚ ଖେଳିବାକୁ ପଡିବ। ଚେନ୍ନାଇ ସୁପରକିଙ୍ଗ ମେ' ୨୦ରେ ରାଜସ୍ଥାନ ରୟାଲ୍ସକୁ ଭେଟିବ। ଏହି ମ୍ୟାଚ ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ପରେ, ୫ ମେ'ରେ ଧୋନିଙ୍କ ସେନା ଗୁଜରାଟ ଟାଇଟାନ୍ସ ସହିତ ମୁକାବିଲା କରିବ। ଚେନ୍ନାଇର ନିୟମିତ ଅଧିନାୟକ ଋତୁରାଜ ଗାୟକୱାଡ ଆଘାତ ଯୋଗୁଁ ଏହି ସିଜିନରେ ଖେଳି ନଥିଲେ। ଏବେ ପୁଣି ଥରେ ମହେନ୍ଦ୍ର ସିଂହ ଧୋନିଙ୍କୁ ଚେନ୍ନାଇର ଅଧିନାୟକ ଦାୟିତ୍ୱ ଦିଆଯାଇଥିଲା। ତଥାପି, ମାହିଙ୍କ ଅଧିନାୟକତ୍ୱରେ ମଧ୍ୟ ସିଏସ୍କେର ଭାଗ୍ୟ ପରିବର୍ତ୍ତନ ହୋଇନଥିଲା।




ଆଇପିଏଲ ୨୦୨୫ ଶେଷ ହେବାକୁ ଯାଉଥିବାରୁ, ପ୍ରଶଂସକଙ୍କ ମନରେ ପ୍ରଶ୍ନ ଉଠୁଛି ଯେ ଧୋନି ଆଗାମୀ ସିଜିନରେ ଖେଳିବେ କି ନାହିଁ। ରିପୋର୍ଟ ଅନୁଯାୟୀ, ଧୋନି ମଧ୍ୟ ଆଇପିଏଲ ୨୦୨୬ ଖେଳିବେ। ଧୋନି ନିଜେ ଫ୍ରାଞ୍ଚାଇଜ ମାଲିକମାନଙ୍କୁ କୌଣସି ସୂଚନା ଦେଇନାହାଁନ୍ତି ଯେ ଏହା ତାଙ୍କର ଶେଷ ସିଜିନ। ଧୋନି କହିଛନ୍ତି ଯେ ସେ କିଛି ମାସ ପରେ ଏ ବିଷୟରେ ନିଷ୍ପତ୍ତି ନେବେ। ତଥାପି, ଧୋନି ଅଧିନାୟକ ରହିବାର ସମ୍ଭାବନା କମ। କହୁଣୀ ଆଘାତରୁ ସୁସ୍ଥ ହେବା ପରେ ଋତୁରାଜ ଗାୟକୱାଡଙ୍କୁ ଏହି ଦାୟିତ୍ୱ ଦିଆଯାଇପାରେ। ଗାୟକୱାଡଙ୍କ ଅଧିନାୟକତ୍ୱରେ ଚେନ୍ନାଇର ପ୍ରଦର୍ଶନ ଗତ ଦେଢ଼ ସିଜନରେ କିଛି ବିଶେଷ ହୋଇନାହିଁ।

ମହେନ୍ଦ୍ର ସିଂହ ଧୋନି ହେଉଛନ୍ତି ଆଇପିଏଲରେ ସର୍ବାଧିକ ମ୍ୟାଚ ଖେଳିଥିବା ଖେଳାଳି। ଏପର୍ଯ୍ୟନ୍ତ ସେ ୨୭୬ ମ୍ୟାଚର ୨୪୧ ଇନିଂସରେ ୩୮.୪୬ ହାରରେ ଏବଂ ୧୩୭.୬୩ ଷ୍ଟ୍ରାଇକ ରେଟ ସହିତ ୫୪୨୩ ରନ କରିଛନ୍ତି। ଏହି ସମୟ ମଧ୍ୟରେ ଧୋନି ୨୪ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ଓଟଖରେ ସର୍ବାଧିକ ରନ ସ୍କୋରରଙ୍କ ତାଲିକାରେ ଷଷ୍ଠ ସ୍ଥାନରେ ଅଛନ୍ତି।

# ରୋଷ୍ଟନ ଚେଜ ୱେଷ୍ଟଇଣ୍ଡିଜର ଅଧିନାୟକ

**ଜମାଇକା,୧୭।୫:** ରୋଷ୍ଟନ ଚେଜଙ୍କୁ ୱେଷ୍ଟଇଣ୍ଡିଜ ପୁରୁଷ ଟେଷ୍ଟ ଦଳର ନୂଆ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ୨ ବର୍ଷ ତଳେ ଅନ୍ତିମ ଟେଷ୍ଟ ଖେଳିଥିବା ୩୩ ବର୍ଷୀୟ ଚେଜ, କ୍ରେଗ ବ୍ରାଥୱେଟଙ୍କ ସ୍ଥାନ ନେବେ। ବ୍ରାଥୱେଟ ଗତ ମାର୍ଚ୍ଚରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଟେଷ୍ଟ ସିରିଜ ସହିତ ଚେଜଙ୍କ ଅଧିନାୟକ କ୍ୟାରିୟର ଆରମ୍ଭ ହେବ।

ଏହି ସିରିଜ୍ ସହିତ ଉଭୟ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ଦଳର ନୂଆ ୱାଲର୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଅଭିଯାନ ଆରମ୍ଭ ହେବ। ଜୋମେଲ ୱାରିକାନଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି। ଦଳର ନୂଆ ଅଧିନାୟକ ନିଯୁକ୍ତି ଲାଗି କ୍ରିକେଟ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ପକ୍ଷରୁ ଏକ ଇଣ୍ଟରଭ୍ୟୁ ପ୍ୟାନେଲ ଗଠନ କରାଯାଇଥିଲା। ଏଥିରେ ମୁଖ୍ୟ କୋଚ୍ ଡାରେନ ସାମି, ଡାଇରେକ୍ଟର ଅଫ କ୍ରିକେଟ ମାଇଲ୍ସ ବାସ୍କମ୍ବେ ଓ ଚେୟାରମ୍ୟାନ ଅଫ କ୍ରିକେଟ ଷ୍ଟ୍ରାଟେଜୀ ଏନୋଚ ଲୁଇସ ସଦସ୍ୟ ଥିଲେ। ଚେଜ ଏପର୍ଯ୍ୟନ୍ତ ୪୯ ଟେଷ୍ଟ ଖେଳି ୨୬.୩୩ ଆଭରେଜରେ ୫ ଶତକ ସହ ୨୨୬୫ ରନ କରିଛନ୍ତି। ତାଙ୍କ ନାମରେ ୮୫ ଉଇକେଟ ମଧ୍ୟ ରହିଛି। ଶାଇ ହୋପ ଦିନିକିଆ ଓ ଟି୨୦ ଫର୍ମାଟରେ ୱେଷ୍ଟଇଣ୍ଡିଜ ଦଳର ଅଧିନାୟକ ଅଛନ୍ତି।



# ସାମସଙ୍ଗ 'ଗାଲାକ୍ସି ଏମପାୱାରଡ' ସାମ୍ପ୍ରଦାୟିକ ଶିକ୍ଷା କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୧୭।୫ :** ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଭୁଟାନର ଉପାନ୍ତ ଅଂଚଳର ବିଭିନ୍ନ କୋଣରେ ରହିଥିବା ଉତ୍ସାହୀ ଶିକ୍ଷକମାନଙ୍କୁ ସାମ୍ପ୍ରଦାୟିକ ବୃଦ୍ଧି ନିମନ୍ତେ, 'ଗାଲାକ୍ସି ଏମପାୱାରଡ଼' ଯାହାକି ଏକ ସମ୍ପ୍ରଦାୟ ଅଗ୍ରଣୀ କାର୍ଯ୍ୟକ୍ରମ ଅଟେ ଶିକ୍ଷକ, ଅଧ୍ୟକ୍ଷ ତଥା ଶିକ୍ଷା କ୍ଷେତ୍ରରେ ପ୍ରଶାସକ ମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟ ନେଇ ଶିକ୍ଷା ପରିବର୍ତ୍ତନ ନିମନ୍ତେ ସ୍ୱାଗତ କରୁଅଛି।

'ଗାଲାକ୍ସି ଏମପାୱାରଡ଼' ଯାହାର ଶୁଭାରମ୍ଭ ଡ଼ିସେମ୍ବର ୨୦୨୪ ମସିହାରେ ଭାରତରେ ହୋଇଥିଲା, ପୃଷ୍ଠଭୂମିରେ ଏହାର ପୁନରାବୃତି ଏବଂ ଅନଲାଇନ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ଆସନ୍ତାକାଲିର ଶିକ୍ଷକମାନଙ୍କୁ ଶ୍ରେଣୀଗୃହ ନିମନ୍ତେ ପ୍ରସ୍ତୁତ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଅଟେ। ନିମଜ୍ଜିତକାରୀ କର୍ମଶାଳା ଏବଂ ସହଯୋଗୀ ଶିକ୍ଷା ଜରିଆରେ, ବର୍ତମାନ ଭୁଟାନର ଶିକ୍ଷକମାନେ ଏହି ଆନ୍ଦୋଳନର ଏକ ଅଂଶବିଶେଷ ଭାବରେ ଶ୍ରେଣୀଗୃହ ଗୁଡ଼ିକୁ ଟେକ୍ନୋଲଜି ଏବଂ ନବୀକରଣ ସହିତ ପୁନଃ-ସଂଜ୍ଞାକରଣ କରିପାରିଛନ୍ତି।

ସାମସଙ୍ଗ 'ଗାଲାକ୍ସି ଏମପାୱାରଡ଼' ଏକ ନିମଜ୍ଜିତକାରୀ କାର୍ଯ୍ୟକ୍ରମ ସେହି ଶିକ୍ଷାଦାତାଙ୍କ ପାଇଁ ଆୟୋଜନ କରିଛି ଯେଉଁଥିରେ ଅଧିକାଂଶ ନିଜର ସେବା ପ୍ରଦାନ କରିଛନ୍ତି, ଯେଉଁମାନେ କି ଭୁଟାନର ଉପାନ୍ତ ଅଂଚଳରେ ରହୁଥିବା ଅବହେଳିତ ସମ୍ପ୍ରଦାୟର ଅଟନ୍ତି, ଯାହାରକି ଗୁରଗାଓଁ ଠାରେ ଏହାର ଏକ୍ସିକୁଟିଭ ବିଜିନେସ ସେଂଟର (ଇବିସି) ଅବସ୍ଥିତ ଅଟେ। ଏହି ନିମଜ୍ଜିତକାରୀ କାର୍ଯ୍ୟକ୍ରମର ଶିକ୍ଷକମାନେ ଗାଲାକ୍ସି ଇକୋସିଷ୍ଟମ ସହିତ ନିଜର ନିଜସ୍ୱ ଅଭିଜ୍ଞତା ଲାଭ କରିପାରିବେ ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ଗାଲାକ୍ସି ସ୍ମାର୍ଟଫୋନ, ଗାଲାକ୍ସି ବୁକ୍ସ, ଟାବଲେଟ, ଫ୍ଲିପବୋର୍ଡ଼ ଏବଂ ଡ଼ିସପ୍ଲେ।

ଏଥିସହିତ ସେମାନଙ୍କ ପାଖରେ ସାମସଙ୍ଗର ଅଧୁନତମ ଶିକ୍ଷାରେ ଥିବା ନବୀନତମକୁ ଉପସ୍ଥାପିତ କରାଯିବ ଯାହା ମଧ୍ୟରେ ରହିଛି ଗାଲାକ୍ସି ଉପକରଣ ଏବଂ ଗାଲାକ୍ସି ଏଆଇ ବ୍ୟବହାରକାରୀତାର ନିଜସ୍ୱ ଆଧୁନିକତମ ଜ୍ଞାନକୌଶଳ ଯାହା ମଧ୍ୟରେ ସାମିଲ ରହିଛି ଶିକ୍ଷାଦାନ।

# ପ୍ରେମାନନ୍ଦ ମହାରାଜଙ୍କ ଶରଣରେ ବିରୁଷ୍କା

**ନୂଆଦିଲ୍ଲୀ,୧୭।୫:** ଭାରତୀୟ କ୍ରିକେଟ ଟିମର ପୂର୍ବ ଅଧିନାୟକ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ନେବାର ଗୋଟିଏ ଦିନ ପରେ ଉତ୍ତରପ୍ରଦେଶର କୃଷ୍ଣନଗରୀ ବୃନ୍ଦାବନରେ ପହଞ୍ଚିଥିଲେ । କୋହଲିଙ୍କ ସହ ତାଙ୍କ ପତ୍ନୀ ଅନୁଷ୍କା ଶର୍ମା ମଧ୍ୟ ବୃନ୍ଦାବନ ଯାଇଛନ୍ତି । ମଙ୍ଗଳବାର ସକାଳୁ ସେ କେଳି କୁଞ୍ଜ ଆଶ୍ରମରେ ପହଞ୍ଚି ପ୍ରେମାନନ୍ଦ ମହାରାଜଙ୍କ ଆଶୀର୍ବାଦ ନେଇଥିଲେ। ବିରାଟ୍ ଏବଂ ଅନୁଷ୍କା ପ୍ରେମାନନ୍ଦ ମହାରାଜଙ୍କ ସହ ୧୫ ମିନିଟ୍ ଏକାନ୍ତରେ ବାର୍ତ୍ତାଳାପ କରିଥିଲେ। ଦମ୍ପତି ଆଶ୍ରମରେ ୨ ଘଣ୍ଟା ୨୦ ମିନିଟ୍ ସମୟ ରହିଥିଲେ । ପ୍ରେମାନନ୍ଦ ମହାରାଜଙ୍କ ସହ ବାର୍ତ୍ତାଳାପ କରି ଫେରିବା ବେଳେ କୋହଲି ଦମ୍ପତି କାରରେ ମାସ୍କ ଲଗାଇ ବସିଥିବାର ନଜର ଆସିଥିଲେ। ଏହିଠାରୁ ଦୁହେଁ ଦିଲ୍ଲୀ ଗସ୍ତ କରିଥିଲେ। ଗତକାଲି ଯେତେବେଳେ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ନେବା ପୂର୍ବରୁ ମୁମ୍ବାଇ ବିମାନ ବନ୍ଦରରେ ସ୍ପଟ୍ ହୋଇଥିଲେ ଫ୍ୟାନ୍ସ ଭାବିଥିଲେ ଯେ ସେ ବିଦେଶ ଛୁଟିରେ ଯାଇଥିବେ। କିନ୍ତୁ ବିରୁଷ୍କା ଅଚାନକ ବୃନ୍ଦାବନରେ ପହଞ୍ଚିବାକୁ ନେଇ ଫ୍ୟାନ୍ସ ଖୁସି ବ୍ୟକ୍ତ କରିଛନ୍ତି। ତେବେ ଏହାକୁ ନେଇ ୩ ଥର କୋହଲି ଦମ୍ପତି ପ୍ରେମାନନ୍ଦ ମହାରାଜଙ୍କ ପାଖକୁ ଆସିଛନ୍ତି। ଏହା ପୂର୍ବରୁ ୨୦୨୩ ଜାନୁଆରିରେ ଏବଂ ଚଳିତବର୍ଷ ଜାନୁଆରୀ ମାସରେ ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମକୁ ଯାଇଥିଲେ କୋହଲି ଦମ୍ପତି। ବିରାଟ ଏବଂ ଅନୁଷ୍କା ଦୁହେଁ ସନ୍ଥ ପ୍ରେମାନନ୍ଦ ମହାରାଜଙ୍କ ଭକ୍ତ।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ